ଏକଟ ବାଇଗ ।
ସୁଅଜ ପେଜ ।
ଅଟମେଟିକ ପେନ୍‌ସିଲ୍ ଅ-ର୍ଥାତ୍ ଏ ପେନ୍‌ସିଲ୍‌ରେ ଲେଖି କାଟିବା ପେନ ଲଗି ଛୁଞ୍ଚା ରହି ପେନସିଲ୍ ଲେଖା ସ୍ରଲେ ଲେଖା ତାହାର ପେଲେ ଦର୍ଶ ଦିନ ନ ଲାଗେ ।
କଟେଜ ଘେଟର ।
କବସିଜ ଡେଲରେ ଝାଉ-ଦାର ଝାଡ଼ ।
ଲଣ୍ଠନ ଗ୍ଲୋବର ଅଥାତ୍ ଡଠୀର ଦଣ୍ଡ ସମ୍ପ୍ରଦାୟ ଉଚିତ ।
ମିଶାଖା ।
କେଷ୍ଟ ରୁ, ଖେଳୁଣିଙ୍କ ରଙ୍ଗ ବୋତଲ
ଜହାଜରୀ ଶାଢ଼ୀ ଓ ଯୋଡ଼ ଓ ଜଡ଼ି
ମରକ୍ତଦାବାଣ ଓ ଫିତ-ପାତ ଖାଟରୋଜ ଓ ଘାଟି ।
ଟ୍ରିଙ୍ଗ ବାକ୍ସ

ଅଦ୍ଧଚନ୍ଦ୍ରକ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ନିୟମ । ଫେଲଲ୍-ପିଠ ପୃଷ୍ଠେ ଷାଟ ବୋଧଦଣ୍ଡ ଲିଖା ।—

ପ୍ରଥମଥର ସକାଶେ

| | |
|---|---|
| ଅଧ ସ୍ତମ୍ଭ | ଟ ୦୮ |
| ଏକ ସ୍ତମ୍ଭର | ଟ ୨୦ |
| ପୂର୍ଣ୍ଣ ଏକ ସ୍ତମ୍ଭର | ଟ ୦ |

ମାତ୍ର କୌଣସି ବିଜ୍ଞାପନ ଲେଖେ ଛଡ଼ି ବେଳେବେଳେ ଦଶ୍ଚ ନ ଥିବ ଟ ୦୮ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏକ୍ ତୃତୀୟ ଅର୍ଦ୍ଧେକ ହେବା ଓ ଦ୍ୱିଗୁଣ ଅଧିକରେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନ ମୂଲ୍ୟ ଅଗ୍ରିମ ଦେବେ ଏଠାରେ ହେବ

---

ଶ୍ରୀ ଏହି ଉତ୍କଳଦୀପିକା କଟକ ସହର ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୨ ଶ
ସଂ ୨୫ ସଂଖ୍ୟା
ତା ୧୮ ଇଙ୍ଗ ମାସେ ଜୁନ ସନ ୧୮୮୭ ମସିହା । ମା । ଆଷାଢ଼ ୭ ଯୁ ୭ ସନ ୧୨୯୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦ୍ଦେୟ ଟ ୬୲

ଗତ ତୋଫାନରେ ଯେଉଁମାନଙ୍କର ଅନିଷ୍ଟ ହୋଇଅଛି ସେମାନଙ୍କ ପ୍ରତି ସମବେଦନା-ସୂଚକ ସହାନୁଭୂତି ପ୍ରକାଶକ ଖଡ଼ିଏ ଚାରିଟାର୍ଗ ପଠାଇଥିବାରୁ ଅମ୍ଭମାନଙ୍କର ମାନ୍ୟବର ଲେପ୍ଟେନାଣ୍ଟମହୋଦୟ ତାହା ସର୍ବସାଧାରଣଙ୍କ ଅବଗତି-ନିମନ୍ତେ ସମ୍ବାଦପତ୍ରରେ ପ୍ରକାଶ କରି ଅଛନ୍ତି । ଦୟାବତୀ ଭିକ୍ଟୋରିୟା ଭାରତରେ ପ୍ରଜାଙ୍କର ଜନନୀ ଅଛନ୍ତି ତେଣୁ ଜୁବିଲୀମହୋତ୍ସବ କାଳରେ ସୁଦ୍ଧା ଲୋକଙ୍କ ବିପଦ ଶୁଣି ଦୁଃଖିତ ହୋଇ ଆନୁକୂଲ୍ୟ ଦେବାକୁ ତ୍ରୁଟି କରି ନାହାନ୍ତି ।

---

ଶ୍ରୀ ବାମଣ୍ଡାଧିପତିଙ୍କ ସାହାଯ୍ୟରେ ସମ୍ପାଦକ-ସମ୍ବାଦପତ୍ର ଚଳୁଅଛି ବୋଲି ବହୁତ ଦିନରୁ ସମସ୍ତଙ୍କୁ ଜଣାଅଛି ଏବଂ ସ୍ୱୟଂ ସମ୍ପାଦକ ବହୁ ପୂର୍ବରୁ ତାହା ସ୍ୱୀକାର କରିଅଛନ୍ତି । ଏ ସ୍ଥଳେ ଗତ ପୂର୍ବ ସଂଖ୍ୟାଠାରୁ ସମ୍ପାଦକର ଶୀର୍ଷ ଦେଶରେ ବଡ଼ ବଡ଼ ଅକ୍ଷରରେ "ବାମଣ୍ଡାଧିପତି ଶ୍ରୀ ଶ୍ରୀ ଯୁକ୍ତ ଦେବଙ୍କ ସୁପ୍ରସାଦରୁ ପ୍ରକାଶିତ" ଇତ୍ୟାଦି କଥାମାନ ଲେଖାଯାଉଥିବାର ବିଶେଷ ତାତ୍ପର୍ଯ୍ୟ କି ସର୍ବସାଧାରଣ ବୁଝି ନ ପାରି ବଡ଼ ବିସ୍ମୟରେ ପଡ଼ିଅଛନ୍ତି । ସମ୍ବାଦ-ଯୋଗୀ ଏଥିର ମର୍ମ ବୁଝାଇଦେଲେ ବଡ଼ ଭଲ ହେବ ।

---

ଜଗତସିଂହପୁରର ଷ୍ଟାମ୍ପବିକ୍ରେତାମାନେ ଅତିରିକ୍ତ ମୂଲ୍ୟ ନେଉଥିବା ବିଷୟରେ କେତେକ ଜଣ ସ୍ଥାନୀୟ ଲୋକ କଲେକ୍ଟର ସାହେବଙ୍କ ନିକଟରେ ଦରଖାସ୍ତ କରି ସ୍ଥାନୀୟ ତଦନ୍ତର ପ୍ରାର୍ଥନା କରିଥିଲେ ମେ କଲେକ୍ଟର ତାହା ନ କରି ଦରଖାସ୍ତକାରୀଙ୍କଠାରୁ ପ୍ରମାଣ ତଲବ କରିଅଛନ୍ତି । ଅମ୍ଭମାନଙ୍କ ବିବେଚନାରେ କଲେକ୍ଟର ସାହେବଙ୍କର ଏ କାର୍ଯ୍ୟ ଭଲ ହୋଇ ନାହିଁ । ଷ୍ଟାମ୍ପବିକ୍ରେତାଙ୍କ ଚରିତ-ପ୍ରତି ଦୃଷ୍ଟି ରଖିବା ଓ ତହିଁର ଅନୁସନ୍ଧାନ ନେବା କଲେକ୍ଟରଙ୍କର କର୍ତ୍ତବ୍ୟ ଅଟଇ ଯେହେତୁ ତଦ୍ଦ୍ୱାରା ରାଜସ୍ୱ ବୃଦ୍ଧି ହେବାର କଥା ପକ୍ଷାନ୍ତରରେ କୋ ୧୬ ଶ ବାଟରୁ ସାକ୍ଷୀ ଆଣି ଏଠାରେ ପ୍ରମାଣ ନେବା କେତେ ଦାୟଗ୍ରସ୍ତ ବ୍ୟକ୍ତି ବିନା ଅନ୍ୟଲୋକ ପକ୍ଷରେ ସମ୍ଭବ ନୁହଇ । ଏ ପ୍ରକାର କାର୍ଯ୍ୟ ଯେବେ ସଦର ମୁକାମରେ ହେବ ତେବେ ହାକିମମାନଙ୍କର ମୋଫସଲ ବୁଲିବା ଓ ମୋଫସଲରେ କର୍ମଶୂନ୍ୟ ରହିବାର ପ୍ରୟୋଜନ କଅଣ ?

---

ଶ୍ରୀଜଗନ୍ନାଥମହାପ୍ରଭୁଙ୍କ ସ୍ନାନଯାତ୍ରା ଉତ୍ତମରୂପେ ନିର୍ବାହ ହୋଇଥିବାର ଜଣେ ସମ୍ବାଦଦାତା ଲେଖିଅଛନ୍ତି । ପ୍ରାୟ ୮।୧୦ ହଜାର ଯାତ୍ରୀ ଉପସ୍ଥିତ ହୋଇଥିଲେ ମାତ୍ର ସେମାନେ ଉତ୍ତମ ଦର୍ଶନ ନ ପାଇ ଅସନ୍ତୁଷ୍ଟ ହେବାର କଥିତ ହୁଅଇ । ବାବୁ ରାଜଗୋପାଳ ରାୟ ଓ ବାବୁ ମନୋମୋହନ ଚକ୍ରବର୍ତ୍ତୀ ଡେପୁଟୀମାନେ ସ୍ନାନଯାତ୍ରାଠାରୁ ରଥଯାତ୍ରା ଶେଷପର୍ଯ୍ୟନ୍ତ ଯାତ୍ରୀ ସମ୍ବନ୍ଧୀୟ ସକଳ କାର୍ଯ୍ୟର ବ୍ୟବସ୍ଥା କରିବାର ଭାର ପାଇ ତଦନୁସାରେ କାର୍ଯ୍ୟ କରୁଅଛନ୍ତି । ଆଜି ଜଣେ ଲେଖି ଅଛନ୍ତି କି ଟାକ୍ସଭୟରେ ଅନେକ ଯାତ୍ରୀ ଘର ଭଡ଼ା ନ ନେଇ ବାଟ ଘାଟ ଓ ଗଛମୂଳରେ ପଡ଼ିରହୁଲେ । ଏକଥା ସତ୍ୟ ହେଲେ ମିଉନିସପଲ ଓ ହେଲଥ ଅଫିସରଙ୍କର ସତର୍କ ହେବା ଉଚିତ । ଲୋକଙ୍କ ସ୍ୱାସ୍ଥ୍ୟରକ୍ଷା ସକାଶେ ଟିକ୍ସ ବସିଅଛି ଯେବେ ସେହି ଟିକ୍ସ ଭୟରେ ପଦାରେ ପଡ଼ି ପୀଡ଼ିତ ହେଲେ ତେବେ ତେମନ୍ତ ଟିକ୍ସ ଓ ଥାଇନ ଉଠିଯିବା ଭଲ ।

---

ଅନ୍ୟାନ୍ୟ ପରୀକ୍ଷାର ଫଳ ପରି ଏଥର ପ୍ରାଇମେରୀ ପରୀକ୍ଷାର ଫଳ ମଧ୍ୟ ଅତ୍ୟନ୍ତ ସନ୍ତୋଷଜନକ ହୋଇଅଛି । ଗତବର୍ଷ ଜ ୬୧୩ ଣ-ମଧ୍ୟରୁ ଜ ୪୨୭ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ଜ ୭୯୯ ଣ ମଧ୍ୟରୁ ଜ ୫୩୫ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । କେବଳ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଗତ ବର୍ଷରୁ କ୍ରମାଗତ ଊଣା ହୋଇ ଆସୁଥିବାରୁ (ଗତପୂର୍ବ ବର୍ଷ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଜ ୭୨୦ ଣ ଥିଲ) ଏ ଶିକ୍ଷାର କିଛି ଅବନତି ସୂଚିତ ହେବା ପରି ବୋଧ ହେଉଅଛି ଓ ତହିଁର କଣ କାରଣ ଅମ୍ଭେମାନେ ଜାଣି ପାରୁ ନାହୁଁ । ପାରଦର୍ଶିତା ଅନୁସାରେ ଗତବର୍ଷ କଟକ ପ୍ରଥମ ପୁରୀ ଦ୍ୱିତୀୟ ଓ ବାଲେଶ୍ୱର ଜୟ ହୋଇଥିଲା ଏବର୍ଷ ମଧ୍ୟ କଟକ

Digitized by srujanika@gmail.com

Split by PDF Splitter



ପ୍ରଥମ, କଲିକତା ଗଡ଼ଜାତ ଦ୍ବିତୀୟ ଓ ପୁରୀ ତୃତୀୟ ଓ ବାଲେଶ୍ବର ଚତୁର୍ଥ ହୋଇଅଛି । କଟକଜିଲ୍ଲା କେବଳ ପ୍ରଥମ ହୋଇଅଛି ଏମନ୍ତ ନୁହେ ଏଠାର ହିନ୍ଦୁ ବାଳିକା ବିଦ୍ୟାଳୟର ଏକ ଛାତ୍ରୀ ଓଡ଼ିଶା ମଧ୍ୟରେ ଏବର୍ଷ ସର୍ବ ପ୍ରଥମ ହୋଇଅଛି ଏବଂ ଉହିଁ ଭଳେ ଫିମେଲ ଅଲ୍‌ପେନେକ୍ସର ୬ ୩ ଣ ଛାତ୍ରୀ ଉଠୁଅଛନ୍ତି । ସୁତରାଂ ପ୍ରଥମ ସ୍ଥାନ ସ୍ତ୍ରୀ କୃତଜ୍ଞ ବାଳିକା ଅଧିକାର କରିଅଛନ୍ତି ବଡ଼ ପ୍ରଶଂସାର ବିଷୟ ଅଟଇ ଏବଂ ଶାମଗ ଭିଲେନ୍ସକ୍ସଙ୍କ କୃତକାର୍ଯ୍ୟ ବର୍ଷରେ ଏଥର ହେବା ଗୋଟିଏ ସୁଖଘଟନା ବୋଲିବାକୁ ହେବ ।

---

ସନ ୧୮୮୫।୮୬ ସାଲର ବଙ୍ଗପ୍ରଦେଶର ପଥକର ଏବଂ ପ୍ରଦେଶୀୟକରର । ବାର୍ଷିକ ହିସାବ ସମ୍ବନ୍ଧରେ ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କ ମନ୍ତବ୍ୟ ବାହାରିଅଛି । ଉହିଁରୁ ପ୍ରକାଶ ଯେ ଏହି କରମାନଙ୍କର ଜମା ପ୍ରତିବର୍ଷ ବୃଦ୍ଧି ହେଉଥିଲେହେଁ ଉସୁଲ କାର୍ଯ୍ୟ ବଡ଼ ସନ୍ତୋଷଜନକ ହେଉ ନାହିଁ ଏବଂ ବାକିର ପରିମାଣ କ୍ରମଶଃ ବୃଦ୍ଧି ହେଉଅଛି । ଦିଆଯିବା ବର୍ଷର ମୋଟ ଜମା ଟ୮୧୬୨୧୧୭ ଙ୍କା ମଧ୍ୟରୁ ଟ ୭୬୮୮୨।୯ ଙ୍କା ଅଦାୟ ହୋଇ ଟ ୧୩୮୦୯୮ ଙ୍କା ବାକି ପଡ଼ିଥିଲା । ଏଥିପୂର୍ବବର୍ଷ ଟ ୧୪୨୭୩୯୯ ଙ୍କା ଏବଂ ତହିଁ ପୂର୍ବବର୍ଷ ଟ ୧୬୨୩୫୮୯ ଙ୍କା ବାକି ପଡ଼ିଥିଲା । ଏଥିରେ ଗବର୍ଣ୍ଣମେଣ୍ଟ ବଡ଼ ଅସନ୍ତୋଷ ପ୍ରକାଶ କରି ବାକି ଅଦାୟ ପଡ଼ରେ ବିଶେଷ ଚେଷ୍ଟା କରିବାକୁ ହେବା କାରଣ କାଳେକ୍ଟରମାନଙ୍କୁ ଲେଖିଅଛନ୍ତି । ଯେ ସମସ୍ତ ଜିଲ୍ଲାରେ ବକେୟା ଅଦାୟ ଭଲ ହେଉ ନାହିଁ ଉହିଁ ମଧ୍ୟରେ କଟକ ଓ ପୁରୀର ନାମ ଅଛି । ବଙ୍ଗଳାର ପୁର୍ଣ୍ଣିୟା ଦାରଜିଲିଂ ହୋଗଲି ଓ ସ୍ଥଳବାହରେ ସମସ୍ତ ବକେୟା ଅଦାୟ ହୋଇଥିବାରୁ ଲେପ୍ଟେଣ୍ଟ ସାହେବ ସନ୍ତୋଷ ପ୍ରକାଶ କରିଅଛନ୍ତି ।

ଏହି ମନ୍ତବ୍ୟରୁ ପ୍ରକାଶ ଯେ କଟକ ଜିଲ୍ଲାର ଖାସ ବନ୍ଦୋବସ୍ତ ଶେଷ ହୋଇ ଟ ୨୫୧୫୨୯ ଙ୍କା କରବୃଦ୍ଧି ହୋଇଅଛି । ଖୋର୍ଦ୍ଧା ସାଗରମାଲ ଭଲ ହୁକୁମ୍ ଅର ସମସ୍ତ ଅଂଶର ବନ୍ଦୋବସ୍ତ ଶେଷ ହୋଇଅଛି ଏବଂ ବାଲେଶ୍ବରର କାର୍ଯ୍ୟ ଅଦ୍ୟାପି ଅସମାପ୍ତ ରହିଅଛି ।

---

କଲିକତା ବିଶ୍ବବିଦ୍ୟାଳୟର ପ୍ରବେଶିକା ପରୀକ୍ଷାର ଫଳ ସର୍କାରୀ ଗେଜେଟରେ ବାହାରିଅଛି । ପ୍ରଥମ ଶ୍ରେଣୀରେ ଜ ୯୧୧ ଣ ୨ୟ ଶ୍ରେଣୀରେ ଜ ୧୭୩୯ ଣ ଏବଂ ତୃତୀୟ ଶ୍ରେଣୀରେ ଜ ୬୩୭ ଣ ସର୍ବସୁଦ୍ଧା ଜ ୩୩୦୭ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ପରୀକ୍ଷାର୍ଥିଙ୍କ ସଂଖ୍ୟା ପ୍ରାୟ ପାଞ୍ଚହଜାର ଥିଲା । ଗତବର୍ଷ ଜ ୪୩୯୪ ଣ ପରୀକ୍ଷାର୍ଥିଙ୍କ ମଧ୍ୟରୁ କେବଳ ଜ ୧୩୩୭ ଣ ପାସ କରିଥିଲେ । ସୁତରାଂ ଗତବର୍ଷ ତୁଳନାରେ ଏବର୍ଷର ଫଳ ଅତ୍ୟନ୍ତଭଲ ହୋଇଅଛି ଏବଂ ଅନ୍ୟାନ୍ୟ ବର୍ଷ ସଙ୍ଗେ ତୁଳନା କଲେ ମଧ୍ୟ ଏବର୍ଷ ଯେମନ୍ତ ସୁଫଳ ହୋଇଅଛି ଏମନ୍ତ କେବେ ହୋଇ ନାହିଁ । ଗତବର୍ଷ ଏହି ପରୀକ୍ଷା ଯେଉଁ ଯେତେ ଅବୋଧନ ହୋଇଥିଲା ସେ-ସବୁ ବ୍ୟର୍ଥ ହୋଇ ନାହିଁ ବୋଲିବାକୁ ହେବ । ପ୍ରକୃତରେ ପରୀକ୍ଷାର୍ଥିଙ୍କ ପ୍ରତି ଏବର୍ଷ ଯଥେଷ୍ଟ ସୁବିଚାର ହୋଇଅଛି ।

ଓଡ଼ିଶାରେ ଗତବର୍ଷ ଜ ୪୬ ଣ ପରୀକ୍ଷାର୍ଥିଙ୍କ ମଧ୍ୟରୁ ଜ ୨୨ ଣ ଉତ୍ତୀର୍ଣ୍ଣ ହୋଇଥିଲେ । ଏବର୍ଷ ଜ ୬୦ ଣଙ୍କ ମଧ୍ୟରୁ ଜ୫୫ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏହାର ଫଳ ଅଶାତିରିକ୍ତ ସନ୍ତୋଷଜନକ ଅଟଇ । ପାଠାଇବା ପାଠଶାଳଙ୍କ ମଧ୍ୟରୁ କଟକ କଲେଜିଏଟ ସ୍କୁଲ ଓ ପୁରୀ ଓ ବଦରକ ସ୍କୁଲର ଏକ ଜଣ ଲେଖାଏ ଏବଂ କେନ୍ଦ୍ରାପଡ଼ା ସ୍କୁଲର ଦୁଇଜଣ ଅଟନ୍ତି ଅପର ସ୍କୁଲମାନଙ୍କର ସମସ୍ତ ପିଲା ପାସ କରିଅଛନ୍ତି । କଲେଜିଏଟ ସ୍କୁଲରୁ ଅଧିକ ଛାତ୍ର ପାସ କରିଥିଲେହେଁ ଏବର୍ଷ ବାଲେଶ୍ବର ସ୍କୁଲର ଫଳ ଓଡ଼ିଶାରେ ସର୍ବୋତ୍କୃଷ୍ଟ ବୋଲିବାକୁ ହେବ କାରଣ ଏ ବିଦ୍ୟାଳୟର ସମସ୍ତ ପିଲା ପାସ କରିଅଛନ୍ତି ଏବଂ ତିନି ଜଣରୁ ଅଧିକ ପ୍ରଥମ ଶ୍ରେଣୀରେ ସ୍ଥାନ ପାଇଅଛନ୍ତି । ଭଦ୍ରକ କେନ୍ଦ୍ରାପଡ଼ା ଓ ମିଶନସ୍କୁଲମାନଙ୍କର ଫଳ ଉତ୍ତମ ହୋଇଅଛି ଯଦ୍ୟପି ସନ୍ତୋଷଜନକ ଅଟଇ । ସମସ୍ତ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେହେଁ ପ୍ରଥମଶ୍ରେଣୀରେ କାହାର ନାମ ନ ଉଠିବା ଦୁଃଖ ବିଷୟ ନାହିଁ । ଯାଜପୁର ସ୍କୁଲ କେନ୍ଦ୍ରାପଡ଼ା ସ୍କୁଲ ସହିତ ପ୍ରାୟ ଏକ ସମୟରେ ସ୍ଥାପିତ ହୋଇଥିବା ସ୍ଥଳେ ଏଥିରୁ କେହି ପରୀକ୍ଷା ଦେବାକୁ ନ ପାରିବା ବଡ଼ ମନ୍ଦ କଥା ଅଟଇ । କର୍ତ୍ତୃପକ୍ଷଙ୍କର ଏ ବିଦ୍ୟାଳୟ ପ୍ରତି ବିଶେଷ ଦୃଷ୍ଟି ରଖିବାର ଅତ୍ୟନ୍ତ ଆବଶ୍ୟକ ହୋଇଅଛି ।

---

## ମୟୂରଭଞ୍ଜ ।

କଣ୍ଟ୍ରିବ୍ୟୁଟର ଡେଲିନ୍ୟୁସରୁ ଜଣାଯାଏ ଯେ ମୟୂରଭଞ୍ଜର ବର୍ତ୍ତମାନ ରାଜାଙ୍କ ନାବାଳଗ ସମୟରେ ଲୁପ୍ତ ହୋଇ ଥିବା ଗୋହାଳମାରା ଜମା ଖୁଣ୍ଟିବାକୁ ଦାବି କରାଯାଇ ଜଣେ ଇଂରାଜ କର୍ମଚାରୀଙ୍କ ହସ୍ତରେ ଦିଆଯିବା ପ୍ରସଙ୍ଗରେ ଲୋକଲପ୍ପଡ଼ିଏ ପ୍ରଶ୍ନ କରନ୍ତି ପାର୍ଲିମେଣ୍ଟରେ ଭକ୍ତ ସାହାର ଜେନେରାଲ ସେକ୍ରେଟେରି ଲେଥବ୍ରିଜ ସାହେବ ଭାରତବର୍ଷୀୟ ସେକ୍ରେଟାରିଙ୍କ ପଚାରିଥିବେ । ଉକ୍ତ ପ୍ରଶ୍ନମାନ ଏହି ଉକ୍ତ ରାଜ୍ୟର କାର୍ଯ୍ୟ ଚଳାଇବାର ଭାର ନାବାଳଗ ରାଜାଙ୍କର କୌଣସି କୁଟୁମ୍ବକୁ ଦିଆ ନ ଯାଇ ତହିଁ ଛାଡ଼ି ଜଣେ ଇଂରାଜ କର୍ମଚାରୀ ନିଯୁକ୍ତ ହୋଇଅଛି କି ନା ? ଏପରି ହୋଇଥିଲେ କେଉଁ ଅଧିକାର ଅନୁସାରେ ହୋଇଅଛି ? ରାଜାଙ୍କର ମାତା ଓ ଖୁଡ଼ୀମା ପ୍ରଭୃତି ଏପରି ବନ୍ଦୋବସ୍ତଦ୍ୱାରା ସ୍ୱଜନକୁଳର ଅମୋଘ ଦୁର୍ଦ୍ଦଶାମାନଙ୍କର ବିବାଦରେ ପ୍ରତିକୂଳ ଏବଂ ଅନ୍ୟ ପ୍ରକାରରେ କୁଳମର୍ଯ୍ୟାଦାର ହାନି ହେବାର ଆପତ୍ତି କରିଥିଲେ କି ନା ? ନାବାଳଗ ରାଜାଙ୍କ ପିତା ଆପଣା ଜୀବଦଶାରେ ଆପଣାର ଏକ ପୁତ୍ର ଅର୍ଥାତ୍ ନାବାଳଗ ରାଜାଙ୍କର ଏକ ଖୁଡ଼ୀମାଙ୍କୁ ଅପଣାଙ୍କଜୀବନରେ ଏହି ପ୍ରକାର ଭାରନ୍ୟସ୍ତ ଅର୍ପଣ କରିଥିଲେ କି ନା ? ଏବଂ ଏ ସମ୍ବନ୍ଧରେ କୌଣସି ଗୁହାର ହୋଇଥିଲେ ଗଭର୍ଣ୍ଣମେଣ୍ଟ ତହିଁର ପ୍ରତାପ ଓ ସ୍ୱାଧୀନ ଅନୁସନ୍ଧାନ କରିଅଛନ୍ତି କି ନା ? ଏହାର ଉତ୍ତରରେ ଗଭର୍ଣ୍ଣର କାହାର ଘରି ବାଇଲେ ଏ ପ୍ରଶ୍ନମାନ ଦେବାର କଥା ଥିଲା ସୁତରାଂ ସେକ୍ରେଟରି ମହୋଦୟ ଏଥିର କୌଣସି ଉତ୍ତର ଦେଲେ ଜଣାଇବାର ସମୟ ହୋଇ ନାହିଁ । ଅତଏବ ଏସମ୍ବନ୍ଧରେ ଭବିଷ୍ୟତ ପାରେ । ଯାହା ହେଉ ମୟୂରଭଞ୍ଜର କଥା ଯେ ପାର୍ଲିମେଣ୍ଟରେ ଉଠିଲା ବଡ଼ ସୁଖର ବିଷୟ ଅଟଇ । ଏପରି ପ୍ରସଙ୍ଗମାନ ଯେତେ ଅଧିକ ପାର୍ଲିମେଣ୍ଟରେ ପଡ଼ିବ ଆମ୍ଭମାନଙ୍କର ସେତେ ଉପକାର କାରଣ ଏଠା ରାଜମାନଙ୍କ ସାବଧାନ ହୋଇ ଶୁଣିବେ ଦେଶୀୟମାନଙ୍କ କାର୍ଯ୍ୟ କରିପାରିବେ ନାହିଁ । ସର୍କାରୀ ଲୋକମାନେ ଉପରଲିଖିତ ପ୍ରଶ୍ନମାନଙ୍କ ସଙ୍ଗେ ନାବାଳଗ ରାଜାଙ୍କର ଶିକ୍ଷାବିଷୟରେ ଗୋଟିଏ ପ୍ରଶ୍ନ ଯୋଗ କରିଥିଲେ ଅତ୍ୟନ୍ତ ଭଲ ହୋଇଥାନ୍ତା ଅର୍ଥାତ୍ ନାବାଳଗ ରାଜାଙ୍କ ଶିକ୍ଷାନିମିତ୍ତ ଜଣେ ଇଂରାଜ ଶିକ୍ଷକ ନିଯୁକ୍ତ ହୋଇଅଛନ୍ତି କି ନା ଏବଂ ତାହାଙ୍କୁ କେଉଁ ଭାବରେ ଶିକ୍ଷା ଦିଆଯାଉ

Digitized by srujanika@gmail.com

Split by PDF Splitter



ଯାଉଅଛୁ ତହିଁରେ ଲେଖାପଢା ଅପେକ୍ଷା ସାହେବ ସଜାଇବା ଏବଂ ଆପଣା କୁଳଧର୍ମାନୁମୋଦିତ ରୀତି ନୀତି ଛଡ଼ାଇବାର ବିଶେଷ ଉପାୟ ହୋଇଅଛୁ କି ନା ଓ ହିନ୍ଦୁରାଜ ନାବାଳଗ ରାଜାଙ୍କର ସ୍ୱାସ୍ଥ୍ୟ ଭଙ୍ଗ ହୋଇଅଛୁ କି ନା ? ଆମ୍ଭମାନଙ୍କ ବିବେଚନାରେ ଶେଷଲିଖିତ ପ୍ରଶ୍ନଗୁଡ଼ିକ ଗୁରୁତର ଅଟଇ କାରଣ ରାଜ୍ୟର କାର୍ଯ୍ୟନିର୍ବାହ ହେତୁ ଯେପରି ବନ୍ଦୋବସ୍ତ ହୋଇଅଛି ତାହା ମନ୍ଦ ନୁହଇ ଓ ହିନ୍ଦୁରାଜ ରାଜପରିବାରୀୟଙ୍କ ପ୍ରତି କୌଣସି ଅବିଚାର ହୋଇଥିଲେ ଦୀର୍ଘକାଳ ରହିବ ନାହିଁ ନାବାଳଗ ରାଜା ବୟସ ପ୍ରାପ୍ତ ହେଲେ ସବୁ ମେଣ୍ଟିଯିବ କିନ୍ତୁ ରାଜା ଯେବେ ବିଦ୍ୱାନ୍ ନ ହେବେ ଓ ବିଜାତୀୟ ଶିକ୍ଷାଦ୍ୱାରା ଆପଣା ରାଜ୍ୟ ଓ କୁଳର ରୀତି ନୀତିକୁ ଉପେକ୍ଷା କରିବେ ତେବେ ତାହାଙ୍କ ଜୀବଦ୍ଦଶାପର୍ଯ୍ୟନ୍ତ ସେ ଅକର୍ମଣ୍ୟ ହେବେ ଓ ତାହାଙ୍କ ପାଇଁ ସମସ୍ତଙ୍କୁ କଷ୍ଟ ଓ ଭାର ସହିବାକୁ ହେବ । କୁଚବିହାରର ଅବସ୍ଥା ବର୍ତ୍ତମାନ ଏହିପରି ଘଟିଅଛି ।

---

## ଭର୍ଣ୍ଣାକ୍ୟୁଲର ଛାତ୍ରବୃତ୍ତି କାହାର ପ୍ରାପ୍ୟ ।

ଗତ ଭର୍ଣ୍ଣାକ୍ୟୁଲର ପରୀକ୍ଷାର ଫଳ ସମାଲୋଚନା କରୁଁ ସଂସ୍କାରକ ଲେଖିଅଛନ୍ତି କି "କଟକ ହିନ୍ଦୁ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ବଙ୍ଗଳା ଭାଷାରେ ଓ ଭିନ୍ନ ପ୍ରଶ୍ନରେ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ଉତ୍ତୀର୍ଣ୍ଣ ବାଳିକାଙ୍କୁ ଜଏଣ୍ଟ ଇନ୍‌ସ୍ପେକ୍ଟର ମହୋଦୟ ଚାହିଁକି ଯେ ସାଧାରଣ ତାଲିକା ମଧ୍ୟରେ ଭୁକ୍ତ କରିଅଛନ୍ତି କିଛି ବୁଝାପଡୁ ନାହିଁ । ସେମାନେ ବଙ୍ଗଭାଷାରେ ଏବଂ ଭିନ୍ନ ପ୍ରଶ୍ନରେ ପରୀକ୍ଷା ଦେଇଅଛନ୍ତି ବୋଲି ମନ୍ତବ୍ୟ ସଙ୍ଗେ ସୁଦ୍ଧା ଉଲ୍ଲେଖ ହୋଇ ନାହିଁ । ସାଧାରଣଙ୍କ ମନରେ ଭ୍ରମାତ୍ମକ ଓ ମିଥ୍ୟାଜ୍ଞାନ ଜନ୍ମାଇବା ଜଏଣ୍ଟ-ଇନ୍‌ସ୍ପେକ୍ଟରଙ୍କ ପକ୍ଷରେ ଆଦୌ ଉଚିତ ହୋଇ ନାହିଁ ଯେହେତୁ ସମସ୍ତେ ତାଲିକା ଦେଖି ବିଶ୍ୱାସ କରିବେ ଯେ ଶ୍ରୀମତୀ ରେବାବାଈ ଓ ଶ୍ରୀମତୀ ବସୁମତିଦେବୀ ଓଡ଼ିଆ ଭାଷାରେ ଓ ସମାନ ପ୍ରଶ୍ନରେ ପରୀକ୍ଷା ଦେଇ ଏତେ ଉଚ୍ଚସ୍ଥାନ ପାଇଅଛନ୍ତି । ବୋଧ ହୁଏ ଉଲ୍ଲିଖିତ ବାଳିକାମାନଙ୍କୁ ବୃତ୍ତି ଦେବା ଅଭିପ୍ରାୟରେ ଗୁପ୍ତଭାବରେ ସେମାନଙ୍କ ନାମ ସାଧାରଣ ତାଲିକାରେ ବସାଇଦିଆ ଯାଇଅଛି ।" ସହଯୋଗୀ ଆହୁରି କହୁଅଛନ୍ତି କି "ଏଥିରେ ଓଡ଼ିଆ ଭାଷାର ମର୍ଯ୍ୟାଦା ଉପରେ ହେଁକାଘାତ କରାଯାଇ ଅଛି ଅର୍ଥାତ୍ ଯେଉଁ ବୃତ୍ତିମାନ କେବଳ ଓଡ଼ିଆଭାଷାର ପରୀକ୍ଷା ନିମିତ୍ତ ମଞ୍ଜୁର ହୋଇଅଛି ତାହା ବଙ୍ଗଳା ଭାଷାର ପରୀକ୍ଷା ନିମିତ୍ତ ମଧ୍ୟ ବିତରିତ ହେବ ।"

ଉପରଲିଖିତ ମନ୍ତବ୍ୟର ପ୍ରତିବାଦରେ ଖଣ୍ଡିଏ ଦୀର୍ଘପତ୍ର ଜଣେ ପତ୍ରପ୍ରେରକ ପଠାଇ ଅଛନ୍ତି ମାତ୍ର ତାହା ଅତ୍ୟନ୍ତ ଦୀର୍ଘ ଥିବାରୁ ଆମ୍ଭେମାନେ ପ୍ରକାଶ କରିବାକୁ ଅକ୍ଷମ ହୋଇ ତହିଁର ସାରମର୍ମ ଲେଖୁଅଛୁଁ । ପତ୍ରପ୍ରେରକଙ୍କ ମତରେ ସଂସ୍କାରକଙ୍କ ଅଭିପ୍ରାୟରୁ ବଙ୍ଗଳାଭାଷାପ୍ରତି ତାହାଙ୍କର ସମ୍ପୂର୍ଣ୍ଣ ବିଦ୍ୱେଷ ଥିବାର ଓ ବଙ୍ଗଳା ଭାଷାଠାରେ ଓଡ଼ିଆଭାଷା ନିପର୍ଯ୍ୟନ୍ତ ଋଣୀ ଏହା ତାହାଙ୍କର ସ୍ମରଣ ନ ଥିବାର ଜଣା ଯାଏ । କଲିକତା ଓ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟମାନଙ୍କରେ ନାନାଭାଷାର ସ୍ୱତନ୍ତ୍ର ଭିନ୍ନ ପ୍ରଶ୍ନ ଓ ଭିନ୍ନ ଭିନ୍ନ ପରୀକ୍ଷକଙ୍କଦ୍ୱାରା ପରୀକ୍ଷିତ ହୋଇ ସୁଦ୍ଧା ଉତ୍ତୀର୍ଣ୍ଣ ବାଳକ ବାଳିକାମାନଙ୍କ ନାମ ନିର୍ବିଶେଷରେ ସାଧାରଣ ତାଲିକାରେ ପ୍ରକାଶିତ ହେଉଅଛି ତେବେ ଭର୍ଣ୍ଣାକ୍ୟୁଲର ଛାତ୍ରବୃତ୍ତି ପରୀକ୍ଷାରେ ସେପରି ହେଲେ କିଛି ଦୋଷ ହେଉ ନାହିଁ । ଆଉ ଭର୍ଣ୍ଣାକ୍ୟୁଲର ଏବଂ ଉଚ୍ଚପ୍ରାଇମେରୀ ପରୀକ୍ଷାର ବଙ୍ଗଳା ଓ ଓଡ଼ିଆ ପ୍ରଶ୍ନମାନ ସଂସ୍କାରକ ତୁଳନା କରି ଦେଖିଅଛନ୍ତି କି ନା ଜଣାଯାଉ ନାହିଁ । ଇତ୍ୟାଦି

ଆମ୍ଭମାନଙ୍କ ବିବେଚନାରେ ସହଯୋଗୀ ଯେଉଁ ପ୍ରଶ୍ନର ଅବତାରଣା କରିଅଛନ୍ତି ତାହା ଅନାବଶ୍ୟକ ନୁହଇ ଏବଂ ଯଦ୍ୟପି କି ଜଏଣ୍ଟ-ଇନ୍‌ସ୍ପେକ୍ଟରଙ୍କ ପ୍ରତି ଏ ସମ୍ବନ୍ଧରେ ସେ ଯେଉଁ ଅଭିସନ୍ଧିର ସୂଚନା କରିଅଛନ୍ତି ତହିଁରେ ଆମ୍ଭେମାନେ ଐକ୍ୟ ହେଉ ନାହୁଁ କାରଣ କେବଳ ଭ୍ରମାତ୍ମକ ବିଶ୍ୱାସଦ୍ୱାରା ସେପରି ଘଟିବାର ସମ୍ପୂର୍ଣ୍ଣରୂପେ ସମ୍ଭବ ହୋଇ ପାରେ ତଥାପି ଭିନ୍ନଭାଷା ଓ ଭିନ୍ନ ପ୍ରଶ୍ନରେ ପରୀକ୍ଷା ଦେବା ବ୍ୟକ୍ତିଙ୍କୁ ଏକ ତାଲିକା ଭୁକ୍ତ କରିବା ବିରୁଦ୍ଧରେ ସେ ଯେଉଁ ଆପତ୍ତି କରିଅଛନ୍ତି ତାହା ଅକାରଣ ବୋଲି ଯାଇ ନ ପାରେ । ପତ୍ରପ୍ରେରକଙ୍କ ପ୍ରଦର୍ଶିତ ବିଶ୍ୱବିଦ୍ୟାଳୟର ଉଦାହରଣରେ ଆମ୍ଭମାନଙ୍କର ମନ ମାନୁ ନାହିଁ ତେବେ ବଙ୍ଗଳା ଓ ଓଡ଼ିଆ ପ୍ରଶ୍ନମାନ ତୁଳନା କରିବାର ଯାହା କହିଅଛନ୍ତି ତାହା ଯୁକ୍ତିସଙ୍ଗତ ଅଟଇ ମାତ୍ର ଆପତ୍ତିକାରୀ ପ୍ରତିବାଦକାରୀ କେହି ସେ ବିଷୟରେ କିଛି କହି ନ ଥିବାରୁ ସର୍ବସାଧାରଣ ସେ କଥା ବିଚାର କରିବାକୁ ଅକ୍ଷମ । ବିଶ୍ୱବିଦ୍ୟାଳୟର ପରୀକ୍ଷାରେ ଇଂରାଜୀଭାଷା ଏବଂ ଅନ୍ୟାନ୍ୟ ସକଳ ବିଷୟରେ ସମତା ଥାଇ କେବଳ ଦ୍ୱିତୀୟଭାଷାର ଭିନ୍ନତା ଥାଏ । ଏହିପରି ଯେତେକ ଭାଷା ଛଡ଼ା ଆଉ ସମସ୍ତ ବିଷୟର ପରୀକ୍ଷା ଏକାପ୍ରଶ୍ନରେ ହୁଏ ଓ ପରୀକ୍ଷାର୍ଥୀମାନେ ଇଚ୍ଛାନୁସାରେ ବଙ୍ଗଳା ବା ଓଡ଼ିଆରେ ତହିଁର ଉତ୍ତର ଦିଅନ୍ତି ଓ ଭାଷା ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ଓଡ଼ିଆ ବା ବଙ୍ଗଳା ପୁସ୍ତକରେ ପରୀକ୍ଷା ହୁଏଇ ତେବେ ଏକ ତାଲିକାରେ ସମସ୍ତଙ୍କ ନାମ ଉକ୍ତ ହେବା ବଡ଼ ଅନ୍ୟାୟ ହେବ ନାହିଁ । କିନ୍ତୁ ଭାଷା ଓ ପ୍ରଶ୍ନ ଭିନ୍ନ ପଡିଲେ ପାରଦର୍ଶିତାର ବିଚାର ଠିକ ହୋଇ ପାରିବା ସମ୍ଭବ ନୁହଇ । ଆଉ ବୃତ୍ତି ବିତରଣ ସମ୍ବନ୍ଧରେ ସହଯୋଗୀଙ୍କ ମତ ଆମ୍ଭମାନଙ୍କ ବିବେଚନାରେ ଉଚିତ ହେଉ ଅଛି । ଭର୍ଣ୍ଣାକ୍ୟୁଲର ଛାତ୍ରବୃତ୍ତି ଦେଶୀୟ ଭାଷାର ଉତ୍ସାହ ନିମିତ୍ତ ସ୍ଥାପିତ ହୋଇଅଛି । ଯେଉଁ ଦେଶରେ ଯେଉଁ ଭାଷା ପ୍ରଚଳିତ ତହିଁର ଉତ୍ସାହ ନିମିତ୍ତ ତାହା ଦିଆଯିବାର ଉଚିତ । ପରୀକ୍ଷାର୍ଥୀ ଇଚ୍ଛାନୁସାରେ ବଙ୍ଗଳା ହିନ୍ଦି ପାରସୀ ବା ଇଂରାଜୀରେ ପରୀକ୍ଷା ଦେଇ ସେ ବୃତ୍ତି ପାଇ ପାରିବେ ଏମନ୍ତ ଉଦ୍ଦେଶ୍ୟ ଥିବାର ଆମ୍ଭମାନଙ୍କ ବିବେଚନାକୁ ଆସୁ ନାହିଁ । ସେପରି ହୋଇଥିଲେ ସ୍ୱତନ୍ତ୍ର ଗୋଟିଏ ମାଇନର ବୃତ୍ତି ସ୍ଥାପିବାର କିଛି ପ୍ରୟୋଜନ ନ ଥିଲା । ପରୀକ୍ଷାର୍ଥୀମାନେ ଇଚ୍ଛାନୁସାରେ ଯେ କୌଣସି ଭାଷାରେ ପରୀକ୍ଷା ଦେଇ ଭର୍ଣ୍ଣାକ୍ୟୁଲର ଛାତ୍ରବୃତ୍ତିର ଦାବି କରିବେ ଏ କଥା ଅସଙ୍ଗତ ବୋଧ ହେଉଅଛି । ଆମ୍ଭମାନଙ୍କ ବିବେଚନାରେ ଯେଉଁମାନେ ଓଡ଼ିଆ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ଓଡ଼ିଶାରେ ସେହିମାନେ ଉକ୍ତ ବୃତ୍ତି ପାଇବେ । ଭିନ୍ନଭାଷାରେ ଯେଉଁମାନେ ପରୀକ୍ଷା ଦେବେ ସେମାନଙ୍କ ଉତ୍ସାହ ନିମିତ୍ତ ସ୍ୱତନ୍ତ୍ର ବୃତ୍ତି ଖଞ୍ଜା ହେବାର ଉଚିତ ଏବଂ ସେହିପରି ବାଳିକାମାନଙ୍କ ସକାଶେ ମଧ୍ୟ ପୃଥକ୍ ବୃତ୍ତି ଖଞ୍ଜିବାର ଆବଶ୍ୟକ ଆମ୍ଭେମାନେ ଆଶା କରୁଁ ଶ୍ରୀଯୁକ୍ତ ଜଏଣ୍ଟ ଇନ୍‌ସ୍ପେକ୍ଟର ଏ ବିଷୟକୁ ଧୀର ଭାବରେ ବିବେଚନା କରିବେ ।

—•○✻○•—

## ନଦୀପାରର କଷ୍ଟ ।

ବର୍ଷାକାଳ ଆରମ୍ଭ ହେଲା ଏବଂ ତହିଁ ସଙ୍ଗେ ନଦୀପାରର ଭାବନା ଉଦୟ ହେଲା । ନଦୀବଢ଼ିବା ସଙ୍ଗେ ରଥଯାତ୍ରା-ଯାତ୍ରିଙ୍କର ଭଡ଼

Digitized by srujanika@gmail.com

ହେବ ଏବଂ ସେମାନଙ୍କୁ ଶୀଘ୍ର ନଗରରୁ ବାହାର କରିବାର ସଦୁପାୟ ନ ହେଲେ କେତେ ଅନିଷ୍ଟ ହେବ ତାହାର ଇୟତ୍ତା ନାହିଁ । ସୁତରାଂ ଈଶ୍ୱର ଯେ ଆମ୍ଭମାନଙ୍କର ମାଜିଷ୍ଟ୍ରେଟ ହେନେସି ସାହେବ ଏ ବିଷୟରେ ପୂର୍ବରୁ ସାବଧାନ ହୋଇ ଯାତ୍ରିଙ୍କୁ ଶୀଘ୍ର ନଗରରୁ ବାହାର କରିଦେବାର ନାନା ଉପାୟ ଚିନ୍ତା କରୁଅଛନ୍ତି ଏବଂ ଯେଉଁଠାରେ ତାହାଙ୍କର ଦୃଷ୍ଟି ପଡ଼ୁଅଛି ସେଠାରେ ସମ୍ପୂର୍ଣ୍ଣ ଆଶା ହେଉଅଛି ଯେ ଅନିବାର୍ଯ୍ୟ କାରଣ ବ୍ୟତୀତ ଯାତ୍ରିମାନଙ୍କୁ ନଗରରେ କଷ୍ଟ ଭୋଗ କରିବାକୁ ହେବ ନାହିଁ । ଅର୍ଥାତ୍ ମନୁଷ୍ୟଙ୍କଦ୍ୱାରା ସେମାନଙ୍କର କ୍ଳେଶ ଯେତେଦୂର ନିବାରଣ ହୋଇ ପାରେ ତାହା ହେବ ଏବଂ ମାଜିଷ୍ଟ୍ରେଟ ସାହେବ ଯଥାସମୟରେ ଏ ବିଷୟରେ ମନୋଯୋଗୀ ହେବାରୁ ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ନଗରର ବନ୍ଦୋବସ୍ତ କରିବା ସଙ୍ଗେ ଯାତ୍ରିମାନଙ୍କ ସ୍ୱାସ୍ଥ୍ୟରକ୍ଷା ଏବଂ ଚିକିତ୍ସା ବିଷୟରେ ମଧ୍ୟ ମାଜିଷ୍ଟ୍ରେଟସାହେବ ସମୁଚିତ ମନୋଯୋଗୀ ହୋଇଅଛନ୍ତି ।

ଯାତ୍ରିମାନଙ୍କର ନଗରରେ ସ୍ଥିତି କରିବା ଯେପରି ଗୋଟିଏ ଗୁରୁତର କାର୍ଯ୍ୟ ବର୍ଷାକାଳ [illegible] ସଙ୍ଗେ ଘାଟ ଗୁଡ଼ିକର ସୁବିଧା କରିବା ତହିଁରୁ ଊଣା ନୁହଇ । ପ୍ରତିବର୍ଷ ଲୋକେ ଘାଟରେ ବଡ଼ କଷ୍ଟ ଭୋଗ କରନ୍ତି ଏବଂ ପ୍ରତିବର୍ଷ ତହିଁର ଆନ୍ଦୋଳନ ହେଲେ ମଧ୍ୟ ସମୁଚିତ ପ୍ରତିକାରର ବ୍ୟବସ୍ଥା ଏପର୍ଯ୍ୟନ୍ତ ହୋଇ ପାରି ନାହିଁ । ଏଥିରୁ ଜଣାଯାଉଛି କଷ୍ଟ ଛଡ଼ା ଏ ବର୍ଷ ଘାଟ ଠିକାଦାରମାନଙ୍କଠାରୁ ଦ୍ୱିଗୁଣ ମାସୁଲ ନେବାର ଦେଖା ହୋଇଅଛି । ଏ ନଗରମଧ୍ୟରେ ଥିବା କାଠଯୋଡ଼ି ଓ ମହାନଦୀର ଘାଟମାନ ଯେଉଁ ଶ୍ରେଣୀ ଭୁକ୍ତ ତହିଁର ନିରଖ ଅନୁସାରେ ଖାଲି ମନୁଷ୍ୟପ୍ରତି ଦୁଇପଇସା ଲେଖାଏଁ ମାସୁଲ ଧାର୍ଯ୍ୟ ଅଛି । ମାତ୍ର ଏଠା ଲୋକଙ୍କ ଅବସ୍ଥା ଓ ଘାଟ ପାରିର କଷ୍ଟ ବିବେଚନା କରି ପୂର୍ବକାଳର ମାଜିଷ୍ଟ୍ରେଟମାନେ ଗବର୍ଣ୍ଣମେଣ୍ଟଙ୍କ ବିଶେଷ ଆଦେଶମତେ ଏକପଇସା ଲେଖାଏଁ ମାସୁଲ ନେବାର ବ୍ୟବସ୍ଥା କରିଥିଲେ ଏବଂ ସେହିପରି ନିରଖ ଏପର୍ଯ୍ୟନ୍ତ ଚଳି ଆସିଥିଲା । ସମ୍ପ୍ରତି ଏଠା ମିଉନିସିପାଲ କମିଶନରମାନେ ଏକପଇସା ମାସୁଲ ବଦଳରେ ଦୁଇପଇସା ଲେଖାଏଁ ନିୟମ କରିଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ କମିଶନରମାନେ ଏଠାରୁ ନିରଖ ବୃଦ୍ଧି କରି ଭଲ କରି ନାହାନ୍ତି । ନିରଖ ଅନୁସାରେ ଦୁଇପଇସା ଲେଖାଏଁ ନେବାର ସେମାନଙ୍କର ଅଧିକାର ଅଛି ବୋଲି ମିଉନିସିପାଲିଟିର ଆୟ ବୃଦ୍ଧି କରିବା ଅଭିପ୍ରାୟରେ ମାସୁଲ ବଢ଼ାଇଦେଲେ ମାତ୍ର ଲୋକଙ୍କ ଅବସ୍ଥାପ୍ରତି ଆଦୌ ଦୃଷ୍ଟି କଲେ ନାହିଁ । କମିଶନରମାନେ ବିଦେଶୀୟ ଲୋକ ନୁହନ୍ତି ବା ବିଲାତରୁ ଆସି ନାହାନ୍ତି । ସେମାନେ ନିଜେ ଭୋଗ କରିବା ଅଥବା ଆପଣା ଲୋକଙ୍କଠାରୁ ଶୁଣିବାଦ୍ୱାରା ନିଶ୍ଚୟ ଜାଣନ୍ତି ଯେ ପଥିକମାନେ ସରକାରୀ ମାସୁଲ ଛଡ଼ା ଅଧପଇସା ବା ଏକପଇସା ଅଧିକା ଦେବାକୁ ବାଧ୍ୟ ଏବଂ ଘାଟମାନର ବନ୍ଦୋବସ୍ତ ଏପରି ନୁହଇ ଯେ ଅଧିକା ପଇସା ଖର୍ଚ୍ଚ ନ କରି କେହି ଅନାୟାସରେ ପାର ହେବ । ସୁତରାଂ ପଥିକମାନେ ଏକପଇସା ସ୍ଥଳେ ଦୁଇପଇସା ମାସୁଲ ଦେବେ ଏବଂ ଉପର ଖର୍ଚ୍ଚ ପୂର୍ବପ୍ରାୟ ଅଥବା ଟିକେ ଅଧିକା କରିବାକୁ ହେବ । ଏ କଥା ଲୋକଙ୍କୁ ଅଧିକ ବାଧିବ ସନ୍ଦେହ ନାହିଁ । ଏମନ୍ତସ୍ଥଳେ ଯେବେ କମିଶନରମାନେ ଏପରି କିଛି ବ୍ୟବସ୍ଥା କରି ପାରନ୍ତେ ଯେ ଲୋକେ ସରକାରୀ ମାସୁଲ ମାତ୍ର ଦେଇ ଅନାୟାସରେ ନଦୀପାର ହୋଇ ପାରନ୍ତେ ଓ ଅଧିକା କିଛି ଦେବାକୁ ବାଧ୍ୟ ହେବେ ନାହିଁ ତାହା ହେଲେ ସେମାନଙ୍କର ନିରଖବୃଦ୍ଧିବ୍ୟବସ୍ଥା ବିସ୍ତର କଷ୍ଟକର ହେବ ନାହିଁ । କିନ୍ତୁ ଅଧିକା ମାସୁଲ ଦେଇ ସମସ୍ତ କଷ୍ଟକୁ ଭୋଗିବାକୁ ପଡ଼ିଲେ ଏପରି ପ୍ରତିବାଦ ଲୋକେ ଆପଣାକୁ ଦେଇ ପାରନ୍ତେ ଓ ଅପରଲୋକଙ୍କର ମଧ୍ୟ ସ୍ୱୀକାର କରିବାର ତାତ୍ପର୍ଯ୍ୟ କାରଣ ରହିବ ନାହିଁ । କିନ୍ତୁ ମିଉନିସିପାଲ କମିଶନରମାନେ କେଉଁ ବିଷ ବ୍ୟବସ୍ଥା କରିପାରିବେ କି ? ଯେବେ ତାହା କରି ନ ପାରନ୍ତି ତେବେ ସେମାନଙ୍କର ମାସୁଲ ବଢ଼ାଇବା କାର୍ଯ୍ୟଟା ଉଚିତ ନୁହେଁ ବୋଧ ହେବ । ଆମ୍ଭେମାନେ ଅବଗତ ହେଲୁଁ ଯେ ମାଜିଷ୍ଟ୍ରେଟସାହେବ ନଦୀଘାଟର ଭାର ଆପଣାହାତରେ ନ ରଖି କମିଶନରମାନଙ୍କୁ ଅର୍ପଣ କରିଅଛନ୍ତି ଏବଂ ଆମ୍ଭମାନଙ୍କ ବିବେଚନାରେ ମାଜିଷ୍ଟ୍ରେଟସାହେବଙ୍କର ଏ କାର୍ଯ୍ୟ ଉତ୍ତମ ଅଟଇ । ଜଣେ ବିଦେଶୀୟ ସାହେବଙ୍କଠାରୁ ଏପ୍ରକାର ସ୍ଥାନୀୟ କାର୍ଯ୍ୟ ଦେଶୀୟ ଲୋକଙ୍କଦ୍ୱାରା ସନ୍ତୋଷଜନକ ରୂପେ ହେବାର କଥା ଏବଂ କମିଶନରମାନେ ଯେବେ ଏ କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରି ନ ପାରନ୍ତେ ତେବେ ସେମାନଙ୍କର ଏ ମାସୁଲବୃଦ୍ଧି ବାସ୍ତବ ଉଚିତ ଅଧିକାର ନାହିଁ ବୋଲିବାକୁ ହେବ । ଅତଏବ ଆମ୍ଭେମାନେ ମିଉନିସିପାଲ କମିଶନରମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଯେମନ୍ତ ମାସୁଲ ବଢ଼ାଇଅଛନ୍ତି ତେମନ୍ତ ଘାଟଗୁଡ଼ିକର ଉତ୍ତମ ବ୍ୟବସ୍ଥା କରିବା ପ୍ରତି ବିଶେଷ ମନୋଯୋଗୀ ହେବେ । ଯେଉଁ ଘାଟରେ ପରିଶ୍ରମ କାର୍ଯ୍ୟ ଗୁରୁ ଥିଲାପରି ତାହା ବଳ ନୁହଇ ଏ କଥା କୋଳିବା ବାହୁଲ୍ୟ କାରଣ ସେମାନେ ନିଜେ ତାହା ଅନୁଭବ କରୁଅଛନ୍ତି । ଏଣିକି ଓ ବନ୍ଦୋବସ୍ତ କଲେ ଯାତ୍ରିଙ୍କର କଷ୍ଟ ହେବ ନାହିଁ ବସ୍ତୁତଃପକ୍ଷ ତାହା ସ୍ଥିର କରନ୍ତୁ ଏବଂ ସର୍ବସାଧାରଣଙ୍କୁ ମଧ୍ୟ ଅନୁରୋଧ ଯେ ଏ ବିଷୟରେ କେହି କୌଣସି ଉତ୍ତମ ଉପାୟ [illegible] କରିପାରନ୍ତି କମିଶନରମାନଙ୍କୁ ଜଣାଇ ଦେବେ ତାହା ହେଲେ ସେମାନଙ୍କର ସାହାଯ୍ୟ ହେବ ଓ ଭଲ ଉପାୟ ସ୍ଥିର କରିପାରିବେ ।

---

## ସାପ୍ତାହିକ ସଂବାଦ ।

ଗତ ଶନିବାରଠାରୁ ଏ ନଗରରେ ବର୍ଷା ହେଉଅଛି [illegible] ମାତ୍ର ଟିକିଏ [illegible] ନାହିଁ [illegible] ।

ଏ ସପ୍ତାହ ଭିତରେ ଏଠାରେ ପ୍ରବଳ ବର୍ଷା ହେବାରୁ କୌଣସି ଠାରେ [illegible] ହେବାର ଶୁଣା ହୋଇଅଛି ।

[illegible] ଏବଂ [illegible] କମିଶନର ସାହେବ [illegible] ।

[illegible] ପଡ଼ିଅଛି ।

[illegible] ନାହିଁ । [illegible] ପିଇବାର କଥା ଅଛି ।

[illegible] ନାହିଁ । ଗତବର୍ଷ [illegible] ତା ୧୮ [illegible] ଥିଲା ।

ବାବୁ [illegible] ।

ବାବୁ [illegible] ।

[illegible] ।

Split by PDF Splitter



ମିଉନିସିପାଲିଟୀ ଲଇସଂ ଟାକସ ଆଦାୟରେ ଲିପ୍ତ ଓ ଗୁଡ଼ ପ୍ରଭୃତି ଖାଦ୍ୟଦ୍ରବ୍ୟମାନ ଓ ସାକ୍ଷିସରମାନ ତଦାରଖ କରିବା ସକାଶେ ଜଣେ ୫ ୪୦ ଙ୍କା ବେତନରେ ୩ ସପ୍ତାହ ନିମନ୍ତେ ଏକଷ୍ଟ୍ରାଂ ପଦରେ ନିଯୁକ୍ତ ହୋଇ ଅଛନ୍ତି । ତାଙ୍କ କରଣ୍ଡ କାର୍ଯ୍ୟବଶ ନିଅତ ଶେଷରେ ଜଣା ଯିବ ।

ଓଲାଉଠା ରୋଗ ଏଠାରେ ଓ ମୋଫସଲରେ ପଶିଅଛି ଏଠାରେ ଯାତ୍ରୀ ଅଛନ୍ତି ବୋଲି ଯେବେ ଓଲାଉଠା ହେଲା ତେବେ ମଫସଲରେ କାହିଁକି ହେଉଅଛି ।

ଏହି ସପ୍ତାହ ମଧ୍ୟରେ ବର୍ଷା ହେବାରୁ ଅନେକ ଯେପରି-ମାନେ ଗର୍ମି ହେଉଥିଲା ତହିଁରୁ ରକ୍ଷା ପାଇଅଛନ୍ତି କିନ୍ତୁ ପାଣି ବନ୍ଦ ହୋଇ ୨ ଦିନ ହେବ କେବଳ ପ୍ରବଳ ପବନ ବହୁଅଛି ଆଉ ଏପରି ଦୁଃସହ ପବନ ବହୁଅଛି ଯେ ଲୋକେ ଘରେପଶି ଲୁଗା ଦେହରେ ନ ଦେଲେ ଶୋଇ ପାରୁ ନାହାନ୍ତି ।

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ**

ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ-
ସମୀପେଷୁ ।

ଏହିକ ଯେ ରଜପୁତଜାତିମାନେ କେଉଁଠାରୁ ପଇତା ପାଇଲେ ଓ ସେଥି ବିଷୟର କିଛି ପ୍ରମାଣ ଅଛି କି ନା ? କେବଳ ଗାଳ୍ପ କି କ୍ଷତ୍ରିୟ ବୋଲି ପଇତାଟାଏ ପକାଇଅଛନ୍ତି ଓ ଉତ୍କଳ ଜାତିମାନେ କେଉଁଠାରୁ ଜନ୍ମ ଏ ବିଷୟ ଜ୍ଞାନୀ ଲୋକମାନେ ପ୍ରାଚୀନ ଶାସ୍ତ୍ରଦ୍ୱାରା ଅନୁସନ୍ଧାନ କରି ଏ ପ୍ରଶ୍ନ ପୂରଣ କରନ୍ତେ ଏଣୁ ଏ ପତ୍ରଦ୍ୱାରା ପ୍ରାର୍ଥନା ଯେ ଆପଣ ଏ ବିଷୟଟି ଉତ୍କଳଦୀପିକାରେ ସ୍ଥାନ ଦାନ ଦେଇ ଉପକୃତ କରିବା ହେବେ ଓ ଅଧୀନର ବେଶୀ ସମୟ ସ୍କୁଲରେ ଅତୀତ ହୋଇ ନ ଥିବାରୁ ଲେଖାରେ ଦୋଷ ଅଛି ଏଣୁ ଜଣାଇଲି ଅଶୁଦ୍ଧକୁ ଶୁଦ୍ଧ କରିବେ । ଇତି ।

୫।୬।୮୭ । ଲେ । କେହି ଜଣେ

ମହାଶୟ !

ଗତମାସ ତା ୫ ରିଖ,ସମ୍ବାଦକରେ ଚଷ୍ଟାମର ଜଣେ ପତ୍ରପ୍ରେରକ " ଛଷ୍ଟାଣପକ୍ଷୀ " ରୂପରେ ଦେଖା ଦେଇଥିବାର ଦେଖି ମୁଁ ଅତ୍ୟନ୍ତ ଦୁଃଖିତ ହେଲି । ଭୋଲନା ବାବୁଲିଏ ଯେ କାଳକ୍ରମେ ଏହି ଉପାଧି ମୋତୋର (Patent)ପ୍ୟାଟେଣ୍ଟ ହୋଇଅଛି କିନ୍ତୁ ସମ୍ବାଦକର ପତ୍ରପ୍ରେରକ ମହାଶୟ ତହିଁରେ ହସ୍ତକ୍ଷେପ କରିବା ଅତ୍ୟନ୍ତ ଦୁଃଖର ବିଷୟ । ପତ୍ରପ୍ରେରକ ମହାଶୟଙ୍କୁ ମୁଁ ବିନୟକରେ ଅନୁରୋଧ କରୁଅଛି ଯେ, ସେ ଭବିଷ୍ୟତରେ ଏଥିରେ ମନ ବଳାଇବାରୁ ଶାନ୍ତ ହେବେ; ଯେପରି ମୋତେ ପେନାଲ କୋର୍ଡ଼ର ଆଶ୍ରୟ ଗ୍ରହଣ କରିବାକୁ ନ ହୁଏ । ଇତି ।

୧୫।୬।୮୭ ଶ୍ରୀ ଛଷ୍ଟାଣପକ୍ଷୀ ।

ମହାଶୟ !

"ସମ୍ବାଦକ" ବିଜ୍ଞାପନ ଦେଉଅଛନ୍ତି ଯେ, ସେ ଓଡ଼ିଶାରେ ସୁଲଭ ମୂଲ୍ୟର ପତ୍ରିକା; ପୁଣି ଧର୍ମବାର "ନବସମ୍ବାଦ" ଠାରୁ ଅପେକ୍ଷା ଦୁଇଗୁଣ ବେଶି ! ସେ ବିଜ୍ଞାପନ ଦେଉଅଛନ୍ତି "ନବସମ୍ବାଦ ଓଡ଼ିଶାରେ ସବୁ ସମ୍ବାଦପତ୍ର ଅପେକ୍ଷା ଶସ୍ତା" ।

"ଦୀପିକାଙ୍କ" କଲେବର ସହିତ ସମ୍ବାଦକଙ୍କ କଲେବର ସମାନ ଏବଂ ମୂଲ୍ୟର କୌଣସିପ୍ରକାର ତାରତମ୍ୟ ନାହିଁ, ଏସ୍ଥଳେ ସେପୋକ୍ତ ପତ୍ରିକା "ଓଡ଼ିଶାରେ ସୁଲଭମୂଲ୍ୟର" ବୋଲି ଦାବି କରିବା ଯଥାର୍ଥ ହେଉ ନାହିଁ ।

ନବସମ୍ବାଦର ବିଜ୍ଞାପନ ଯେ ବାସ୍ତବିକ ପ୍ରତାରଣାପୂର୍ଣ୍ଣ ଏବଂ ଅଯଥାର୍ଥ ଏଥିରେ ବୁଦ୍ଧିମାନଙ୍କର ସୁଦ୍ଧା ସନ୍ଦେହ ହୋଇ ନ ପାରେ କାରଣ ସେହି ପତ୍ରିକାର ଆକାର ଦୀପିକାଙ୍କ ଆକାରର ଅର୍ଦ୍ଧେକମାତ୍ର ଏବଂ ଅନୁମାନ ଅନୁସାରେ ତହିଁର ମୂଲ୍ୟ ଦୀପିକା ଓ ସମ୍ବାଦକଙ୍କ ମୂଲ୍ୟ ସହିତ ସବୁରେ ସମାନ ହେଲେ ସୁଦ୍ଧା ମୋଫସଲ ଗ୍ରାହକମାନଙ୍କ ପକ୍ଷରେ ଅଧିକ; ଅର୍ଥାତ୍ ମୋଫସଲର ଯେଉଁ ଗ୍ରାହକମାନେ ଟ ୨୯ ଙ୍କା ଦେଇ ଏକବର୍ଷ "ନବସମ୍ବାଦ" ପାଉଅଛନ୍ତି, ଆଉ ଗୋଟିଏ ଟଙ୍କା ଦେଲେ ସେମାନେ ତହିଁର ଦ୍ୱିଗୁଣ ଆକାରର କାଗଜ " ଉତ୍କଳଦୀପିକା " ବା ସମ୍ବାଦକ ପାଇ ଥାଆନ୍ତେ । ଏପରି ସ୍ଥଳେ "ନବସମ୍ବାଦ" ଓଡ଼ିଶାର ସବୁ ସମ୍ବାଦ ଅପେକ୍ଷା କପରି ଶସ୍ତା ହେଲା ? ଓଡ଼ିଶାରେ ଦେଡ଼ଟଙ୍କା ମୂଲ୍ୟର କାଗଜ ନାହିଁ ବୋଲି ଯେବେ ତାହାକୁ ଶସ୍ତା ବୋଲି ବିଜ୍ଞାପନଦାତା କହୁ ଥାନ୍ତି, ତେବେ ତାଙ୍କ ବୁଦ୍ଧିକୁ "ଜୁହାର" । ପ୍ରକୃତ କଥାରେ ନବସମ୍ବାଦର ଦାବୀକୁ ପ୍ରବଞ୍ଚନାପୂର୍ଣ୍ଣ ବୋଲି ଗଣ୍ୟ ହେଲେ ପ୍ରାୟଶ୍ଚିତ୍ତ କରିବାକୁ ହେବ ନାହିଁ ।

ବିଜ୍ଞାପନ ପାଠକାରୀ ଲୋକମାନଙ୍କ ମନରେ ସନ୍ଦେହ ଜାତ ହେଉଥିବ, କେହିବା ଭ୍ରମ ପ୍ରମାଦରେ ପଡ଼ୁଥିବେ ଏହି ହେତୁରୁ ଅମ୍ଭେମାନେ ସାଧାରଣଙ୍କ ଭ୍ରମ ଦୂର କରିବା ନିମିତ୍ତ ପତ୍ର ଅଧେ କହିଲୁଁ । ଇତି ।

ଶ୍ରୀ ପତ୍ନୀଦାର ସମାଲୋଚକ ।

ମହାଶୟ ! ଅମ୍ଭର ଏହି କତିପୟ ପଂକ୍ତିକ ଆପଣଙ୍କର ଉଦାରହସ୍ତ ପତ୍ରିକାପୂର୍ଣ୍ଣରେ ସ୍ଥାନଦାନ ଦେଇ ବାଧିତ କରିବେ ।

ଅମ୍ଭମାନଙ୍କର ମାନ୍ୟବର ଶ୍ରୀ ଯୁବରାଜଙ୍କ ମହୋଦୟ ଆଜକୁ ବ ୧୨ ର୍ଷ ହେବ ଏକ ମହାବଳ ବ୍ୟାଘ୍ର ରଖାଇ ଅଛନ୍ତି ଏକ ଲୌହନିର୍ମିତ ପିଞ୍ଜରାରେ ସନ୍ନତରେ ଅଛି ଆଉ ଏହାର ଆହାରାର୍ଥେ ପ୍ରତ୍ୟହ ଏକ ଛେଳି ଦିଆ ଯାଉଅଛି ଏହିମାସ ଗତ ତା ୩ ଦିବସରେ ଏକ ଅଦ୍ଭୁତ ବୃତ୍ତାନ୍ତ ଦେଖା ଗଲା ଲିଖିତ ଦିବସରେ ପାଞ୍ଚଟା ଘଡ଼ିବେଳେ ମହାରାଜ ଶ୍ରୀମତନୁଦେବ ଅମୃ ଏ ଦୁର୍ଗକୁ କତିପୟମାନ କଲେ ଏବଂ ବ୍ୟାଘ୍ର କପଟ ପଶୁମାନଙ୍କୁ ଆକ୍ରମଣ କରି ମାରେ ଓ ଖାଏ ଏହି କୌତୁକ ଅବଲୋକନାର୍ଥେ ପ୍ରଶଂସିତ ରାଜା ଅମ୍ଭମାନଙ୍କର ଯୁବରାଜ ସହିତେ ବ୍ୟାଘ୍ର ନେଇବ ନିକଟରେ ବିରାଜମାନ କରି ଏକ ଘୋଡ଼ା ପଇକରଜନଦ୍ୱାରା ବ୍ୟାଘ୍ରଥିବା ପ୍ରକୋଷ୍ଠରେ ପଶାଇ ଦେଲେ ବ୍ୟାଘ୍ରଟି ଘୋଡ଼ାକୁ ଦେଖିଲା ମାତ୍ରକରେ ଅତି ଚଞ୍ଚଳତା ସହିତେ ଘୋଡ଼ାକୁ ଝମ୍ପ ଦେଇ ହତ୍ୟା କରିବାକୁ ଉଦ୍ୟତ ହୋଇ ନିକଟସ୍ଥ ହେଲା ତତ୍କ୍ଷଣରେ ଘୋଡ଼ାଟି ସାହସୀ ସ୍ୱଭାବିକ ହୋଇ ଯଥା ଘୋଡ଼ାରେ ଯେଉଁ ରୂପ ଏକବାର ବ୍ୟାଘ୍ରର ମୁଣ୍ଡରେ ପିଷ୍ଟପାତ କଲା ଏହି ପ୍ରହାର କରିବାରୁ ଘୋଡ଼ାର ଶିଂହ ବ୍ୟାଘ୍ରର ନାସିକାରନ୍ଧ୍ରରେ ବାଜିଲା ପରେ ବ୍ୟାଘ୍ରଟି ଅପୂର୍ବ ଶାସ୍ତି ବସ୍ତ୍ରାନ୍ତର ହୋଇ ଘୋଡ଼ାପ୍ରତି ଅଗ୍ରସର କରିବାରେ ଶାନ୍ତ ହୋଇ ଆପଣା ବନ୍ଦୀଗାରର ଏକ କୋଣରେ ସ୍ଥିର ହୋଇ ରହିଲା ଘୋଡ଼ାଟି ନିଃଶଙ୍କରେ ପ୍ରାୟ ଏକଘଣ୍ଟା ପର୍ଯ୍ୟନ୍ତ ସେହି ପୁରନ୍ତର୍ଗତରେ ବୁଲୁଥାଏ ତଥାପି ପ୍ରକଟ ବ୍ୟାଘ୍ରର ଭୟ ଦୂର ନ ହେଲା ଓ ଘୋଡ଼ାକୁ ମାରିବାର ଦୂରେ ଥାଉ ନିକଟକୁ ଆସିବାକୁ ଦମ୍ଭ ନ ହେଲା ପରିଶେଷରେ ଏହି ଘୋଡ଼ାକୁ ବାହାରକୁ ଅଣାଇ ଅନ୍ୟ ଏକ ଘୋଡ଼ା ଯେ ବ୍ୟାଘ୍ରଥିବା ଘର ଭିତରରେ ପ୍ରବେଶ କରି ଦେଲା ଷଣି ବ୍ୟାଘ୍ରଟି ଆପଣା ଜାତିସ୍ୱ ସାହସରେ ଏହି ଘୋଡ଼ାକୁ ପ୍ରାଣେ ମାରି ତାହାମାଂସାଦି ଆସ୍ୱାଦନ କଲା ।

ପାଠକବର୍ଗ ! ବିବେଚନା କରିବେ ଯେ ବ୍ୟାଘ୍ରକୁ ହେଉ ଡରେ ବୋଲି ପରମ୍ପରକୁ ଶୁଣାଅଛୁ ଅଧୁନା ପ୍ରେମବ ବ୍ୟାଘ୍ର ଘୋଡ଼ାର ପ୍ରତକ୍ଷରେ ଦେଖା ଗଲା ଏସ୍ଥଳରେ ବ ଅସ-

Digitized by srujanika@gmail.com

ମୃତ ସମ୍ବାଦ ନ ହେଲ ଅତ୍ୟ ଈଶ୍ୱରଙ୍କର ଚରଣଙ୍କୁ ଧନ୍ୟବାଦ ଦେବାର ଉଚିତ ।

ଜଗତ୍ପିତା ଜଗଦୀଶ୍ୱର ଯାହାଙ୍କୁ ଯେତେବେଳେ ଓ ଯେଉଁ ସ୍ଥାନରେ ମୃତ୍ୟୁ ନିର୍ଦ୍ଧାରିତ କରି ଅଛନ୍ତି ତାହାଙ୍କୁ କାହାର ଅଧିକାରରେ କେହି କେବେ ରୋକି ନ ପାରେ ।

ତା୬।୮୭ } ବଶମଦ
ଖଣ୍ଡପଡ଼ା } ଶ୍ରୀବାବୁ ମଧୁସୂଦନଶ୍ରୀ ହରିନାୟକ
ଉଦ୍ଦିଷ୍ଟଙ୍କର ପୁତ୍ର ।

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଜଗତଚନ୍ଦ୍ର ଘୋଷ | କଟକ | ବଙ୍ଗସ୍ତ | ଟ ୩ |
| " ଶ୍ୟାମଚରଣ ଦାସ | ବାଣପୁର | ଅଗ୍ରିମ | ଟ ୧୫ |
| " ଗୁରୁପ୍ରସାଦ ଦାସ | ବାଲେଶ୍ୱର | ବକୀୟା | ଟ ୨ |
| " ମଦନମୋହନ ଦାସ | ବସ୍ତା | ଅଗ୍ରିମ | ଟ ୩ |
| " କୃଷ୍ଣମୋହନ ବସୁ | କଟକ | ବକୀୟା | ଟ ୬ |
| " ସଦାନନ୍ଦ ବସୁ | " | ଅଗ୍ରିମ | ଟ ୧୫ |
| " ଦ୍ୱାରିକାନାଥ ବସୁ ଜଗତସିଂହପୁର | | " | ଟ ୧ |
| " କମଲବନ୍ଧୁ ଭଟ୍ଟାଚାର୍ଯ୍ୟ ପୁରଙ୍ଗ | | ବକୀୟା | ଟ ୬ |
| | " | ଅଗ୍ରିମ | ଟ ୩ |
| " ସୁଦର୍ଶନ ମହାପାତ୍ର | ସୁଙ୍ଗଡା | " | ଟ ୩ |
| " ଠାକୁର ଜେନା | ଛତ୍ରା | " | ଟ ୩ |
| " ହାଡ଼ୁ ସଦାଶିବ | ଚାନ୍ଦବାଲି | ବକୀୟା | ଟ ୬ |
| " | " | ଅଗ୍ରିମ | ଟ ୩ |
| " ଜଗବନ୍ଧୁ ବେହେରା ପ୍ରଧାନ ପୁରୁଷ | | ଅଗ୍ରିମ | ଟ ୩ |
| " ବୈଷ୍ଣବଚରଣ | ଦୁର୍ଗାପୁର | " | ଟ ୩ |
| " ସୋମନାଥ ଦେ ରାଓ | କଟକ | " | ଟ ୩ |
| " ବୈକୁଣ୍ଠ ସାହୁ | ପଣ୍ଡପଡ଼ା | " | ଟ ୩ |
| " ବନମାଳୀ ମଗୁର | ଜଗନ୍ନାଥପୁର | " | ଟ ୩ |
| " ଗୋବର୍ଦ୍ଧନ ମହାନ୍ତି | କଟକ | ଅଗ୍ରିମ | ଟ ୩ |

## ବିଜ୍ଞାପନ ।


**SCHOOL BOOKS! SCHOOL BOOKS!**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନାପ୍ରକାର ଇଂରେଜୀ ଏବଂ ଓଡ଼ିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକ-ପ୍ରିଣ୍ଟିଂ-କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

NOTICE.

Wanted for employment at Kanika as Temporary works mohorir, a passed student of the Ravenshaw College Survey class, one with practical experience preferred. Pay Rs. 15 per mensem.

Apply with copies of certificates to the District Engineer Cuttack.

Cuttack Collectorate } E. R. HENRY.
The 16th June 1887. } *Offg. Collector*


ସାମ୍ୟବାଦୀ ।

ବିନାମୂଲ୍ୟ ବିତରଣ ଧର୍ମ ଓ ନୀତିସମ୍ବନ୍ଧୀୟ ମାସିକପତ୍ରିକା ।

୨ ୟ ସଂଖ୍ୟା ପର୍ଯ୍ୟନ୍ତ ପ୍ରକାଶିତ ହୋଇଅଛି । ମଫସଲବାସୀମାନେ ଟ ୬ ଡାକ ମାସୁଲ ମାତ୍ର ପଠାଇଲେ ଗ୍ରାହକ ଶ୍ରେଣୀଭୁକ୍ତ ହୋଇ ପାରିବେ । ଅନ୍ୟଥା ସାମ୍ୟବାଦୀ ପଠାଇବା-ନିମନ୍ତେ ଅବେଦନ କରିବା ନିଷ୍ପ୍ରୟୋଜନ ।

ପ୍ରଥମଥର ଏହା ଉତ୍କଳଦୀପିକା ସହିତରେ ପଠା ଯାଇଥିଲା, କିନ୍ତୁ ଅତଃପର ଆଉ ସେପରି ଭାବରେ ପଠାଯିବ ନାହିଁ । ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ଡାକ ମାସୁଲ ଓ ପତ୍ରାଦି ପଠାଇବାକୁ ହେବ ।

ବାଲୁବଜାର } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
କଟକ } ସାମ୍ୟବାଦୀସମ୍ପାଦକ ଓ ପ୍ରକାଶକ


**ADVERTISEMENT.**

**CLASS NOTES FROM GEOGRAPHY.**

A very useful adjunct to Geographical course for higher class English schools, very highly spoken of by students who have used it during the past year. It saves half the trouble of learning the Geography from the class text book. Boys will find it a very useful help for the trifling price of *two annas.*

Apply to the Manager, Cuttack Printing Company.


ମୟୂରଭଞ୍ଜ ଗଡ଼ଜାତ ନିମନ୍ତେ ମାସିକ ଟ ୨୦ଙ୍କା ବେତନରେ ଏକଜଣ ଅବକାରୀ ଦାରୋଗା ଓ ମାସିକ ଟ ୧୫ଙ୍କା ବେତନରେ ଜେଲେକଜଣ ପୁଲିସ ହେଡ଼ କନେଷ୍ଟବଲଙ୍କର ଆବଶ୍ୟକ ।

ଯେଉଁମାନେ ଶାରୀରିକ ବଳ୍ଗ ସମର୍ଥ ଅଥଚ କ୍ଷେତ୍ର ପ୍ରଧାନ ସ୍ଥାନମାନଙ୍କରେ ପରିଶ୍ରମ ସହକାରେ କାର୍ଯ୍ୟ କରିବାକୁ ସକ୍ଷମ ହେବେ ସେମାନେ ଦରଖାସ୍ତ କରିବେ । ଦରଖାସ୍ତକାରମାନଙ୍କର ଓଡ଼ିଆ ଭାଷାରେ ସମ୍ପୂର୍ଣ୍ଣରୂପେ ଦକ୍ଷତାର ହେବାକୁ ଅବଶ୍ୟକ । ଯେଉଁମାନଙ୍କର ଅବକାରୀ ଓ ପୁଲିସ ବିଭାଗର କାର୍ଯ୍ୟରେ ପାରଦର୍ଶିତା ଅଛି ସେହିମାନଙ୍କୁ ମନୋନୀତ କରାଯିବ ।

ଦରଖାସ୍ତ କାରିମାନେ ଅପଣା ୨ ପ୍ରଶଂସାପତ୍ର ନକଲ ସହିତ (ଯାହା ସେମାନଙ୍କୁ ପ୍ରତ୍ୟର୍ପଣ କରାଯିବ ନାହିଁ) ଆଗାମୀ ଜୁଲାଇମାସ ତା ୨୦ ଖଣ୍ଡ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ-ଠାରେ ଅବେଦନ କରିବେ ।

H. P. WYLLY.
Manager.
19-5-87

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀ-ପ୍ରେସ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କରରାୟ ଓ କଟକ ରେଭେନ୍ସା କଲେଜ ଶ୍ରୀଯୁକ୍ତ ପଣ୍ଡିତ ରାମଚନ୍ଦ୍ରଙ୍କ ମହାନ୍ତି ଓ ବାଲେଶ୍ୱର ନର୍ମାଲସ୍କୁଲ ହେଡମାଷ୍ଟର ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ମହାଶୟ-ମାନଙ୍କଠାରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

| | |
|---|---|
| ଶ୍ରୀମଦ୍ଭଗବଦ୍ଗୀତା ସଂସ୍କୃତ ଓ ଉତ୍କଳ-ପଦ୍ୟାନୁବାଦ ସହିତ | ଟ ୦ ୩୬ |
| ମୋହମୁଦ୍ଗର ସଂସ୍କୃତ ଓ ଉତ୍କଳ ଅନୁବାଦ ସହିତ | ଟ ୦ ୧ ୬ |
| ଭଗବାନ୍ ବେଦବ୍ୟାସ ରଚିତ ସଂସ୍କୃତ ମହାଭାରତର ଉତ୍କଳ ପଦ୍ୟାନୁବାଦ ଆଦିପର୍ବ | ଟ ୨ |

## ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନଷ୍ଟ ହୋଇଯାଏ । ପାରଦର ଘା, ଗରମୀ ଘା, ନଳୀ ଘା, ଚେକ ଓ ନାଲି-ଭିତରର ଘା, ଗୋଲ ଘା, କାଳ ଘା, କାନର ପୂଜ, କୋଷ୍ଠ-କାଠିନ୍ୟ ଅଜୀର୍ଣ୍ଣତା, ପେଟଫୁଲା ଗଣ୍ଠିବ୍ୟଥା, କାଶ, କ୍ଷୟକାଶ, ପ୍ରସ୍ରାବପୀଡ଼ା, କୁଷ୍ଠ, ଧାତୁଦୌର୍ବଲ୍ୟ ଏବଂ ଲକ୍ଷଣରହିତ ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

ଔଷଧର ମାତ୍ରା ବୋତଲ ଦେହରେ ଚିହ୍ନ-ଦ୍ୱାରା ଦେଖାଇ ଦିଆଯାଇଅଛି ଏବଂ ତାହା ସକାଳେ ଓ ସନ୍ଧ୍ୟାବେଳେ ଖାଇବାକୁ ହେବ । ପଥ୍ୟାପଥ୍ୟର ନିୟମ ବୋତଲର ଟିକଟରେ ଲେଖା ଅଛି । ପରୀକ୍ଷାଦ୍ୱାରା ଏଥିର ଗୁଣ ଦେଖା ଯାଇଅଛି ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ସିସିକୁ ଟ ୧ ।

Split by PDF Splitter



### ବରଫ ! ବରଫ !!

ଏ ନଗରରେ ସ୍ଥାପିତ କଳଦ୍ୱାରା ଅତି ପରିଷ୍କାର ଓ କଠିନ ବରଫ ପ୍ରସ୍ତୁତ ହୋଇ ପୋଷ୍ଟ ଏବଂ ଡାକଘର ନିକଟ ବାବୁଙ୍କ ଘରନେ ଦୋକାନରେ ବିକ୍ରୟ ହେଉଅଛି ମୂଲ୍ୟ ପ୍ରତି-ସେର ୫ ୦ ୵ ଲେଖାଏଁ । ଯେଉଁମାନେ ସର୍ବଦା କିଣିବେ ସେମାନେ ବାବୁ ନନ୍ଦାସନିଲ ପଣ୍ଡିତଙ୍କଠାରୁ ଏହାବେଳହେ ବେବସ୍ଥାକରି ୫୦ଙ୍କ ବଣଆଣ ଅବଶ୍ୟକ ମତେ ଦୋକାନକୁ ପଠାଇ ବରଫ ଅଣିଲେ ଅଧିକ ସୁବିଧା ହେବ ।

---

### ବିଶେଷ ଦ୍ରଷ୍ଟବ୍ୟ ।

ହେଦ୍ରାପଡ୍ରାସ୍ତ ଭବଗତ ଶ୍ରୀବାବୁ କଣ୍ଠୀନା-ସ୍ୱଯ୍ୱଣ ଗୁପ୍ତ ସୁକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବା ଇଚ୍ଛାରେ ପ୍ରସ୍ତୁତ ଅଛନ୍ତି । ଗତ ତିନିବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନ-ମଧ୍ୟରେ ତୁମ୍ଭେ ଆରୋଗ୍ୟ ହୋଇବେ । ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

---

# ମେହରୋଗ ।

ଏ୬୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତନାର୍ଦ୍ଧ ରୋଗ-ଶାନ୍ତିକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସହାସେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ । ଏହି ଔଷଧ ଯଥାଶୀଘ୍ର ଏକଶ୍ରାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତା-ହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣିଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବିଷୟରେ ପରୀକ୍ଷା ନ ହେଲେ ଅନୁଭବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅଟୋଇଷ୍ଟୋଲ ନମ୍ବର ଭବନରେ ଯ, କେ, ସୁଯ ବୈଦ୍ୟାନାଙ୍କଦାରେ ଏବଂ କଟକ

କଟକ ବଡ଼ାବଜାର ପ୍ରିୟଂବଦ୍ୟାନାଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ୧ଶିଶି-ସଙ୍କୁ ୫୨ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ ।

---

# ବାଲିକାଗଜ ।

କଲକାତିର ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଜ୍ଜୁନ କର ବଳ୍ୟାନଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା —

| | | | | | |
|---|---|---|---|---|---|
| ୧୭ ପଣି ମାଇ | ଦ ୧୮ | ୫ ୧୵ | ଦ ୧୮ | ୫ ୦ ୵୨ |
| ୧୮ ପଣି | " | " | ୫ ୨୭ | " | ୫ ୦ ୵୦ |
| ୨୨ ପଣି | " | " | ୫ ୨୮ | " | ୫ ୦ ୵ |
| ୩୦ ପଣି | " | " | ୫ ୨୮ | " | ୫ ୦ ୵୨ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକ-ତରେ ୧୦ ମ ବା ଅଧିକ କ୍ରୟ କରିବେ ଆହୁରି ସୁଲଭ ମୂଲ୍ୟରେ ପାଇ ପାରିବେ । ମଣ୍ଡଳ ।

---

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର୍ ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ତନିବନ୍ଦୋଣା ଓ ଜଳଗ ଓ ରେସମାର୍ଗେର ଲୁଗା ଓ ଷ୍ଟୋଭିକଣ୍ଠ ଓ କଲ-ଦଶ ନମାଣ୍ଡ ସଉଦାଗର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଭିନ୍ନ ଆଉ କେତେକ ଫେନମ୍ ଜିନିଷାରୁ ବିକ୍ରୟ ସହାସେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେ-ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ କଲୋଇ ଝାଡ଼ ବିକ୍ରୟ ସହାସେ ଦୋକାନରେ ପ୍ରସ୍ତୁତ ରଖି-ଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାକୁ ବିକ୍ରୟ କରାଯିବ । ଯଦି କେହି ଝାଡ଼ମାନ ବିକ୍ରୟ ହେବା ପରେ ଅପଣା ମଜଲିସ ସହାସେ ଭଡ଼ା ନେବାକୁ ହେବେ ଏକ ରାତିକୁ ଫି କଣ ୫୦୵୨ ହିସାବରେ ଭଡ଼ା ଦେଲେ ପାଇ ପାରିବେ ! ମାତ୍ର ତାହାର ଭଙ୍ଗ ଅଥବା ଲିଖିତ କାର ଭାର ଉପରେ ଥିବ । ଭଙ୍ଗ ହେଲେ ଝାଡ଼ର ପୂରା ମୂଲ୍ୟ ତାକୁ ଦେବାକୁ ହେବ ।

### ତପସିଲ ।

| | |
|---|---|
| କଲର ଶେମଣା ତ ଚନ୍ଦ୍ରଲେ ସୂତ ଚେରେ ସୂରେ । | ଭାତ ଚିପ୍ପର ଓ ଡଡ ଲଣ୍ଠନ ଓ ସିତ |
| ଚେସେମ୍ବାର | ବସଗ ଚେବେରା |
| କେସୋଶନ୍ ତେଲ ଲଗୋ ସେଇ ସୁରାଙ୍ଗ ଚୋନ ଷନ୍ଦୁକ । | ଭଙ୍ଗ ଜୁତପେଟ୍ରୁସ ଏରେପେସ ଜୁଗ |
| | ନେଲସଳ ଓପୋର ଷମ ଜେସନ ଅସଲ |
| ଜୁନ୍ ଅର୍ଥାତ୍ ଜବରା କହିବା ବାଲର ଟେକ୍-ହିଲ ଓ ବଲନ । | ମାର୍କୀ କାଚୀ ଭୃଙ୍ଗାର ତଲ୍ ଟେବେଲ ଖୋଲ ସଟେ ବଡ଼ ହେବ ଚାହି । |
| ଟେହିଲ ବାଇବା ଲଳ । | ଏ, ରୋଷନ ଲକ୍ଷ୍ମୀକାନ୍ତ ଭାଗିଲ ଓ ବ୍ରହ୍ମା । |
| ଭାରୀ ଗ୍ରବାଲର ଓଠ-ଭଗନ ଓ ଲଗାଶ | ଚଉଗ ଅଲ୍ଲୋସା |
| ହେଷୀ ଲୁଅ । | ଏକର ବାରଣ । |
| ଟେର ଛଣ । | ସ୍ୱର୍ଣ୍ଣ ପେନ । |
| ଚଉଗ ଗାରୁନ । | ଅଟଲୋସ ପେନ୍ସିଲ୍ ଶ ଅଟ ଏ ଟେଲସିଲରେ ରେଓ ହଟେଙ୍ଗ ପ୍ରେଡ ଭଲ ଲିଖାଇ ଶିସ ପେନସିଲ ଲେଖା ଯ ଗଲେ ତେଡ ଉଠାଇ ଟେଲେ ଚପ୍ଲଁ ଭ ନ ଉଠେ । |
| ତାଲାପି ସାବାନ ଖର୍ଚ୍ଚ ବେ ଲୁଗା ସଫାଇ ହୁଏ । | ହଟେଙ୍ଗ ପେପର । |
| ହେଲ୍ଥ ଲେନ—ଅର୍ଥାତ୍ ସ୍ୱାସ୍ଥ୍ୟ ତୁଲ । | କବର୍ତ୍ତିକ ଟେଲରେ ଲକ-ବାର ଥାଠ । |
| ଅସଲ ଚୁଡ଼ା । | ଲକଭର ସ୍ପେସର ଅଧାର ସଠାର ଓଶର ଗାଲେଗର ଉଦର । |
| ଓଡ଼ିଆ ସୁଚ୍ ସୁତା । | ଲଣ୍ଠାମ । |
| ଦସ୍ତର ଅଳ । | ଲେଖ୍ ଜୁ ସେକ୍ସପିଅର ଷମ ଚୋଟର |
| ଜ୍ୱେଲେଷ୍ଟାଇନ୍ । | ଲଣ୍ଠାରୀ ପାର୍ଗ ଓ ଲୋକ ଓ ଜଳ |
| ଲୋଲକୁଲନ ଟେବଲ-ମେନ ଓ ଚାଉନ ରୋ-ଲଗେ ସଟେ | ମଜବୁତାବାସ ଓ ଗିଲ-ଗାଇ ଗାଙ୍କୋରେ ଓ ଗାତୀ । |
| ଟୁଥ୍ ବାଚ ଅର୍ଥାତ୍ ଲେଣ୍ଡିଙ୍ଗ ଲେଲେ ସଲ ଓ ଶୁଖିଲେ ଅଳା ହେବ । | ଟ୍ରିଙ୍ଗ, ବାଚ |
| ଅସଲା ଚଣ୍ଡା ୧୨×୧୦ ଇଞ୍ଚ ୧୪×୧୨ ଇଞ୍ଚ | |
| ସଟେକଣ୍ଡବ ଯୀ'ଷସ ଯାନ୍ତି ସ୍ୱଚ୍ଛ ୫ ୦ ୵୨ | |
| ମୋଜା ଓ ମୋଜାବନ୍ଦ ଭଲମ ଶ୍ୱ ନକଲେଶ ଚଉଗ ସାଜିନ ଭଣ ଭଣ୍ଡି ଓ ଗାଉଜର ଟୌଲ ଫେଡ | |

ଅଲରକନ୍ଦର କର କମ୍ପାନୀ

---

ଉତ୍କଳଦୀପିକାରେ ବିଜ୍ଞାପନ ଛାପାଇବାର ଦର । ଦେଶ-ଣିଠ ଭୃତ୍ୟ ଆର ଜୋଇଥିବ ଯଥା —

ପ୍ରଥମଥର ସକାଶେ

| | |
|---|---|
| ଆଠ ଧାଡ଼ି | ୫ ୦ ୵ |
| ଅଧ ସ୍ତମ୍ଭ | ୫ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ୫ ୩ |

ମାତ୍ର କୌଣସି ବିଜ୍ଞାପନ କେତେ କ୍ଷୁଦ୍ର ହେଲେହେଁ ତହିଁ ର ଦର ୫ ୦୦ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଅପେକ୍ଷା ଓ ଷ ଚ୍ଛଇ ଉଣା କରେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରେ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସହେ ପଠାଇବାକୁ ହେବ

---

ଏହି ପତ୍ର ଉତ୍କଳଦୀପିକା ଯନ୍ତ୍ରର ମଧ୍ୟରେ ଉତ୍କଳବାସୀଙ୍କ ମଙ୍ଗଳ ଟ୍ରେଣ୍ଡଂଲେଗେର ସହାୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1

215

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୨ ଭ
ସଂ ୨୬ ସଂଖ୍ୟା

ତା ୨୪ ଜେଠ ମାହେ ଜୁନ ସନ ୧୮୮୬ ମସିହା । ମୁ । ଆଷାଢ଼ ବ ୧୦ ଓ ସନ ୧୨୯୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲

ଶୁଣାଗଲା ସାମସ୍ ସାହେବ ଟଙ୍କା କରକ-ଚ୍ଛତ୍ର ସ୍ଥାନାନ୍ତରରେ ତାହାଙ୍କ ମହାଜନ ମାନଙ୍କର ବହୁ ସୁବିଧା ହେବାର ଜଣାଯାଏ । ଗତଥ ସ୍ତାହର ଅମୃତବଜାର ପତ୍ରିକାରେ ପାଠ-କଲୁଁ ଯେ ସାହେବ ପ୍ରସଂହିତ ହୁକମେଣ ବାବୁଙ୍କ ଟଙ୍କା ଏଥିମଧ୍ୟ ରୁ ନେଇ ଯଦାଇ ଅଛନ୍ତି । ଅନେକ ମହାଜନ ଯେଉଁବ ଲୋକ ଥାନ୍ତି ଏବଂ ତାହାଙ୍କ ପାଉଣା ଆଦାୟରେ ବିଳମ୍ବ ହେଉ-ଥିଲେ ଅମୃତବଜାର ପତ୍ରିକାକୁ ଲେଖା ପଠାଇ ପାରନ୍ତି । ଅଦାଲତ ଅପେକ୍ଷା ଏ ଉପାୟରେ ଶୁଦ୍ଧ ଅବଶ୍ୟ ଓ ଅଳ୍ପ ଖର୍ଚ୍ଚରେ ଆଦାୟ ହେବାର ବିଲକ୍ଷଣ ସୁବିଧା ଦିଶୁଅଛି । ଏ ବୌଦ୍ଧିକ ମନ ନୁହଇ ।

---

ଗତ ଶନିବାରଠାରୁ ମୌସୁମି ବର୍ଷା ଏଠାରେ ପ୍ରକୃତରୂପେ ଆରମ୍ଭ ହୋଇ ଏ ସପ୍ତାହରେ ପ୍ରାୟ ନିତ୍ୟ ପ୍ରଚୁର ବୃଷ୍ଟି ହୋଇଅଛି ବିଲ ଖାଲମାନଙ୍କରେ ଜଳ ସଞ୍ଚୟ ହୋଇଅଛି । ମୌସୁମ ଆରମ୍ଭରୁ ଯେରୂପ ଭୟାନକ ବର୍ଷା ହେଉଥିଲା ତହିଁରେ ମହାନଦୀରେ ନୂତନ ଜଳ ଆସିବାକୁ ଆଉ ବିଳମ୍ବ ନ ଥିଲା ଫଳତଃ ଗତ ବୁଧବାର ସନ୍ଧ୍ୟାବେଳାରୁ ମହାନଦୀ ଓ କାଠଯୋଡ଼ୀ ନଦୀରେ ନୂତନ ଜଳ ଆସିବାରୁ ଗୁରୁବାର ଦିନରୁ ଘାଟ ନୌକାମାନ ଚଳିଲା । ବନ୍ଧୁ ଶ୍ରଦ୍ଧାଳୁମାନେ ଏଣିକି ତାହଙ୍କର କଷ୍ଟରୁ କ୍ଷମା ପାଇଗଲେ । ଶୁଣିବାରେ ଜଳ ଆସିବା ବେଳେ ଜଣେ କ୍ଷମାରୁଣୀ ବଡ଼ାକାଶିଠାରେ କାଠଯୋଡ଼ୀରେ ପଶି ଅସୁ-ମସ୍ତ ପଡ଼ିଲା ।

---

ଶ୍ରୀମତୀ ମହାରାଣୀ ଇଂଲଣ୍ଡେଶ୍ୱରୀଙ୍କ ପଞ୍ଚାଶ ବର୍ଷ ରାଜତ୍ୱ ପୂର୍ଣ୍ଣ ହେବାର ଜୁବିଲି ଉତ୍ସବ ବ ଯାହାକୁ ପ୍ରାୟ ଏକବର୍ଷରୁ ଲୋକେ ଅତି ଆନନ୍ଦ ସହିତ ଅପେକ୍ଷା କରୁଥିଲେ ଏବଂ ଯାହା ସୁବିଧା ଦୃ-ଷ୍ଟିରେ ଅସ୍ମଦ୍ଦେଶରେ ଗତ ଫେବୃଆରୀମାସରେ ପ୍ରତିପାଳିତ ହୋଇଥିଲା ଗତ ସୋମବାର ଓ ମଙ୍ଗଳବାର ମହା ସମାରୋହ ସହିତ ବିଲାତରେ ପ୍ରତିପାଳିତ ହେଲା । ମହାରାଣୀ ରାଜକୀୟ ପୋଷା କ ଓ ମୁକୁଟ ଧାରଣ କରି ସର୍ବସାଧାରଣଙ୍କୁ ବି-ଶେଷ ଆପ୍ୟାୟିତ କରିଥିଲେ ଏ ନାନାଦେଶର ଲୋକ ମଧ୍ୟରେ ଭାରତବର୍ଷର ଗୁଡ଼ିକୁବାଡ଼ ପ୍ରଭୃତି ମହା ମାନ୍ୟମାନ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ପରେଇଁ ଇତ୍ୟାଦି ଭାରି ଧୂମଧାମ ହୋଇଥିଲା । ଭାରତବର୍ଷରେ ଉକ୍ତ ଦୁଇଦିନ ସମସ୍ତ କଚେରୀମାନ ବନ୍ଦ ହୋଇଥିଲା ମାତ୍ର ଅସମୟରେ ଆଦେଶ ଆସିବାରୁ ଏଠା କଲେକ୍ଟରୀ ଅଦାଲତ କମିଶ୍ନରୀ କଚେରୀ କେବଳ ଏକଦିନ ବନ୍ଦ ହୋଇଥିଲା ।

---

ପୁରୀମୋକଦ୍ଦମା ସମ୍ପର୍କରେ ଆମ୍ଭେମାନେ ଗତପୂର୍ବ ସପ୍ତାହରେ ଲେଖିଥିଲୁଁ କି ରଫାର ସର୍ତ୍ତ-ମାନ ରାଣୀ ମଞ୍ଜୁର କଲେ ରଫାଦାଦ ଦରଖାସ୍ତ ଦାଖଲ ହେବ ଏବଂ ତଦନୁସାରେ ମୋକଦ୍ଦମା ଡିକ୍ରୀ ହେବ । ଏଥିରୁ ଡିକ୍ରୀଶବ୍ଦ ବ୍ୟବହାର କରିବାଦ୍ୱାରା କେତେଲୋକଙ୍କ ମନରେ ଭ୍ରମଜାତ ହୋଇଥିବାର ପ୍ରକାଶ ପାଉଅଛି ଏବଂ ପୁରୀର ଖଣ୍ଡିଏ ପ୍ରେରିତପତ୍ରରୁ ମଧ୍ୟ ତାହା ଜଣାଯାଏ । ପ୍ରକୃତରେ ଡିକ୍ରୀଶବ୍ଦର ଯେଉଁ ଅର୍ଥ ଏପ୍ରଦେଶ-ରେ ଲୋକେ ସଚରାଚର ବୁଝନ୍ତି ସେ ଅର୍ଥରେ ବ୍ୟବହାର ହୋଇ ନାହିଁ । ନିଷ୍ପତ୍ତି ବା ଫଏସଲ ବଦଳରେ ଡିକ୍ରୀଶବ୍ଦଃ ବ୍ୟବହାର ହୋଇ-ଥିଲା । ଅର୍ଥାତ୍ ରଫା ଅନୁସାରେ ମୋକଦ୍ଦମା ନିଷ୍ପତ୍ତି ହେବ ଏବଂ ରାଣୀଙ୍କୁ ସରକାରପକ୍ଷର ମୋକଦ୍ଦମାର ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ । ଯେପର୍ଯ୍ୟନ୍ତ ରଫାନାମା ଦାଖଲ ଏବଂ ଅଦାଲତଙ୍କ ନିଷ୍ପତ୍ତି ପ୍ରକାଶ ହୋଇ ନାହିଁ ସେପର୍ଯ୍ୟନ୍ତ ନିଶ୍ଚୟ କଥା କିଛି କୁହାଯାଇ ନ ପାରେ । ଉପର ଲିଖିତ ଭାବରେ ରଫାର ବନ୍ଦୋବସ୍ତ ଲାଗିଅଛି ।

---

ଜେଠମାସ ତା ୮ ଓ ୯ ତାରିଖରେ ଆରବ ଉପସାଗରରେ ଭୟଙ୍କର ତୋଫାନ ହୋଇ-ଥିଲା । ଏ ତୋଫାନର ବଳ ଗତମାସରେ ବଙ୍ଗ ଉପସାଗରରେ ଘଟିଥିବା ତୋଫାନଠାରୁ ଅଧିକ ଏବଂ ସ୍ଥିତିକାଳ ମଧ୍ୟ ଅଧିକ ହୋଇଥିଲା । ସମୁଦ୍ର ତେଉ ପର୍ବତାକାରରେ ଉଠୁଥିଲା ଏବଂ ବେଳେ ଆକାଶଙ୍କୁ ମିଶିଯିବାପରି ଜଣାଯାଉଥିଲା । ବମ୍ବେଉପକୂଳରେ ଥିବା ଜାହାଜ ଓ ବୋଟମାନ କ୍ଷତବିକ୍ଷତ ହୋଇଯାଇ-

Digitized by srujanika@gmail.com

Split by PDF Splitter



ଥିଲା ମାତ୍ର ଷଣ୍ଡେ ଜାହାଜ ଛଡ଼ା ଅନ୍ୟ କୌଣସି ମାଲ୍ ଖାଲିବାର ପ୍ରକାଶ ପାଇ ନାହିଁ । ବନ୍ଦରସ୍ଥାନ ବୋହିବା ଜାହାଜ ଓ ଅନ୍ୟାନ୍ୟ ଜାହାଜମାନ ଏହି ତୋଫାନରେ ପଡ଼ିବାର ଶଙ୍କା ହୋଇଥିଲା । ମାତ୍ର ଆମ୍ଭମାନଙ୍କ ଜଣା ହୋଇ ନାହିଁ ଏବଂ ନଙ୍ଗର ସାବଧାନରେ ରହିଲା ଏସ୍ଥାନରେ ଦୂରଦଳ ଅଟେ ଭଲ ରକ୍ଷା ପାଇଅଛୁ । କେବଳ ଏ ଜାହାଜର ଦୁଇଖଣ୍ଡ ବୋଟ ଦୂରବାର ଏବଂ ଅନ୍ୟ ବୋଟମାନ ଅଳ୍ପିକ ଭଗ୍ନ ହୋଇଅଛି । ସନ ୧୮୮୨ ଏହି ତୋଫାନ ଓ ଜାହାଜର ବିପଦ କଥା କେହି ଦେଖା ନ ଥିଲା । ଏହି ତୋଫାନ ହେତୁରୁ ଏ ପ୍ରଦେଶରେ ଦୁର୍ଭିକ୍ଷ ହେବ ଭୟ ପ୍ରକାଶ ହୋଇଥିଲା ।

———

ପୁରୀ-ସନାତନଧର୍ମ୍ମରକ୍ଷିଣୀ ସଭାର ସମ୍ପାଦକ ଶୁଣି ଅଛନ୍ତି କି ବାବୁ ମଧୁସୂଦନ ଦାସ ଓ ରାଜ ମହାଶୟ ଲଟ୍‌ବର୍ଣ୍ଣ ପୁରୀକି ଯାଇ ମନ୍ଦିର-ସକାଶେ ଜଣେ ମାନେଜର ନିଯୁକ୍ତ ହେବା ବିଷୟରେ ରାଣୀଙ୍କ ସମ୍ମତି ପ୍ରାପ୍ତ କରିଅଛନ୍ତି । ଲେଖକଙ୍କ ପ୍ରସ୍ତାବ ଏହିକି ଯେଉଁ ବ୍ୟକ୍ତି ହିନ୍ଦୁଧର୍ମ୍ମାଚରଣ ବିଶେଷ ଜ୍ଞାନବାନ୍ ଥିବେ ସେ ଏପଦର ଯୋଗ୍ୟ ହେବେ କେବଳ ଶିକ୍ଷା ଧନ ବା ମର୍ଯ୍ୟାଦା ଦୃଷ୍ଟିରେ କର୍ମ୍ମଶୀଳ ନିଯୁକ୍ତ କଲେ ଫଳ ହେବ ନାହିଁ । ଅବଶ୍ୟ ଜଗନ୍ନାଥଙ୍କପ୍ରତି ଯାହାଙ୍କର ବିଶ୍ୱାସ ଓ ମହାପ୍ରସାଦରେ ଭକ୍ତି ଥିବ ସେ ଲୋକ ମାନେଜର ହେବାର ବାଞ୍ଛନୀୟ କରୁ ଏହିବ ଗୁଣ ଯଥେଷ୍ଟ ନୁହଇ । ମନ୍ଦିରର ଶଭାଧିକାରୀଙ୍କ ଉପରେ ଯେ ବ୍ୟକ୍ତି କର୍ତ୍ତୃତ୍ୱ ଏବଂ ସରକାରୀ କର୍ମ୍ମଚାରୀ ସହିତ ସ୍ୱାଧୀନଭାବରେ ଏବଂ ଦକ୍ଷତାସହିତ କାର୍ଯ୍ୟ କରିପାରନ୍ତି ଏବଂ ଜନସମାଜରେ ମାନ୍ୟଜନ ଏବଂ ସଚ୍ଚରିତ୍ର ହୋଇଥିବେ ସେ ବ୍ୟକ୍ତି ଖୋଜି ହେବେ ସେପରି ଲୋକ ଏକାର୍ଯ୍ୟସକାଶେ ପ୍ରୟୋଜନ ଏବଂ ଭରସା କରୁଅଛୁ ରାଣୀ ଉପଯୁକ୍ତ ବେତନ ଦେଇ ଏପ୍ରକାର ଏକ ବ୍ୟକ୍ତିକି ନିଯୁକ୍ତ କରିବେ ।

———

ଶ୍ରୀଯୁକ୍ତ ଭଗ୍ନସ୍ୱାମୀଙ୍କ ଟଙ୍କା କରଜ କରିବା-ବିଷୟରେ ଗବର୍ଣ୍ଣମେଣ୍ଟ ଯାହା ବିବେଚନା କରନ୍ତୁ ପଛକେ ଅମୃତବଜାରପତ୍ରିକା ସେହି କାଗଜର ଉଦାହରଣମାନ ପ୍ରକାଶ କରିବାରୁ ଛାଡ଼ୁ ନାହାନ୍ତି । ସହଯୋଗୀ ଲେଖିଅଛନ୍ତି କି ଅନେକ ବର୍ଷ ହେଲା ଭଗ୍ନସ୍ୱାମୀଙ୍କ ଉତ୍ତରସ୍ୱ-ଧିକାରୀ କରୁ ଉମେଶଚନ୍ଦ୍ର ମଣ୍ଡଳଙ୍କଠାରୁ ଟଙ୍କା କରଜ ନେଇଅଛନ୍ତି । ଏଥିରୁ ଉମେଶ ବାବୁ ଜଣେ ଜମିଦାର ଏବଂ ତାହାଙ୍କ ନିବାସ ଚନ୍ଦ୍ରପୁର, ବର୍ଦ୍ଧମାନବିଭାଗର ଅନ୍ତର୍ଗତ ଅଟଇ ନ ଯେଉଁ ବିଭାଗର କମିଶନର ଭଗ୍ନସ୍ୱାମୀ ଥିଲେ । ବଳ୍ପସିଦ୍ଧ ଟଙ୍କା ସୁଝି ପାରୁ ନାହାନ୍ତି ଏବଂ ଉମେଶବାବୁଙ୍କର କ୍ରମାଗତ ତାଗିଦରେ କେବଳ ମହଲତ ନେଉଅଛନ୍ତି । ଏ ବିଷୟରେ ଏମାନଙ୍କ ମଧ୍ୟରେ ଯେଉଁ ଚିଠି-ପତ୍ରମାନ ଲେଖାଲେଖି ହୋଇଅଛି ସେସବୁ କ୍ରମେ ଜନସାଧାରଣରେ ପ୍ରକାଶ ହୋଇଯାଉ-ଅଛି । ଅମୃତବଜାରପତ୍ରିକାର ସମ୍ପାଦକ କହୁଅଛନ୍ତି କି ସେ ଏପରି କେତେକ ଚିଠି ପଢ଼ିଅଛନ୍ତି ଏବଂ ଉମେଶ ବାବୁଙ୍କଠାରେ ଅନେକ ଚିଠି ଅଛି । ଜଣେ ପ୍ରଧାନ ହାକିମ ଜଣେ ଜମିଦାରଠାରୁ ଟଙ୍କା ନେଇ ସୁଝି ନ ପାରି ବାରମ୍ବାର ମିଥ୍ୟା ମହଲତ ନେବା କେମନ୍ତ ଲଜ୍ଜା କଥା ପାଠକମାନେ ଅନାୟାସରେ ବୁଝି ପାରୁଥିବେ । ଏପରି ଅବସ୍ଥାରେ ସରକାରୀ ଗୃହ-ର ମହତ୍ତ୍ୱ ମର୍ଯ୍ୟାଦା ଅଉ କି ରହିଲା ? ଭାରତବର୍ଷର ଅନେକ ସମ୍ବାଦପତ୍ର ଏ ବିଷୟର ତଦନ୍ତ କରିବା କାରଣ ଦୃଢ଼ରୂପେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛନ୍ତି ଏବଂ ଆମ୍ଭମାନଙ୍କ ବିବେଚନାରେ ଏ ଅନୁରୋଧ ଉଚିତ ଅଟଇ । ଯେବେ ଜଣେ ଉଚ୍ଚକର୍ମ୍ମଚାରୀ-ବିରୁଦ୍ଧରେ ଏପ୍ରକାର ଅଭି-ଯୋଗ ଶୁଣି ଗବର୍ଣ୍ଣମେଣ୍ଟ ତୁନି ହୋଇ ରହିବେ ତେବେ ବଡ଼ ଲଜ୍ଜା କଥା ହେବ ଏବଂ ଲୋକଙ୍କ ମନରେ ଏହି ବିଶ୍ୱାସ ଦୃଢ଼ ହେବ ଯେ ଗବର୍ଣ୍ଣମେଣ୍ଟ ଇଂରାଜ କର୍ମ୍ମଚାରୀଙ୍କର ଦୋଷ ଧରିବାକୁ କଦାଚ ଅଗ୍ରସର ନୁହନ୍ତି ।

———

ଶ୍ରୀମତୀ ମହାରାଣୀଙ୍କ ଜୁବିଲି ସ୍ମରଣାର୍ଥ ଏ ନଗରରେ ଗୋଟିଏ କଣ୍ଟ୍ର ଗଠିବ ସ୍ଥିରହୋଇ ଅଛି ଛନ୍ଦାଂ ର କୌଣସି ଉଦ୍ୟମ ନ ହେବାରୁ ଗତ ସୋମବାର ପ୍ରାତଃକାଳରେ କଲେକ୍ଟର କୋଠିଠାରେ ଜୁବିଲି କମିଟିର ଏକ ଅଧିବେଶନ ହୋଇଥିଲା । ସଭାରେ ପ୍ରକାଶହେଲା ଯେ ଉକ୍ତ କଣ୍ଟ୍ରକାଶେ ଗୋଟିଏ ସ୍ଥାନ ମନୋନୀତ ହୋଇ ତହିଁର ନକ୍ସା ଓ ଇଷ୍ଟିମେଟ ପ୍ରସ୍ତୁତ ହୋଇଅଛି । କଣ୍ଟ୍ରର ଅବଲମ୍ବନ ପ୍ରାୟ ୮୦୦ ମାଣ ଏବଂ ଏଥିରେ ପ୍ରାୟ ଷାଠିଏ ହଜାର ଟଙ୍କା ବ୍ୟୟ ହେବ । ଏଥିକୁ ଅବଶ୍ୟ ଉକ୍ତ କଣ୍ଟ୍ରସକାଶେ ସର୍ବସୁଦ୍ଧା ଏଗାରହଜାର ଟଙ୍କା ସଂଗୃହୀତ ହୋଇଅଛୁ । ଏଣୁ ସ୍ଥିର ହେଲା ଯେ ଏହି ଅଧିବେଶନ ତାରିଖ ମା ୧୦।୧୫ ଣ ମଧ୍ୟରେ ଗୋଟିଏ କଣ୍ଟ୍ର ହେଲେ ଯଥେଷ୍ଟ ହେବ । ମିଉନିସିପାଲ କମିଶନରମାନଙ୍କ କଣ୍ଟ୍ରନିର୍ମ୍ମାଣ ହୋଇଥିବା ଛୁଟିଥିବା ଟଙ୍କା ଦିଆଯାଉଅଛୁ । ସେମାନେ ଉପଯୁକ୍ତ ସ୍ଥାନ ପସନ୍ଦ କରନ୍ତି କମିଟିଙ୍କ ଅନୁମୋଦନ ନିମନ୍ତେ ଲେଖି ପଠାଇବେ ଓ ମନୋନୀତ ହେଲେ ଅବିଳମ୍ବେ କାର୍ଯ୍ୟାରମ୍ଭ କରିବେ । ଏହି କଥାମାନ ସ୍ଥିର ହୋଇ ସଭା ଭଙ୍ଗିଲା ଏବଂ ସେହିଠାରୁ କେତେଜଣ ସଭ୍ୟ ଉକ୍ତ ହୋଇଥିବା ସ୍ଥାନକୁ ଦେଖିବାକୁ ଯାଇ ତାହାଅଟେ ସଡ଼କ-ଦକ୍ଷିଣପାର୍ଶ୍ୱରେ ଥିବା ଏକଖଣ୍ଡ ପଡ଼ିଆ ଭୂମି ଓ ତହିଁରେ ଗୋଟାଏ ଡାଉଘର ଅଛି କଣ୍ଟ୍ରନିମନ୍ତେ ପସନ୍ଦ କଲେ ଉକ୍ତ ସ୍ଥାନ ଓ ନକ୍ସା ପ୍ରସ୍ତୁତ ଏବଂ ମିଉନିସିପାଲ ହେଉ କାରୀର ବନ୍ଦୋବସ୍ତ କରି ଥିଲେ । ଆମ୍ଭମାନଙ୍କ ବିବେଚନାରେ ଏ ସ୍ଥାନରେ କଣ୍ଟ୍ର ହେଲେ ଯେମନ୍ତ ଏକପକ୍ଷରେ ଉକ୍ତ ପଡ଼ିଆ ସ୍ଥାନଟି ଅବାଦ ହେବ ତେମନ୍ତ ଅନ୍ୟପକ୍ଷରେ ଏଥିର ଚତୁର୍ଦ୍ଦିଗସ୍ଥ ଜଳାଭୂମି ସ୍ଥାନର ବାୟୁ ପରିଷ୍କାର କରିବାଦ୍ୱାରା ସ୍ୱାସ୍ଥ୍ୟର ସାହାଯ୍ୟ କରିବ । ଏକରେଜାଣ ଭୂମି ୮୦ ଗୋଟିଏ କଣ୍ଟ୍ର ଏବଂ କର୍ତ୍ତବ୍ୟରେ ପରିଣତ କରିବା କୌଣସିମତେ ଯୁକ୍ତିସିଦ୍ଧ ନୁହଇ । ଏଥିରେ ଅନେକ ଲୋକଙ୍କର କଷ୍ଟ ହେଉଅଛି ଅଥଚ ସାଧାରଣ ଉପକାର କିଛି ନାହିଁ ମା ୧୦ ଣ ଉଦ୍ଧ ଗୋଟିଏ କଣ୍ଟ୍ରସକାଶେ ଯଥେଷ୍ଟ ଅଟଇ ବରଂ ତହିଁରୁ ଊଣା ହେଲେ କ୍ଷତି ନାହିଁ ।

———

ଶ୍ରୀମତୀ ମହାରାଣୀଙ୍କ ଜୁବିଲି ଉତ୍ସବରେ ଅନୁଷ୍ଠିତ ହୋଇଥିବା ଜାନା କଥାମଧ୍ୟରେ ପୁରୀବାସୀ କେତେଜଣ ସମ୍ଭ୍ରାନ୍ତ ମାନ୍ୟ-କର୍ମ୍ମଚାରୀଙ୍କର ଜୁବିଲି ଦରଖାସ୍ତ ନୂତନ ଘଟଣା ଅଟଇ । ସେମାନେ ଯେଉଁ ସାମାନ୍ୟ ହେତୁ ବା ଦୋଷରେ ମାଲୁମ ହୋଇଅଛନ୍ତି ସେସମସ୍ତ ବର୍ତ୍ତମାନ ଏହି ଜୁବିଲି ଉତ୍ସବରେ ଅପରାଧ କର୍ମ ଫେରିପାଇବା ନିମନ୍ତେ ଉପଯୁକ୍ତ ଫେରସ୍ତ ପାଇବାକାରଣ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କୁ ଏକ ଆବେଦନପତ୍ର ପଠାଇ ଅଛନ୍ତି । ଏହି ଆବେଦନ ପତ୍ରରେ ୮ ୭୧ ଣ

Digitized by srujanika@gmail.com

Split by PDF Splitter



ଲୋକଙ୍କର ସ୍ୱାକ୍ଷର ଅଛି ଏବଂ ସେମାନେ ଯେ ଯେଉଁ କାରଣରୁ କର୍ମଚ୍ୟୁତ ବା ପେନସନଚ୍ୟୁତ ବା ଅବନତ ହୋଇଅଛନ୍ତି ତହିଁର ବିସ୍ତାରିତ ବିବରଣ ଲେଖିଅଛନ୍ତି । ସେସମସ୍ତ ସାମାନ୍ୟ ବା ଆଶ୍ଚର୍ଯ୍ୟ ପ୍ରକାରର ହେଲେହେଁ ଉଲ୍ଲେଖ କରିବାର ପ୍ରୟୋଜନ ନାହିଁ । ପାଠକମାନେ ନିତ୍ୟ ୨ ତାହା ପ୍ରତ୍ୟକ୍ଷ କରୁଅଛନ୍ତି । ଦେଶୀୟ ଅମଲାଙ୍କୁ ସାମାନ୍ୟ କାରଣରେ ମାଜୁଲ କରିବା ବିଷୟରେ ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ଅମଲରୁ ଏପର୍ଯ୍ୟନ୍ତ ବିଲାତରୁ ସମୟ ୨ ରେ ନିଷେଧ ଆଦେଶ ଓ ତାଗିଦ ଆସୁଥିଲେ ହେଁ ଇଂରାଜ ହାକିମମାନଙ୍କର ଅନେକ ସମୟରେ ତହିଁରେ ଆସ୍ଥା ନ ଥିବାର ଦେଖାଯାଏ କେତେ ଅମଲା ମାଜୁଲ ହୋଇ ଅପିଲ କରନ୍ତି ମାତ୍ର ତହିଁରେ କିଛି ଫଳ ହୁଏନାହିଁ ଗବର୍ଣ୍ଣମେଣ୍ଟ ଉଚ୍ଚ କର୍ମଚାରୀଙ୍କ ମର୍ଯ୍ୟାଦା ରକ୍ଷା ସକାଶେ ଅଥବା ଅବକାଶ ଅଭାବରୁ ତହିଁର ସ୍ୱତନ୍ତ୍ର ତ କରି ହସ୍ତକ୍ଷେପ କରିବାର କାରଣ ନାହିଁ ବୋଲି ଏକ କଥା ବୋଲି କହିଦେଇ ନିଶ୍ଚିନ୍ତ ହୁଅନ୍ତି । ଯାହାଙ୍କର ଚାକିରୀ ଯାଏ ତାହାଙ୍କର ଦୁଃଖ କିଏ ବୁଝିବ । ଏହି ଜୁବିଲି ସମୟରେ ଅନ୍ୟାନ୍ୟ ପୁଣ୍ୟକର୍ମ ମଧ୍ୟରେ ଶ୍ରୀମତୀ ମହାରାଣୀ ହଜାର ୨ ଅପରାଧି କଏଦୀ ଓ ଦେଣଦାରଙ୍କୁ ଖଲାସ ଦେଲେ ସେଉଁମାନେ କୌଣସି ଦୋଷ ବା ସାମାନ୍ୟ ଦୋଷରେ ଚାକିରୀ ହରାଇ ଦୁଃଖ କଷ୍ଟରେ ପଡିଅଛନ୍ତି ସେମାନଙ୍କପ୍ରତି ଦୟା କରିବା ଉପେକ୍ଷଣୀୟ ନୁହଇ । ଦରଖାସ୍ତକାରମାନେ ଏମନ୍ତ ଶୁଭ ସମୟରେ ଆପଣା ୨ ଦୁଃଖ ଦୂର କରିବାର ଭଲ ଉପାୟ ପାଇଅଛନ୍ତି ଏବଂ ଅନୁମାନ ହୁଏ ସେମାନଙ୍କ ଉଦାହରଣକୁ ଅନୁସରି ଅନ୍ୟାନ୍ୟ ସ୍ଥାନର ଏହିପରି ବିପନ୍ନ ଲୋକମାନେ ଅଗ୍ରସର ହେବେ । ଏପରି କେତେଗୁଡିଏ ଆବେଦନପତ୍ର ଗଲେ ଅନ୍ତତଃ ଶ୍ରୀମତୀ ଭାରତେଶ୍ୱରୀ ଜାଣିପାରିବେ ଯେ ତାହାଙ୍କ ଉଦାର ଭାରତ ରାଜ୍ୟରେ ଦେଶୀୟ କର୍ମଚାରୀମାନେ କେତେ ଅସହାୟ ଅବସ୍ଥାରେ ପଡି ରହିଅଛନ୍ତି ଏବଂ ଅବଶ୍ୟ ତହିଁର କିଛି ପ୍ରତିକାର କରିବାକୁ ପ୍ରବୃତ୍ତ ହେବେ ।

---

ନିମ୍ନଲିଖିତ ଛାତ୍ରମାନେ ସନ ୧୮୮୬-୮୭ ମସିହାର ବୃତ୍ତି ପାଇଅଛନ୍ତି ।

### ମାଇନର ବୃତ୍ତି ।

#### କଟକ ବିଭାଗ ।

୧ କାଳମୁକୁନ୍ଦ କାନୁନଗୋ — କଟକ ଟାଉନ ସ୍କୁଲ
୨ ଶ୍ରୀଧର ଦାସ — ବାଲିକୁଦା „
୩ ଗୋପୀନାଥ ହିତ — ଅମରେଶ୍ୱର „

#### ପୁରୀ ବିଭାଗ ।

୧ ଭଗବାନ ପଟ୍ଟନାୟକ — ଖୋର୍ଦ୍ଧା „
୨ ଚନ୍ଦ୍ରପ୍ରସାଦ ମିଶ୍ର — „ „

#### ବାଲେଶ୍ୱର ବିଭାଗ ।

୧ ମଦନମୋହନ ଘୋଷ — ବାଇବାଣ୍ଟ „
୨ ପୁରୁଷୋତ୍ତମ ନାୟକ — „ „

### ବର୍ଣ୍ଣାକ୍ୟୁଲର ବୃତ୍ତି ।

#### କଟକ ବିଭାଗ ।

୧ ଗଣେଶ୍ୱର ଦାସ — କଟକ ଟାଉନ „
୨ ବଳରାମ ସତ୍ପଥୀ — ମହୁଦା „
୩ ବାସୁଦେବ ମିଶ୍ର — ତଗିଡ଼ା „
୪ ଲୋକନାଥ ପଣ୍ଡା — „ „

#### ପୁରୀ ବିଭାଗ ।

୧ ମୋହନକର — ବେଗୁନିଆ „
୨ ବଂଶୀଧରନାୟକ — କେରଦୋଳ „
୩ ପର୍ଶୁଧରଦାସ — ବେଗୁନିଆ „

#### ବାଲେଶ୍ୱର ବିଭାଗ ।

୧ ହରପ୍ରସାଦ ରାଉତ — ବାଲେଶ୍ୱର ମିସନ
୨ ଭଗିରଥୀ ରଣା — ରେମୁଣା „
୩ କୃଷ୍ଣଚରଣ ଦାସ — ବାଲେଶ୍ୱର ମିସନ „

#### ଗଡ଼ଜାତ ବିଭାଗ ।

୧ ବୈଦ୍ୟନାଥ ସିଂହ — କେନ୍ଦୁଝର
୨ ଲିଙ୍ଗରାଜ ଦାସ — ଦଶପଲ୍ଲା
୩ ଆଦିନାରାୟଣ ପଟ୍ଟନାୟକ — ପୁରୁଣାଗଡ଼
୪ ଯଜ୍ଞେଶ୍ୱର ପଟ୍ଟନାୟକ — ଢେଙ୍କାନାଳ

### ଉଚ୍ଚ ପ୍ରାଇମେରୀ ବୃତ୍ତି ।

#### କଟକ ବିଭାଗ ।

୧ ଏଲ୍ଲାଦାସ — ଫିମେଲ ଅର୍ଫାନେଜ
୨ ବୃନ୍ଦାବନ କର — ସାଲେପୁର
୩ ପାର୍ବତୀ ଦାସୀ — ଗଙ୍ଗାନଗର
୪ ଦାମୋଦର ସାହୁ — ପଦ୍ମପୁର
୫ ଅନ୍ତର୍ଯ୍ୟାମି ପଟ୍ଟନାୟକ — ବ୍ରହ୍ମପୁର

#### ପୁରୀ ବିଭାଗ ।

୧ ଧନେଶ୍ୱର ପଟ୍ଟନାୟକ — କପିଳପ୍ରସାଦ
୨ ବୈଷ୍ଣବ ତ୍ରିପାଠୀ — ହରଚ
୩ ପୁରୁଷୋତ୍ତମ ପଟ୍ଟନାୟକ — ପ୍ରଧାନସାହି
୪ ଭଗବତ ପଟ୍ଟନାୟକ — ବାଲିସାହି

#### ବାଲେଶ୍ୱର ବିଭାଗ ।

୧ ଲୋକନାଥ ପାଣିଗ୍ରାହୀ — ନୂଆପଡ଼ା
୨ ଗଦାଧର ମିଶ୍ର — ଗୁଜଦରଡ଼ା
୩ କୃତ୍ତିବାସ ଜେନା — ଖଣ୍ଟାପଡ଼ା
୪ କ୍ଷେତ୍ରମୋହନ ପାଲ — ଅନାଇଜ
୫ ବଳଦାସ ମହାନ୍ତ — ଅମ୍ବାପାଳ

#### ଗଡ଼ଜାତ ବିଭାଗ ।

୧ କୃଷ୍ଣଚନ୍ଦ୍ର ମିଶ୍ର — ଖଣ୍ଡପଡ଼ା
୨ କୁଞ୍ଜବିହାରୀ ପଟ୍ଟନାୟକ — ସୁନାଖଳା
୩ ଅର୍ଜୁନ ଶାସନ — ଦଶପଲ୍ଲା
୪ ରତ୍ନାକର ସାହୁ — ବାଦକୁଣ୍ଡା
୫ ଗଙ୍ଗାଧର ପଟ୍ଟନାୟକ — ନୂଆଗଡ଼
୬ ସଦାଶିବ ମିଶ୍ର — ଅଠମଲ୍ଲିକ
୭ ବ୍ରଜକୃଷ୍ଣ ମିଶ୍ର — ସଦାଶିବପୁର
୮ ନାରାୟଣ ଆଚାର୍ଯ୍ୟ — ଧଳପୁର

---

## ମୟୂରଭଞ୍ଜ ।

ଏ କଥାସମ୍ପର୍କରେ ବିଲାତର ପାର୍ଲିମେଣ୍ଟସଭାରେ ଶ୍ରୀଯୁକ୍ତ ଲେଥବ୍ରିଜ ସାହେବ ଯେଉଁ ପ୍ରଶ୍ନମାନ କରିଥିଲେ ଏବଂ ତାହାସବୁ ପୂର୍ବସପ୍ତାହରେ ଆମ୍ଭେମାନେ ପ୍ରକାଶ କରିଥିଲୁଁ ବିଲାତସ୍ଥ ଭାରତୀୟ ଷ୍ଟେଟ ସେକ୍ରେଟେରୀ ଗାର୍ଷ୍ଟ ସାହେବ ସେସବୁର ଉତ୍ତର ତଳଲିଖିତପ୍ରକାରେ ଦେଇଥିଲେ, ଯଥା—

"ଭାରତଗବର୍ଣ୍ଣମେଣ୍ଟ ମୟୂରଭଞ୍ଜକୁ ବ୍ରିଟିଶରାଜ୍ୟଭୁକ୍ତ ମଣେ କରନ୍ତି । ସମ୍ପ୍ରତି ଏରାଜ୍ୟର ଭାର ଜଣେ ଇଂରାଜଙ୍କ ହସ୍ତରେ ଅଛି ରାଜାଙ୍କର କୌଣସି ଆତ୍ମୀୟଙ୍କର କିଛି ସମ୍ପର୍କ ନାହିଁ । ଭାରତଗବର୍ଣ୍ଣମେଣ୍ଟଙ୍କ ଆଦେଶମତେ ଏପରି ହୋଇଅଛି । ରାଜପରିବାରର ମାନହାନିସୂଚକ ଅକାର୍ଯ୍ୟର ଅଭିଯୋଗ ରାଣୀ କିମ୍ବା ତାହାଙ୍କ କୌଣସି ଆତ୍ମୀୟଲୋକ କରିଥିଲେ କି ନା ସେ ସମ୍ବାଦ ଷ୍ଟେଟସେକ୍ରେଟେରୀ ପାଇ ନାହାନ୍ତି । ରାଜାଙ୍କର ଜଣେ ଖୁଡ଼ୁତା ଏପର୍ଯ୍ୟନ୍ତ ଉକ୍ତ ରାଜ୍ୟର ଗୋଟିଏ ବଡ଼ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି । ଅଭିଯୋଗର କୌଣସି ତଦନ୍ତ ହୋଇ ନାହିଁ ।"

ଉପରଲିଖିତ ଉତ୍ତର ଶୁଣି ଆମ୍ଭେମାନେ ବିସ୍ମିତ ହୋଇଅଛୁଁ । ପାଠକମାନେ ଜାଣନ୍ତି ଯେ ମୟୂରଭଞ୍ଜରୁ ଗୋଟିଏ ଫଉଜଦାରୀ ମୋକଦ୍ଦମା ହାଇକୋର୍ଟକୁ ଯିବାରୁ ହାଇକୋର୍ଟ ଉକ୍ତ ରାଜ୍ୟକୁ ବ୍ରିଟିଶରାଜ୍ୟଭୁକ୍ତ ସ୍ଥିର କରି ମୋକଦ୍ଦମାର ବିଚାର କଲେ । ତହିଁର ଅପିଲ ହେବାରୁ ଉକ୍ତ ହାଇକୋର୍ଟ ଫୁଲବେଞ୍ଚ ଅଧିବେଶନରେ ସିଦ୍ଧାନ୍ତ କଲେ ଯେ ମୟୂରଭଞ୍ଜ ପ୍ରଭୃତି ଓ ଉତ୍କଳର ଗଡ଼ଜାତମାନ ବ୍ରିଟିଶରାଜ୍ୟଭୁକ୍ତ ନୁହଇ । ସର୍ବୋଚ୍ଚ ଅଦାଲତର ଏହି ସିଦ୍ଧାନ୍ତ ସ୍ଥିର ରହିଅଛି ଏବଂ ମହାମାନ୍ୟ ଗବର୍ଣ୍ଣର ଜେନେରଲ ତଦନୁସାରେ ସ୍ୱୀକାର କରିଅଛନ୍ତି ଯେ ଗଡ଼ଜାତମାନ ବ୍ରିଟିଶରାଜ୍ୟଭୁକ୍ତ ନୁହଇ । ବଙ୍ଗୀୟଗବର୍ଣ୍ଣମେଣ୍ଟ ଏହି ସିଦ୍ଧାନ୍ତକୁ ଅନୁସରି ଗଡ଼ଜାତର ଦେଓାନୀମୋକଦ୍ଦମାମାନ ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କ ଅନୁମତି ଅନୁସାରେ ଗଡ଼ଜାତ ମଧ୍ୟରେ ବିଚାର କରିବାର ନିୟମ କରିଅଛନ୍ତି । ଏତେକଥା ଉପରୁ ବିଲାତର ସେକ୍ରେଟେରୀ ଅମ୍ଳାନବଦନରେ ପାର୍ଲିମେଣ୍ଟରେ

Digitized by srujanika@gmail.com

ପ୍ରକାଶ କଲେ କି ମୟୂରଭଞ୍ଜ ବୃଟିସରାଜ୍ୟଭୁକ୍ତ ନୁହଇ । ଏଥିଉପରେ ଆଉ କାହାର କଲ ଏବଂ କାହା କଥାରେ ନିର୍ଭର କରିବାକୁ ହେବ କିଛି ସ୍ଥିର ହୋଇ ପାରୁ ନାହିଁ । ସରକାରଙ୍କ ଖୁଦ୍ଦୁହା ଅବଧି ଗୋଟିଏ ଗୁରୁ କାର୍ଯ୍ୟରେ ନିୟମ ସ୍ଥିରୀକୃତ ମଧ୍ୟ ସମ୍ପୂର୍ଣ୍ଣରୂପେ ଠିକ ହୋଇ ନାହିଁ । ସାର ଲେପଥ୍ରିଜ ସାହେବ ଏ କଥାମାନଙ୍କର ପ୍ରତିବାଦ କରିବେ କି ନାହିଁ ଅମ୍ଭେମାନେ ଜାଣୁ ନା । ସମ୍ଭବତଃ ପାର୍ଲିମେଣ୍ଟ ଏଥିରେ ସନ୍ତୁଷ୍ଟ ହୋଇଅଛନ୍ତି ଏବଂ ଆଉ କିଛି ହେବ ନାହିଁ । ତାହା ହେଲେ ଲୋକେ ଆଉ କେଉଁଠାରୁ ସୁବିଚାରର ଆଶା କରିବେ ?

---

### ଦେଶୀୟ ମଦର ବ୍ୟବସାୟ ।

ଦେଶୀୟ-ମଦସମ୍ପର୍କରେ ଅମ୍ଭମାନଙ୍କ ମତ ସହିତ ଐକ୍ୟ ହୋଇ ନବସମ୍ବାଦ ଲେଖିଅଛନ୍ତି କି ଗବର୍ଣ୍ଣମେଣ୍ଟଙ୍କ ମଦ ଛଡ଼ା ଦେଶୀୟମଦ ବିକ୍ରୟ ହେଲେ ମଦଖୋରଙ୍କ ସଂଖ୍ୟା ବୃଦ୍ଧି ହେବ ଏହି ବିବେଚନାରେ ଗ୍ରୁପ୍ସାହେବ ଯେବେ ଦେଶି ମଦର ବ୍ୟବସାୟ ଉଠାଇ ଦେଇଥାନ୍ତି ତେବେ ଧନ୍ୟବାଦର ପାତ୍ର ଅଟନ୍ତି । ଆଉ "ଯେତେବେଳେ ମଦ ଉତ୍ପାଦନକାରୀ ମାଦକଦ୍ରବ୍ୟର ବ୍ୟବସାୟ ସ୍ବଚ୍ଛନ୍ଦରେ ଉଠି ଯାଇଅଛି ସେତେବେଳେ ତାହା ପୁନଃ ସ୍ଥାପନ ବିଷୟରେ ଆନ୍ଦୋଳନ କରିବା ଅମ୍ଭମାନଙ୍କର ଉଚିତ ନୁହଇ" ସହଯୋଗିଙ୍କର ଏପ୍ରକାର ମନ୍ତବ୍ୟ ପାଠ କରି ଅମ୍ଭମାନଙ୍କ ମନରେ ଉଦୟ ହେଉଅଛି ଯେମନ୍ତ ଗ୍ରୁପ୍ସାହେବଙ୍କର ପ୍ରସଂଶା କରିବା କାରଣ ଏପରି ଲେଖିଅଛନ୍ତି । ଗ୍ରୁପ୍ସାହେବ ଜଣେ ପ୍ରସଂଶନୀୟ ହାକମ ସନ୍ଦେହ ନାହିଁ କିନ୍ତୁ ଏହା ବୋଲି ତାହାଙ୍କର ସକଳ କାର୍ଯ୍ୟ ଭ୍ରମଶୂନ୍ୟ ହୋଇ ନ ପାରେ । ଗବର୍ଣ୍ଣମେଣ୍ଟମଦ ବୋଲି ଗୋଟିଏ ପଦାର୍ଥ ନାହିଁ ହୋଇ ନୁଅଇ ବଙ୍ଗଦେଶକାର ମଦକୁ ସହଯୋଗୀ ସେପରି ଲେଖିଅଛନ୍ତି କିନ୍ତୁ ବଙ୍ଗଳାର ମଦରେ ମଦଖୋରଙ୍କ ସଂଖ୍ୟା ଊଣା ହେବ ଓ ଦେଶୀୟମଦରେ ବୃଦ୍ଧି ହେବ ଏ କଥାର କୌଣସି ପ୍ରମାଣ ନାହିଁ ବରଂ ଦେଶିମଦର ଅମଦାନୀ ଅଭାବରୁ ଯେଉଁ ଅନିଷ୍ଟ ଘଟିଅଛି ଅମ୍ଭମାନଙ୍କର ପତ୍ରପ୍ରେରକ ସ୍ପଷ୍ଟାକ୍ଷରେ ଦେଖାଇ ଦେଇଅଛନ୍ତି ଏବଂ ସେ ସବୁ ଅନିଷ୍ଟର ଯଥାର୍ଥତା ବିରୁଦ୍ଧରେ କୌଣସି କାରଣ ପ୍ରଦର୍ଶିତ ହୋଇ ନାହିଁ । ମଦ କଥା ଏହିକି ଦେଶିମଦ ନିକଟସ୍ଥ ଗଡ଼ଜାତମାନଙ୍କରୁ ଆମଦାନୀ ହେବାର ଅଧିକ ସୁବିଧା ଥିବାରୁ ତହିଁର ଗୋପ୍ୟ କାରବାର ବନ୍ଦ କରିବା ବଡ଼ କଠିନ ହେବାରୁ କେବଳ ରାଜସ୍ବ ଅନୁରୋଧରେ ହାକମମାନେ ତାହା ବନ୍ଦ କରି ଦେଇ ତହିଁ ବଦଳରେ ବଙ୍ଗଳାମଦ ଚଳାଇ ଅଛନ୍ତି କିନ୍ତୁ ଉଭୟ ଦ୍ରବ୍ୟର ଗୁଣାଗୁଣ ଏବଂ ଲୋକଙ୍କ ପ୍ରୟୋଜନ ପ୍ରତି ଅନେକ ଦୃଷ୍ଟି କରି ନାହାନ୍ତି । ଆଉ ସହଯୋଗୀ ଯାହା କହିଅଛନ୍ତି କି ମାଦକ ଦ୍ରବ୍ୟ ମାତ୍ରକେ ମନ୍ଦ ହେବା ସ୍ଥଳେ କୌଣସି ଗୋଟିଏ ଉଠିଗଲେ ତାହାର ଉପକାର ଅଛି ଏ କଥା ନୀତିଉପଦେଷ୍ଟା—ମୂର୍ତ୍ତିଙ୍କୁ ସାଜେ ମାତ୍ର ଶାସନକର୍ତ୍ତାଙ୍କ ପ୍ରତି ନୁହଇ । ଶାସନକର୍ତ୍ତାମାନଙ୍କୁ ଅନେକ ବିଷୟ ଚିନ୍ତା କରିବାର ଆବଶ୍ୟକ । ସବୁ ମାଦକଦ୍ରବ୍ୟ ମନ୍ଦ ବୋଲି ଯେବେ ସମସ୍ତ ଉଠାଇଦେବାର ବ୍ୟବସ୍ଥା ହୋଇଥାନ୍ତା ତେବେ ଭିନ୍ନ କଥା ଥିଲା ମାତ୍ର ସେପରି ବ୍ୟବସ୍ଥା କରିବା ଅସମ୍ଭବ ସ୍ଥଳେ ଯହିଁରେ ବିଶେଷ ଅନିଷ୍ଟ ହେଉଅଛି ତାହା ନିବାରଣର ଚେଷ୍ଟା ଅଗ୍ରେ କରିବା ଉଚିତ । କିଏ ନ ଜାଣେ ମଦ ଅପେକ୍ଷା ଗଞ୍ଜାଇ, ଅଫୁ ଅପେକ୍ଷା ମଦକ ଏବଂ ତାଡି ଅପେକ୍ଷା ମଦ ଅଧିକ ଅନିଷ୍ଟକାରୀ । ଏ ସ୍ଥଳେ ଯେବେ ଗଞ୍ଜାଇ, ମଦକ ଓ ମଦର ବ୍ୟବହାର ପ୍ରତି କୌଣସି ଅଟକ ନ ରଖି ମଦ ଅଫୁ ଓ ତାଡି ପ୍ରତି ଅଧିକ ଶାସନଦଣ୍ଡ ପ୍ରବର୍ତ୍ତିତ ହେବ ତେବେ କି ସେ ବ୍ୟବସ୍ଥାକୁ ଭଲ ବୋଲିପାରିବ ବିଶେଷତଃ ମଦ ଓ ଅଫୁ ଅନେକ ଔଷଧରେ ପ୍ରୟୋଗ ହୁଅଇ ଏବଂ ଅନେକ ଅବସ୍ଥା ଓ ଅନେକ ରୋଗଙ୍କ ପକ୍ଷରେ ଏ ସବୁର ବ୍ୟବହାର ଉପକାରୀ ଓ ସ୍ବାସ୍ଥ୍ୟକର ଅଟଇ । ଗ୍ରୁପ୍ସାହେବ ଯେବେ ଅବକାରୀସମ୍ବନ୍ଧୀୟ ଅନ୍ୟ କୌଣସି ବ୍ୟବସ୍ଥା କରିବା ପୂର୍ବେ ସର୍ବାପେକ୍ଷା ଅଧିକ ଅନିଷ୍ଟକର ଏବଂ ଅଳ୍ପ ପ୍ରୟୋଜନୀୟ ମଦଭାଟିମାନ ଉଠାଇ ଦେଇଥାନ୍ତେ ତେବେ ସେ ଯଥାର୍ଥରୂପେ ଧନ୍ୟବାଦର ପାତ୍ର ହୋଇ ପାରନ୍ତେ । ତାହା ନ କରି ଯହିଁରେ ଲୋକଙ୍କର ଉପକାର ଅପେକ୍ଷା ଅପକାର ଅଧିକ ସେହି ଦ୍ରବ୍ୟର ବ୍ୟବସାୟ ଉଠାଇ ଦେବାରୁ ଅମ୍ଭେମାନେ ତାହାଙ୍କର ଭ୍ରମସଂଶୋଧନ ବିଷୟରେ ଚେଷ୍ଟା କରିବାକୁ ପତ୍ରପ୍ରେରକମାନଙ୍କୁ ପରାମର୍ଶ ଦେଇଅଛୁଁ ଏବଂ ଦରଖାସ୍ତ କରୁଁ ଏହି ବିବେଚନାରେ ସହଯୋଗୀ ଅମ୍ଭମାନଙ୍କ ମତରେ ଐକ୍ୟ ହୋଇଅଛନ୍ତି । ଦେଶିମଦ ଉଠାଇ ଦେବାରୁ ଏ ପ୍ରଦେଶୀୟ ଲୋକଙ୍କର ଗୋଟିଏ ବ୍ୟବସାୟ ଉଠି ଯାଇଅଛି ନଶୁଆ ପ୍ରବୃତ୍ତି ପକ୍ଷରେ କିଛି ଉପକାର ହୋଇ ନାହିଁ ।

---

## ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ କମିଶ୍ନର ସାହେବ ଗତ ବାର ବାଲେଶ୍ବରକୁ ଯାତ୍ରା କଲେ ।

ବାବୁ ନନ୍ଦକିଶୋର ଦାସ ଅସିଷ୍ଟାଣ୍ଟ ସୁପରିଣ୍ଟ ଗତ ଶୁକ୍ରବାର ଢେଙ୍କାନାଳକୁ ଯାତ୍ରା କଲେ । ସେଠାରେ ପାଲଲହଡ଼ାରେ ଗୋଳମାଳ ଲଗାଇଥିବା ଅସାମିଙ୍କର ଦୌରା ବିଚାର ହେବ ଏବଂ ୮।୧୦ ସୁର ମୋକଦ୍ଦମା ଥିବାରୁ ପ୍ରାୟ ଦୁଇ ସପ୍ତାହ ଲାଗିବ ।

ମହାନଦୀରେ ବଢ଼ିପାଣି ଅସିବାରୁ ସରକାରୀ ନାଳମାନ ପୂର୍ଣ୍ଣ ହୋଇଅଛି । ଏଥର ଶୁକ୍ରବାର ଓ ରବିବାର ଜାହାଜମାନ ଯାତାୟାତ କରିବାର ଆରମ୍ଭ ହେବ ।

ଯାଜପୁରର ଏକ୍ଟିଂ ମୁନ୍ସଫ ବାବୁ ଠାକୁରାଣୀ ଚରଣ ଗତ ମଙ୍ଗଳବାର ସେଠାରେ ପଞ୍ଚତ୍ବ ପ୍ରାପ୍ତ ହୋଇଅଛନ୍ତି ।

ଗତମାସ ତା ୧୨ ରାତ୍ରରେ ଢେଙ୍କାନାଳ [illegible] ଗ୍ରାମରେ ଓ ପାର୍ଶ୍ବବର୍ତ୍ତୀ କେତେଗୁଡ଼ିଏ ଘର ପୋଡ଼ି ଯାଇଅଛି । ସୁଖର ବିଷୟ ଯେ ଲୋକମାନେ ରକ୍ଷା ପାଇଅଛନ୍ତି । ଅଗ୍ନିଲାଗିବା ଯୋଗେ ଅଗ୍ନି ଉଠିବାର କାରଣ ଜଣା ନାହିଁ । ମାନେଜର ମହାଶୟ ଏ ସମୟରେ ସମୁଚିତ ତତ୍ପରତା ଓ ପରିଶ୍ରମ ସହିତ କାର୍ଯ୍ୟ କରିଥିଲେ । ଘରବାଡ଼ୀର ସମସ୍ତ [illegible] ପୁନଃ ପ୍ରସ୍ତୁତ କରିବା ଉଚିତ ।

### କଲିକତା ଗେଜେଟ ।

କଟକର ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଜି ଆର୍ ହେନରି ସାହେବ ଗତ ମାସ ତା ୧୧ ଦିନରୁ ଦୁଇମାସ [illegible] ଅନ୍ୟାଙ୍କ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ପୁରୀର ଡେପୁଟୀ ମାଜିଷ୍ଟ୍ରେଟ ବାବୁ ପ୍ରଭାତଚନ୍ଦ୍ର ସେନ [illegible] ରଙ୍ଗପୁରକୁ ବଦଳି ହେଲେ ।

ପୁରୀର ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବାବୁ ଗୋପାଳ ଦାସ ପୌଢ଼ଦାସ କାର୍ଯ୍ୟକାଳ [illegible] ସେହି ଦିନରୁ ବିଚାର କ୍ଷମତା ପ୍ରାପ୍ତ ହେଲେ ।

ବାଲେଶ୍ବରରେ ମିଉନିସିପାଲ କମିସନର ବାବୁ ପୁରୁଷୋତ୍ତମ ଦାସ, ରାଜନାରାୟଣ ଦାସ, ମୁନ୍ସି ଅବଦୁଲ ସମଦ ଓ ମହମ୍ମଦ ଇସଲାମଙ୍କ ସ୍ଥାନ ସେଠା ମିଉନିସିପାଲିଟିର ଏ, ବି, ଡି ଓ ଇ ୱାର୍ଡରେ ମୁନ୍ସି ଭଗ୍ନିଉଦ୍ଦିନ, ବାବୁ ଭଗବତୀ ଦେ, ମୁନ୍ସି ଓଭାଇଦ୍ଦିନ ଓ ବାବୁ ରଘୁନାଥ ଘୋଷ କମିସନର ପଦରେ ନିର୍ବାଚିତ ହୋଇଅଛନ୍ତି ।

ଅଡିସନାଲ ଓ ଡେପୁଟୀ ମାଜିଷ୍ଟ୍ରେଟଙ୍କ ଗତ ଭାଷାବିଷୟ ପରୀକ୍ଷାରେ ଓଡ଼ିଆରେ [illegible] ବାବୁ ଗଗନଚନ୍ଦ୍ର ଦାସ ଓ ବାବୁ ମନ୍ମୋହନ ଚକ୍ରବର୍ତ୍ତୀ ବଙ୍ଗଳା ଓଡ଼ିଆ ଓ ହିନ୍ଦୀରେ ଏବଂ ବାବୁ ରାମଚନ୍ଦ୍ର [illegible] କେବଳ ଓଡ଼ିଆରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ବାବୁ ରାମଚନ୍ଦ୍ର ନାୟକଙ୍କ ଉଚ୍ଚଶ୍ରେଣୀର ପରୀକ୍ଷା ଏଥର ସମ୍ପୂର୍ଣ୍ଣ ହୋଇଅଛି ।

ମିଃ ଜେ ଇ ପିଟର ସାହେବ ଉଚ୍ଚ ଶ୍ରେଣୀରେ ଓଡ଼ିଆ ଭାଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

Split by PDF Splitter
Digitized by srujanika@gmail.com

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ନିମ୍ନଲିଖିତ କେତୋଟି ପଂକ୍ତି ଆପଣଙ୍କ ପତ୍ରିକାରେ ସ୍ଥାନ ଦେଇ ବାଧିତ କରିବା ହେବେ ।

ହିମାଳୟଠାରୁ କୁମାରିକାପର୍ଯ୍ୟନ୍ତ ଓ ସିନ୍ଧୁନଦଠାରୁ ବ୍ରହ୍ମଦେଶପର୍ଯ୍ୟନ୍ତ ସମୁଦାୟ ଭାରତବର୍ଷରୁ ପ୍ରତିବର୍ଷ ଧନୀ, ନିର୍ଦ୍ଧନ, ସବଳ, ଦୁର୍ବଳ, ରୋଗୀ, ନିରୋଗୀ, ଲକ୍ଷ ଲକ୍ଷ ଲୋକ ଜୀବନ ଆଶାରେ ଜଳାଞ୍ଜଳି ଦେଇ ଦେବଦେବ ଶ୍ରୀଜଗନ୍ନାଥଦେବଙ୍କ ଦର୍ଶନପାଇଁ ଶ୍ରୀପୁରୁଷୋତ୍ତମକ୍ଷେତ୍ରକୁ ଆସୁଅଛନ୍ତି ବାଟରେ ଘାଟରେ ତଟରେ ଅନେକ ଲୋକ ଏକତ୍ରରେ ଦେଖାଯାଇଥାନ୍ତି ମାତ୍ର ସେମାନଙ୍କ ମଧ୍ୟରୁ ଅନେକ ଅନେକଙ୍କର ମୁଖ ସ୍ୱପ୍ନରେ ସୁଦ୍ଧା ଦେଖି ନ ଥାନ୍ତି ଏବଂ ଅନ୍ୟ କଥା କେଉଁଠି ଆଉ ଅନେକ ଅନେକଙ୍କର କଥା ସୁଦ୍ଧା ବୁଝିପାରନ୍ତି ନାହିଁ ଏକେ ବିଦେଶ; ତହିଁରେ ପୁଣି ଯେତେବେଳେ ଦୈବବିପାକ ଉପସ୍ଥିତ ହୁଏ ତେତେବେଳେ ଯାତ୍ରିମାନଙ୍କର ଶୋଚନୀୟ ଅବସ୍ଥା କିଏ ବର୍ଣ୍ଣନା କରିପାରିବ ? ଯେତେବେଳେ ସୁଦୂରଗାମୀ ପଥିକମାନେ ଗଛମୂଳେ ଅଧେ ଶୀତ ଅଧେ ଖରାରେ ଅସ୍ଥିରହୋଇ ପଡ଼ିଥାନ୍ତି ତେତେବେଳେ କାହାର ପାଷାଣହୃଦୟ ସେମାନଙ୍କ ମର୍ମରେ ଆର୍ଦ୍ର ନ ହୁଏ ? ଯେତେବେଳେ ସେମାନେ କ୍ଳାନ୍ତ ହୋଇ ଗଛମୂଳେ ଠିଆ ହୋଇଥାନ୍ତି ଓ ସେମାନଙ୍କ ଉପରେ ଟପ ଟପ ହୋଇ ପାଣି ପଡୁଥାଏ ତେତେବେଳେ ସେମାନଙ୍କ ଦୁଃଖରେ କାତର ହୋଇ କାହାର ସର୍ବାଙ୍ଗ ନ କମ୍ପି ରହିପାରେ ? ଯେତେବେଳେ ସେମାନେ ସଡ଼କପାଖ ଖାଲରୁ ଗୋଳିଆ ଓ ଦୁର୍ଗନ୍ଧପାଣି ପାନ କରି ଦୁଃସହ ପିପାସାର ଉପଶମ କରୁଥାନ୍ତି, ତେତେବେଳେ କେଉଁ ପଙ୍କିଳହୃଦୟରେ ସୁକୋମଳଦୟାର ସର ବିନ୍ଦୁ ମାତ୍ର ଉଦ୍ରେକ ନ ହୁଏ ? ଉପରେ ଆକାଶ ତଳେ ଭୂମି, ମଧ୍ୟରେ ପଡ଼ି ଯେତେବେଳେ ସେମାନେ ଦୁଃସହ ରୋଗଯନ୍ତ୍ରଣାରେ ଛଟପଟ ହେଉଥାନ୍ତି, ତେତେବେଳେ କାହାର ଚକ୍ଷୁରୁ ଅଶ୍ରୁପାତ ନ ହୁଏ ? ଯେତେବେଳେ ସେମାନଙ୍କ ଆର୍ତ୍ତନାଦ ଦଶଦିଗପୂର୍ଣ୍ଣ କରୁଥାଏ ତେତେବେଳେ କିଏ ଏପରି ବଧିର ଥାଏ ଯେ ତାହାର ହୃଦୟକୁ ସେ ନାଦ ସ୍ପର୍ଶ କରି ନ ପାରେ ?

ସ୍ୱର୍ଗୀୟ ଭାବରେ ପ୍ରଣୋଦିତ ହୋଇ ଆମ୍ଭମାନଙ୍କ ପୂର୍ବ ପୁରୁଷମାନେ ପଥିକମାନଙ୍କର ଏହିପରି କଷ୍ଟମାନ ଦୂର କରିବାରେ ଯତ୍ନବାନ୍ ହୋଇଥିବାର ଭୂରି ଭୂରି ପ୍ରକୃଷ୍ଟ ପ୍ରମାଣ ଦେଦୀପ୍ୟମାନ ରହିଅଛି—କେହି ସଦାବର୍ତ୍ତ ସ୍ଥାପନ, କେହି ଧର୍ମଶାଳା ନିର୍ମାଣ, କେହି କୂପ, କେହି ପୁଷ୍କରିଣୀ ଖନନ କରାଇ ଯାଇଛନ୍ତି; କେହି ବା ଅନ୍ୟ କିଛି ନ ପାଇ ଗୋଟିଏ ଗଛ ଲଗାଇ ଯାଇଅଛନ୍ତି । କିନ୍ତୁ ଦୁଃଖର ବିଷୟ ଯେ ଏପରି ପୁଣ୍ୟକାର୍ଯ୍ୟମାନଙ୍କର ବୃଦ୍ଧି ହେବା ଦୂରେ ଥାଉ, ଯାହା ପୂର୍ବରୁ ଅଛି, ଯହିଁଭିତରୁ ତାହା କ୍ରମେ ଅବ୍ୟବହାର୍ଯ୍ୟ ହୋଇ ଆସୁଅଛି—ଧର୍ମଶାଳାମାନ ଖଣ୍ଡ ଖଣ୍ଡ ହୋଇ ପଡ଼ିଯାଉଅଛି, କୂଅ ସବୁ ପୋତି ହୋଇ ଯାଉଅଛି, ପୋଖରୀ ସବୁ ପଙ୍କ ଓ ବଣରେ ପୂରି ଆସୁଅଛି-ଏଥିପ୍ରତି କିନ୍ତୁ ଶ୍ରୀ ଜଗନ୍ନାଥଦେବଙ୍କ ଦର୍ଶନେଚ୍ଛା ପୂର୍ବପରି ନିରନ୍ତର ରହିଅଛି; ବରଂ ପଥ ଘାଟ ସୁଗମ୍ୟ ଓ ଗମନାଗମନର ସୁବିଧା ହେବାରୁ ପୂର୍ବଠାରୁ ଅଧିକ ଯାତ୍ରି ଶ୍ରୀ କ୍ଷେତ୍ରକୁ ଆସୁଅଛନ୍ତି ।

ଏମାନେ କିପରି କଷ୍ଟଭୋଗ କରିଥାନ୍ତି ତାହା କାହାରି ଅବିଦିତ ନାହିଁ । ପାଠକେ ! ଭାବି ଦେଖନ୍ତୁ ଦେଖି ଯେତେବେଳେ ସହସ୍ର ସହସ୍ର ଲୋକ ଦୁଇଦିନ ନିର୍ଜଳା ଏକାଦଶୀ କରିବାରୁ ଗୁନ୍ଦବାଲରେ ଜାହାଜରୁ ଓହ୍ଲାନ୍ତି ତେତେବେଳେ ସେମାନେ ପିଇବାକୁ ଟୋପାଏ ଜଳପାଣି ପାଇଥାନ୍ତି କି ? ସୁସ୍ଥରେ ବସିବାକୁ ଟିକିଏ ସ୍ଥାନ ପାଇଥାନ୍ତି କି ? ନିଦାନ ବ୍ୟବସ୍ଥା କେଉଁଠି ଯାଉ, ବଡ଼ ବଡ଼ ଡାକ୍ତରମାନେ ସେଠାରେ ଥାଆନ୍ତୁ ରୋଗାକ୍ରାନ୍ତ ହେଲେ ସେମାନେ,—ପଇସା ଦେଲେ ସୁଦ୍ଧା ଗୋଟାଏ ପାଚନ ପାଇଥାନ୍ତି କି ? ସାହା ହେବା କଥା କିଏ ପଚାରୁଛି ? ଅବା କହିବାକୁ କେହି ନ ଥାଏ ।

ଯଦି ମନୁଷ୍ୟଜୀବନର ସୁଖ ସ୍ୱଚ୍ଛନ୍ଦତା ବଢ଼ାଇବା ଲେଖାପଢ଼ା ଓ ସଭ୍ୟତା ଜ୍ଞାନର ମୁଖ୍ୟଉଦ୍ଦେଶ୍ୟ ହୁଏ ତେବେ ଦେଶଦେଶାନ୍ତରୁ ଆଗତ [illegible] ପ୍ରବାସିଗଣ ଧର୍ମକର୍ମୈକ ଏହିସବୁ ମହାପ୍ରାଣୀଙ୍କ ଦୁରବସ୍ଥାପ୍ରତି ଦୃଷ୍ଟି କରିବା କି କର୍ତ୍ତବ୍ୟ କର୍ମ ନୁହେଁ ? ଏମାନେ କି ଦୟାଦାକ୍ଷିଣ୍ୟର ପାତ୍ର ନୁହନ୍ତି ? ଏହି ହେତୁରୁ କି ଧନୀ କି ନିର୍ଦ୍ଧନୀ ସମସ୍ତଙ୍କୁ ପ୍ରାର୍ଥନା ଯେ ସମସ୍ତେ କାଲେକ୍ଟର ମେଜିଷ୍ଟର ଶ୍ରୀ ଯୁକ୍ତ ଟ୍ୟୁଟସାହେବ ମହୋଦୟଙ୍କ ମହଦୁଦ୍ଦେଶ୍ୟ ସାଧନରେ ଅବିଳମ୍ବେ ଯତ୍ନଶୀଳ ହେବନ୍ତୁ ।

ସାହେବମହୋଦୟଙ୍କର ଉଦ୍ଦେଶ୍ୟ ଅଧିକାଂଶ ଜଣା ନ ଥିବାରୁ ତାହା ସ୍ଥଳରେ ବୁଝାଇ ଦେବାର ଆବଶ୍ୟକ ବୋଧ ହେଉଅଛି ତାହା ଏହି ଗୁନ୍ଦବାଲଠାରେ ଗୋଟିଏ ଚିକିତ୍ସାଳୟ ସ୍ଥାପନ, ଯାତ୍ରିମାନଙ୍କ ଗତାୟାତ ରାସ୍ତାମାନଙ୍କ ପାଖରେ କୂପ ଓ ପୁଷ୍କରିଣୀ ଖନନ, ପୁରାତନ ଧର୍ମଶାଳା ପ୍ରଭୃତିର ଜୀର୍ଣ୍ଣସଂସ୍କରଣ କରାଯାଉ ଏଥିରେ ଚୁଗ ହେବାପାଇଁ ସେ ସମସ୍ତ ହିନ୍ଦୁସମାଜକୁ ପ୍ରାର୍ଥନା କରୁଅଛନ୍ତି ଗୁନ୍ଦବାଲରେ ଚିକିତ୍ସାଳୟ ସ୍ଥାପନକରିବା ଉଦ୍ଦେଶ୍ୟର ପ୍ରଧାନଅଙ୍ଗ—ସେ ସମ୍ପନ୍ନ ହେଲାରୁ ଯେପରିମାଣରେ ଅର୍ଥସଂଗ୍ରହ ହୋଇପାରିବ ସେହିପରିମାଣରେ ଅନ୍ୟାନ୍ୟ କାର୍ଯ୍ୟରେ ହସ୍ତକ୍ଷେପ କରାଯିବ ଏହି ମହଦୁଦ୍ଦେଶ୍ୟ ସର୍ବାଙ୍ଗରେ ସାଧନ ହେବାନିମନ୍ତେ ସମସ୍ତଙ୍କଠାରେ ପ୍ରାର୍ଥନା ଯେ ସମସ୍ତେ ଏକ ମେଳ ହୋଇ କାୟମନୋବାକ୍ୟରେ ଯଥାସାଧ୍ୟ ଚେଷ୍ଟା କରନ୍ତୁ ଓ ଅର୍ଥଦାନରେ ମୁକ୍ତହସ୍ତ ହେବନ୍ତୁ ଇତି ।

୨୧।୬।୮୭ } ଆପଣଙ୍କର ନିତାନ୍ତ ବଶମ୍ବଦ
ଜଣେ ହିନ୍ଦୁ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ କେଦାରନାଥ ମିଶ୍ର | ଖୁର୍ଦ୍ଦା | ଅଗ୍ରିମ ୫୲ |
| " ଯୋଗେନ୍ଦ୍ରମିଶ୍ର | [illegible] | " ୬୲ |
| ମହିମେଶ୍ୱର ମହାନ୍ତି | କଟକ | " ୫୲ |
| ବାବୁ କୃଷ୍ଣବିହାରୀ ପଣ୍ଡା | [illegible] | " ୫୲ |
| " ରାମେଶ୍ୱର ପଟ୍ଟନାୟକ | ଚନ୍ଦ୍ରପୁର | " ୫୲ |
| " କ୍ଷେତ୍ରମୋହନ ବସୁ | କାଲେକ୍ଟର | " ୫୲ |
| " ବନମାଳୀ ପଟ୍ଟନାୟକ | [illegible] | " ୫୲ |
| ରାଜା ବଳଭଦ୍ର ଦାସ ବେହେରା | କଟକ | ୫୦ |

## ବି ଜ୍ଞା ପ ନ ।


**SCHOOL BOOKS! SCHOOL BOOKS!**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନା ପ୍ରକାର ଇଂରାଜୀ ଏବଂ ଓଡ଼ିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକପ୍ରିଣ୍ଟିଂ-କମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## NOTICE.

Wanted for employment at Kanika as Temporary works mohorir, a passed student of the Ravenshaw College Survey class, one with practical experience preferred. Pay Rs. 15 per mensem.

Apply with copies of certificates to the District Engineer Cuttack.

Cuttack Collectorate
The 16th June 1887.

E. R. Henry.
*Offg. Collector*

## NOTICE.

The Raja of Boad requires an officer for his Police on Rs. 30 per mensem. He wants for the post a man of good character and robust health not more than 35 years old who knows how to drill and investigate cases has been at least a head-constable of 1st. or 2nd. grade and knows Oriya and Bengalee well in addition to English if possible.

Applications may be sent to the undersigned on or before the 15th July 1887.

N. K. Das
Asstt. Supdt. of
Tributary Mehals.

Office of the Supdt.
Try. Mehals Cuttack
the 20th June 1887.

କବିରାଜ ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର
ଆୟୁର୍ବେଦୋକ୍ତ ଔଷଧାଳୟ ।
ନଂ ୫୦ ନୂଆ ଷ୍ଟ୍ରିଟ, ଯୋଡ଼ାସାଙ୍କୁ,
କଲିକତା ।

ଏହି ଔଷଧାଳୟରେ ୧୨୯୪ ସାଲର ପଞ୍ଜିକା ସହ ପୀଡ଼ା ସମୁଦାୟର ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧ ସମୂହର ତାଲିକା-ପୁସ୍ତକ ବିନାମୂଲ୍ୟରେ ବିତରଣ ହୁଏ ଏବଂ ବିଦେଶସ୍ଥ ରୋଗିମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

ମେହ ଗଜେନ୍ଦ୍ରସିଂହ ।

ଏହି ସୁବିଖ୍ୟାତ ଔଷଧ ସେବନ କଲେ ନିଶ୍ଚୟ ସକଳପ୍ରକାର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂଯ ସହିତ ଶୁକ୍ର-ନିର୍ଗମ, ରକ୍ତ ପ୍ରସ୍ରାବ, ଶର୍କରାବତ୍ ପ୍ରସ୍ରାବ, ମୂତ୍ରକୃଚ୍ଛ୍ର, ମୂତ୍ରାଶୟର ରୋଗ, ଶୂଳ ଏବଂ ଜ୍ୱରାଦି ନାନାବିଧ ଉପସର୍ଗ ସଂଯୁକ୍ତ ହେଲେ ସୁଦ୍ଧା ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ହୁଏ ।

ଛୋଟ ୧ ଶିଶିର ମୂଲ୍ୟ ଟ ୨ ବଡ଼ ୧ ଶିଶିର ମୂଲ୍ୟ ଟ ୩ ପ୍ୟାକିଂ ଖର୍ଚ୍ଚା ଟ ।୵

ପ୍ରଦରାରିଷ୍ଟ ।

ଏହା ସେବନ କଲେ ସ୍ତ୍ରୀଲୋକଙ୍କ ଅଶୁଦ୍ଧି ଦୋଷ ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର, ରକ୍ତପ୍ରଦର, କଷ୍ଟରଜଃ ଅକାଳରେ ଅଧିକ ପରିମାଣରେ ରକ୍ତସ୍ରାବ, ଜଳଭଙ୍ଗା, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଶରୀରର ପୁଷ୍ଟି ସନ୍ତାନ ଲାଭ କରେ ।

୧ ଶିଶିର ମୂଲ୍ୟ ଟ ୨ ଓ ପ୍ୟାକିଂ ଖର୍ଚ୍ଚା ଟ ।୵

ସାମ୍ୟବାଦୀ ।

ବିନାମୂଲ୍ୟ ବିତରଣ ଧର୍ମ ଓ ନୀତିସମ୍ବନ୍ଧୀୟ
ମାସିକପତ୍ରିକା ।

୨ ୟ ସଂଖ୍ୟା ପର୍ଯ୍ୟନ୍ତ ପ୍ରକାଶିତ ହୋଇଅଛି । ମଫସଲବାସିମାନେ ଟ ୦୵ ଡାକ ମାସୁଲ ମାତ୍ର ପଠାଇଲେ ଗ୍ରାହକ ଶ୍ରେଣୀଭୁକ୍ତ ହୋଇ ପାରିବେ । ଅନ୍ୟଥା ସାମ୍ୟବାଦୀ ପଠାଇବା-ନିମନ୍ତେ ଆବେଦନ କରିବା ନିଷ୍ପ୍ରୟୋଜନ ।

ପ୍ରଥମଥର ଏହା ଉତ୍କଳଦୀପିକା ସହିତରେ ପଠା ଯାଇଥିଲା, କିନ୍ତୁ ଅତଃପର ଆଉ ସେପରି ଭାବରେ ପଠାଯିବ ନାହିଁ । ନିମ୍ନସ୍ୱାକ୍ଷରକାରଙ୍କ ନିକଟକୁ ଡାକ ମାସୁଲ ଓ ସମ୍ବାଦ ପଠାଇବାକୁ ହେବ ।

ବାଲୁବଜାର } ଶ୍ରୀ ଲକ୍ଷ୍ମଣମୋହନ ଚକ୍ରବର୍ତ୍ତୀ
କଟକ } ସାମ୍ୟବାଦୀସମ୍ପାଦକ ଓ ପ୍ରକାଶକ

## ADVERTISEMENT.

### CLASS NOTES FROM GEOGRAPHY.

A very useful adjunct to Geographical course for higher class English schools, very highly spoken of by students who have used it during the past year. It saves half the trouble of learning the Geography from the class text book. Boys will find it a very useful help for the trifling price of *two annas.*

Apply to the Manager, Cuttack Printing Company.

ମୟୂରଭଞ୍ଜ ରାଜ୍ୟ ନିମନ୍ତେ ମାସିକ ଟ ୨୦ ଙ୍କା ବେତନରେ ଏକଜଣ ଅବକାରୀ ଦାରୋଗା ଓ ମାସିକ ଟ ୧୫ ଙ୍କା ବେତନରେ କେତେକ ଜଣ ପୁଲିସ ହେଡ୍ କନେଷ୍ଟବଲଙ୍କର ଆବଶ୍ୟକ ।

ଯେଉଁମାନେ ଶାରୀରିକ ଶକ୍ତି ସମର୍ଥ ଅଥଚ ଜ୍ୱର ପ୍ରଧାନସ୍ଥାନମାନଙ୍କରେ ପରିଶ୍ରମ ସହକାରେ କାର୍ଯ୍ୟ କରିବାକୁ ସକ୍ଷମ ହେବେ ସେମାନେ ଦରଖାସ୍ତ କରିବେ ॥ ଦରଖାସ୍ତ-କାରମାନଙ୍କର ଓଡ଼ିଆ ଭାଷାରେ ସମ୍ପୂର୍ଣ୍ଣରୂପେ ଦକ୍ଷତାର ନିତାନ୍ତ ଆବଶ୍ୟକ । ଯେଉଁମାନଙ୍କର ଅବକାରୀ ଓ ପୁଲିସ ବିଭାଗର କାର୍ଯ୍ୟରେ ପାରଦର୍ଶିତା ଅଛି ସେହିମାନଙ୍କୁ ମନୋନୀତ କରାଯିବ ।

ଦରଖାସ୍ତ କାରମାନେ ଆପଣା ୨ ପ୍ରଶଂସା-ପତ୍ରର ନକଲ ସହିତ (ଯାହା ସେମାନଙ୍କୁ ପ୍ରତ୍ୟର୍ପଣ କରାଯିବ ନାହିଁ) ଆଗାମୀ ଜୁଲାଇମାସର ତା ୨୦ ରିଖ ମଧ୍ୟରେ ନିମ୍ନସ୍ୱାକ୍ଷର କାରଙ୍କ-ଠାରେ ଆବେଦନ କରିବେ ।

H. P. WYLLY.
Manager.
19-5-87

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନି-ପ୍ରେସ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କରରାୟ ଓ କଟକ ରେଭେନସାକଲେଜ ଶ୍ରୀଯୁକ୍ତ ପଣ୍ଡିତ ରାମପ୍ରସନ୍ନ ମୁଖୋପାଧ୍ୟା ଓ ବାଲେଶ୍ୱର ନର୍ମାଲସ୍କୁଲ ହେଡମାଷ୍ଟର ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ମହାଶୟ-ମାନଙ୍କଠାରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ଶ୍ରୀମଦ୍ଭଗବଦ୍ଗୀତା ସଂସ୍କୃତ ଓ ଉତ୍କଳ-
ପଦ୍ୟାନୁବାଦ ସହିତ      ଟ ୦ ।୵
ମୋହମୁଦ୍ଗର ସଂସ୍କୃତ ଓ ଉତ୍କଳ
ଅନୁବାଦ ସହିତ      ଟ ୦ ୧ ୨
ଭଗବାନ୍ ବେଦବ୍ୟାସ ରଚିତ ସଂସ୍କୃତ
ମହାଭାରତର ଉତ୍କଳ ପଦ୍ୟାନୁବାଦ
ଆଦିପର୍ବ      ଟ ୨ ।

# ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରଦ ଘା, ଗରମୀ ଘା, ନାଲି ଘା, ବେକ ଓ କାଙ୍କ-ଭିତରର ଘା, ଶୋଲ ଘା, କାଳ ଘା, କାଳସ୍ଫୁଟ, ହୋଷ୍ଟ-କାଠିନ୍ୟ ଅକାଶୁଣ୍ଠା, ପେଟଫୁଲା ଗଣ୍ଠିବ୍ୟଥା, କାଶ, କ୍ଷୟକାଶ, ପ୍ରସ୍ରାବଜ୍ୱାଳା,

Split by PDF Splitter
Digitized by srujanika@gmail.com

Split by PDF Splitter



କ୍ଷୁଧା, ଧାତୁଦୌର୍ବଲ୍ୟ ଏବଂ ଅଗ୍ନିମାନ୍ଦ୍ୟ ପ୍ରଭୃତି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

ଔଷଧର ମାତ୍ରା ବୋତଲ ଦେହରେ ଛପା ହୋଇ ଦେଖାଇ ଦିଆଯାଇଅଛି ଏବଂ ତାହା ସକାଳେ ଓ ସନ୍ଧ୍ୟାବେଳେ ଖାଇବାକୁ ହେବ । ପଥ୍ୟାପଥ୍ୟର ନିୟମ ବୋତଲର ଟିକଟରେ ଲେଖା ଅଛି । ପରୀକ୍ଷାଦ୍ୱାରା ଏଥିର ଗୁଣ ଦେଖା ଯାଇଅଛି ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ସିସିକୁ ଟ ୧ ।

---

ବିଶେଷ ଦ୍ରଷ୍ଟବ୍ୟ ।

ବେଦ୍ୟପଡ଼ାସ୍ଥ କବିରାଜ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସୁକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ଅଛନ୍ତି । ଗତ ତିନିବର୍ଷମଧ୍ୟରେ କୌଣସି ରୋଗୀ ଅଆରୋଗ୍ୟ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନମଧ୍ୟରେ ତୁମ୍ଭକୁ ଆରୋଗ୍ୟ କରିଦେବେ । ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

---

# ମେହରୋଗ ।

ସଂଯୋଗମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚିକିତ୍ସା ଚୌର୍ଣ୍ଣକରିବାର ଲୁଚାଇ ନୁହେଁ ସାମାନ୍ୟ ଅର୍ଥବ୍ୟୟସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷଅବସ୍ଥା ପର୍ଯ୍ୟନ୍ତ ରହିବ । ଔଷଧର ବସ୍ତୁରୂପରେ ସନ୍ଦେହ କରିବାର କିଛି ହେତୁ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅନତିଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅହିରିଟୋଲା ନମ୍ବର ଭବନରେ ଯ, କେ, ଗୁପ୍ତ କମ୍ପାନିଙ୍କଠାରେ ଏବଂ କଟକ

ଦରଘା ବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକସିସି ଟ ୨॥ । ମୁଲିଆ ଓ ଡାକଖର୍ଚ୍ଚ ପୃଥକ୍ ।

---

## ବାଲିକାଗଜ ।

ଇଂଲଣ୍ଡୀୟ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୮ ପାଉଣ୍ଡ ଗାଇ | ଦ ୧୯ ଟ ୨॥ | ରି ୧୯ ଟ ୦ ୬୨ |
| ୧୬ ପାଉଣ୍ଡ „ | „ ଟ ୨॥ | „ ଟ ୦ ୬୦ |
| ୧୨ ପାଉଣ୍ଡ „ | „ ଟ ୨। | „ ଟ ୦ ୪ |
| ୧୦ ପାଉଣ୍ଡ „ | „ ଟ ୨ | „ ଟ ୦ ୮୨ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକାଥରେ ଉ ୫ ମି ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଉଦରକୋଣା ଓ ଲୁଗା ଓ ରେଶମୀଓରେର ଲୁଗା ଓ ଷ୍ଟେସନରି ଓ ଜଳିକଳ ଇମାରତ ସାମଗ୍ରୀ ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଭିନ୍ନ ଅନ୍ୟ କେତେକ ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବିଲାତି ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପୂର୍ବେ ଆପଣା ମଫସଲ ସକାଶେ ଭଡ଼ା ଆବଶ୍ୟକ ହେବେ ଏକ ଘଣ୍ଟାକୁ ଟ ବାର ଟ ୦ ୬୨ ହିସାବରେ ଭଡ଼ା ଦେଲେ ପାଇ ପାରିବେ ! ମାତ୍ର ତାହାର ଯଦି ଖଣ୍ଡିଆ ଭଙ୍ଗା ଭାର ତାଙ୍କ ଉପରେ ଥିବ । ଯଦି ହେଲେ ଗାଡ଼ିର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଫେସିଲ୍ ।

| | |
|---|---|
| ଇଂରାଜୀ ବେଣ୍ଟା ଓ ଉଡ଼ିଲେ ଘର ବେଳେ ଘଣ୍ଟେ । | କାଚ ଗିଲାସ ଓ ବଡ଼ ଜଳିଗ ଓ ଗ୍ଲାସ |
| ଫେଲ୍ଟହ୍ୟାଟ୍ | ବଲ୍ଟୁ ବେହେର |
| ବନ୍ଦୋବସ୍ତ ଟେଲି ଉଦବା ପେଡ ଘଟା ଓ ହୋମ ବାହୁଡ଼ । | ଲଙ୍କଡ଼ ଗୁଡ଼ଫସଲ୍ସ ଏବଂ ହୁକ ନେଲଗଣ ଉପୋଇ ସମ ଦେୟର, ଏବର |

ବୁଟ୍ ଅର୍ଥାତ୍ ଜୋତା ବଡ଼ବା କାଗଜ ପେନ୍ସିଲ ଓ କଲମ ।
ଟେବିଲ ଲାଇଟ ଲକ୍ଷ ।
ଚାନା ଘୁଡ଼ାଉର ଟଠ-ଡାଲ ଓ ଇଗୋପା
ଟେକ୍ସି ଦ୍ୱାର ।
ଟେବ ହଟ ।
ଚଟଣି ଖାଇବ ।
ଚାକାର ଗାଡ଼ାର ଗଣ୍ଡ ତେ ଦୁଗା ପାଶୁଆର ହୁଏ ।
ଦର୍ଶନ ଘେର—ଅର୍ଥାତ୍ ଦର୍ପଣ ଘର ।
ଅବଲ ଦୁଧ ।
ଔଷଧ ଘୃତ ଛଡ଼ା ।
ଏଗୁ ଓ ଅଟ ।
ମୋଡ଼େଲ୍‌କାଇକ ।
ବୋତଲ୍‌ନ୍ଦର କେଶର-ମେଳ ଓ ରଙ୍ଗ ଘେ ଓ ଭଲେ ପାଟ
ଟ୍ରଙ୍କ ଗଦ ଅର୍ଥାତ୍ ଲେଖିବା ବେଳେ ଘଡ଼ ଓ ଘୁଞ୍ଚିଲେ ଲଗା ହେବ ।
ଅଲଙ୍କା ତଖ୍ତା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପଟେକଲିକ ପଂଗ ଗାଣ୍ଠି ଖଣ୍ଡ ଟ ୦ ୬୨
ମୋଜା ଓ ମୋଜାବନ୍ଦ
ଉତ୍ତମ ଧୂପ ଟଟଣିଏ
ଚଟଣ ଗାଇବ କଲା
ଭଣ୍ଡିଓ, ଗାଇବାର ବୌଦ୍ଧ ଖଣ୍ଡା

ମାର୍ବଲ୍ ବାଟି ଲୁଗାରେ ଘଷିଲେ ଧୋଇ ହେବ ହେବ ଭିଜ ।
ଏ, ବୋତଲ ଗାଢ଼ ରଙ୍ଗ କାଳି ଓ ବୁରୁଶ ।
ବଇଁଶ ଅହୋକ୍ଷେ ।
ବର୍ତ୍ତନ ଭାଜଣ ।
ଗୁଡ଼ାଙ୍କ ଥୋଳ ।
ଅନେକ ପେନ୍ସିଲ ଓ ଫାଉ ଏ ପେନ୍ସିଲରେ କେଉଁ ଜଳାଇ ବେଳ ଭଲ ଲେଖାରି ଟେଙ୍କ ପେନ୍ସିଲ ଲେଖା ସଙ୍ଗେ ଲେଖ ଉପରେ ତେଲେ ଚର୍ବି ବଳ ଲଗେ ।
କଞ୍ଚେଇ ପେରଲ ।
ବୋଲିବ ପେଲିକେ ଖଡ଼ ବାଲ ଗଛ ।
ଇଂଲଣ୍ଡ ଲୋହର ଅତି ଉତ୍ତମ ଢାଲ ବାଲିଯା ଢଳା ।
ନିମ୍ବଳା ।
ରେଲ୍ ଓ ପେନ୍ସିଲ୍
ଗଛ କୋଡାଳ
କମଳ ଗାଡ଼ୀ ଓ ଘୋଡ଼ା ଓ ଘଡ଼ି
ସବୁଜଦାନା ଓ ଲୈପାର ପାଇଗୋଳ ଓ ଗାଡ଼ି ।
ପ୍ରିଣ୍ଟ କାଳ

ଅର୍ଦ୍ଧେନ୍ଦୁ ଦାସ କମ୍ପାନୀ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଉତ୍କଳଦୀପିକା ଅଗ୍ରିମ ମୂଲ୍ୟ ନିମ୍ନଲିଖିତ ଯଥା—

ଅଗ୍ରିମଦେୟ ହାରରେ

| | |
|---|---|
| ଏକ ବର୍ଷ | ଟ ୩୮ |
| ଛଅ ମାସକୁ | ଟ ୨୧ |
| ତିନି ମାସ ମାସକୁ | ଟ ୦ |

ଅଗ୍ରିମ ମୂଲ୍ୟ ଦେଲେ ଏକ ବର୍ଷ ପାଇଁ ଟ ୨ ହିସାବରେ ଦେବ ଦେବେ ।

ଚ, ସନ୍ତୁ ଓ ଦୃଷ୍ଟାନ୍ତ ସକାଶେ ଗର୍ଦ୍ଦ ରିଯର ବେଳା ଓ ତ, ପ୍ରଥମ ଥରକୁ ହେବ ।

ଅଧିକ ଅଟଳ ସକାଶେ ଧନବ ସମ୍ପାଦକଙ୍କ ନିକଟ ଲେଖନ୍ତୁ ।

ବିଜ୍ଞାପନ ନୂଆ ବିଜ୍ଞାପନ ଏକ ସପ୍ତାହରେ ଛପା ।

---

ଏହି ପତ୍ର ଉତ୍କଳଦୀପିକା ସହର କଟକ ଉତ୍କଳପ୍ରେସରେ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୨ | ତା ୨ ରତ ମାହେ ଜୁଲାଇ ସନ ୧୮୮୭ ମସିହା । ମ । ଆଷାଢ଼ ତ ୨୦ ନ ସନ ୧୨୯୪ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩॥
ସଂଖ୍ୟା ୨୭ | | ପଶ୍ଚାଦେୟ ଟ ୪॥

ବିଜ୍ଞାପନ ।

କୋଟବ୍ରହ୍ମାଣ୍ଡସୁନ୍ଦରୀ ଅର୍ଥ ସହିତ, ବାମଣ୍ଡା-ଜଗନ୍ନାଥବଲ୍ଲଭ ପ୍ରେସରେ ମୁଦ୍ରିତ ହେବ । ଅତଏବ ସର୍ବସାଧାରଣଙ୍କୁ ଜଣାଇ ଦିଆଗଲା ।

ତା । ୨୨।୬।୮୭

ଶ୍ରୀ ବାବୁ ବୃନ୍ଦାବନଚନ୍ଦ୍ର ଦେବ
ସେକ୍ରେଟରୀ

---

ଉତ୍କଳଦୀପିକା ।

ତା ୨ ରତ ଜୁଲାଇ ସନ ୧୮୮୭ ମସିହା ।

---

ଜଣେ ପତ୍ରପ୍ରେରକ ଶୁଣିଅଛନ୍ତି ଯେ ତାଳଚେରର ରାଜା ଆପଣା ବଳ୍କାର ହୁଇ ତିନିଜଣ ବାଳକଙ୍କୁ ଖୋରାକ ପୋଷାକ ସ୍କୁଲବେତନ ଓ ପୁସ୍ତକାଦିର ମୂଲ୍ୟ ଦେଇ ରେବନ୍‌ସାକଲେଜରେ ପଢ଼ାଇବାର ମନସ୍ଥ କରିଅଛନ୍ତି । ରାଜାଙ୍କର ଏହି ମାନସ କାର୍ଯ୍ୟରେ ପରିଣତ ହେଲେ ବଡ଼ ସୁଖର ବିଷୟ ହେବ । ଢେଙ୍କାନାଳର ଚିରସ୍ମରଣୀୟ ବିଖ୍ୟାତ ମହାରାଜା ଭାଗୀରଥୀ ମହେନ୍ଦ୍ର ବାହାଦୁର ଏ ବିଷୟରେ ଗଡ଼ଜାତରେ ଅଗ୍ରସର ହୋଇଥିଲେ । ତାଳଚେରର ରାଜା ଆପଣା ବଳ୍କାସ୍କୁଲରୁ ଉତ୍ତୀର୍ଣ୍ଣ ହେବା ଛାତ୍ରଙ୍କ ସକାଶେ ଏପରି ଗୋଟିଏ ବା ଯୋଡ଼ିଏ ବୃତ୍ତି ଖଞ୍ଜି ଦେଲେ ଗୋଟିଏ ମହତ କୀର୍ତ୍ତି ରଖିବେ ସନ୍ଦେହ ନାହିଁ ।

---

ଓଡ଼ିଶାର ମାଇନର ଓ ଭର୍ଣ୍ଣାକ୍ୟୁଲର ପ୍ରଭୃତିର ବୃତ୍ତିମାନ ଏବର୍ଷ ଯେପରି ବିତରିତ ହୋଇଅଛି ତହିଁର ତାଲିକା ଗତ ସପ୍ତାହରେ ପ୍ରକାଶିତ ହୋଇଥିଲା ତହିଁରେ ପାଠକମାନେ ଦେଖିଥିବେ ଯେ ଏଠା ହିନ୍ଦୁବାଳିକାବିଦ୍ୟାଳୟର ଜଣେ ଛାତ୍ରୀ ଓଡ଼ିଶାରେ ଭର୍ଣ୍ଣାକ୍ୟୁଲର ପରୀକ୍ଷାରେ ଦ୍ୱିତୀୟସ୍ଥାନ ପାଇଥିଲେହେଁ ଗୋଟିଏ ବୃତ୍ତି ପାଇ ନାହିଁ । ଅତଏବ ଏସମ୍ବନ୍ଧରେ ଆମ୍ଭେମାନେ ଏଥିପୂର୍ବେ ଯେଉଁମନ୍ତବ୍ୟ ବ୍ୟକ୍ତ କରିଥିଲୁ ତାହା ବ୍ୟର୍ଥ ହେଲା । ବାସ୍ତବରେ ଭର୍ଣ୍ଣାକ୍ୟୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଉତ୍ତାରୁ ବାଳିକାଙ୍କ ପଢ଼ିବା ନିମିତ୍ତ କୌଣସି ଉଚ୍ଚ ବିଦ୍ୟାଳୟ ନ ଥିବାରୁ ସେମାନଙ୍କର ବୃତ୍ତି ଭୋଗ କରିବାର ସୁବିଧା ନାହିଁ । ଏକଥା ଆମ୍ଭେମାନେ ସେସମୟରେ ଚିନ୍ତା କରିପାରି ନ ଥିଲୁଁ ।

---

ଇଂଲିସମ୍ୟାନ ପ୍ରକାଶ କରି ଅଛନ୍ତି ଯେ ବର୍ଦ୍ଧମାନର ପୋଷ୍ୟପୁତ୍ର ଗ୍ରହଣ ମୋକଦମାରେ ରେବିନ୍ୟୁବୋର୍ଡ ବନବିହାରୀ ବାବୁଙ୍କ ପୁତ୍ରସପକ୍ଷରେ ମତ ପ୍ରଦାନ କରିଅଛନ୍ତି । ବୋର୍ଡଙ୍କ ବିଚାରରେ ବର୍ଦ୍ଧମାନର ରାଜକୁଳରେ ପଞ୍ଜାବଦେଶୀୟ ବ୍ୟବସ୍ଥା ପ୍ରଚଳିତ ଏବଂ ଉକ୍ତ ବ୍ୟବସ୍ଥା ଅନୁସାରେ ଦଗ୍ଧୀର ପୁତ୍ରକୁ ଦତ୍ତକ ଗ୍ରହଣ କରିବା ନିଷିଦ୍ଧ ନୁହଇ । ଶ୍ରୀଯୁକ୍ତ ସାମ୍‌ସ ସାହେବ ଏକ ପୃଥକ୍‌ମନ୍ତବ୍ୟରେ ଲେଖିଅଛନ୍ତି କି ବନବିହାରୀ ବାବୁଙ୍କ ପୁତ୍ରକୁ ପୋଷ୍ୟପୁତ୍ର କରିବାକୁ ମହାରାଣୀ ପୂର୍ବରୁ ସମ୍ମତ ହୋଇ ଅଛନ୍ତି ଏବଂ ଏବାଳକ ଛଡ଼ା ବର୍ଦ୍ଧମାନର ରାଜା ହେବାକୁ ଅନ୍ୟ କେହି ଯୋଗ୍ୟ ନାହିଁ । ଆମ୍ଭେମାନେ ଆଶା କରୁଁ କି ବ୍ୟବସ୍ଥାବିଷୟରେ ଗବର୍ଣ୍ଣମେଣ୍ଟ ସାବଧାନପୂର୍ବକ ବୋର୍ଡଙ୍କ ମତ ଗ୍ରହଣକରିବେ କାରଣ ହାଇକୋର୍ଟରେ ତହିଁର ବିପରୀତ ଫଳ ଘଟିବାର ଅନେକଥର ଦେଖା ଯାଇ ଅଛି ।

---

ଏ ଜିଲ୍ଲା ଅନ୍ତର୍ଗତ ସୁନ୍ଦରଗ୍ରାମରେ ବହୁଦିନ ହେଲା ଗୋଟିଏ ମାଇନରସ୍କୁଲ ସ୍ଥାପିତ ହୋଇ ମଧ୍ୟମଫଳ ଦେଖାଇ ଆସୁଥିଲା ମାତ୍ର ଗତ ପାଞ୍ଚବର୍ଷରେ ଜଣେ ଛାତ୍ର ସୁଦ୍ଧା ମାଇନର ପାସ କରି ନାହିଁ କେବଳ ୧୨।୨୦ ଜଣ ଭର୍ଣ୍ଣାକ୍ୟୁଲରରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଜଣେ ପତ୍ରପ୍ରେରକ ଅନୁମାନ କରନ୍ତି କି ହେଡ୍‌ମାଷ୍ଟର ଅନେକଥର ଘରକୁ ଯିବା ଆସିବା ହେତୁ ସ୍କୁଲରେ ସର୍ବଦା ଉପସ୍ଥିତ ନ ରହିବା ଏବଂ ସମ୍ପାଦକଙ୍କ ତତ୍ତ୍ୱାବଧାରଣ କଠିନରୂପେ ନ ହେବାରୁ ଏ ଦଶା ଘଟିଅଛି ଏବଂ ସେ ବୋଲନ୍ତି କି ଯେବେ ମାଇନର ପାସ କେହି ଛାତ୍ର ନ ହେଲେ ତେବେ ଇଂରାଜୀ ଶିକ୍ଷାରେ ଅର୍ଥବ୍ୟୟ ନ କରି ସେହି ଟଙ୍କା ବିଦ୍ୟାଳୟର ଅନ୍ୟାନ୍ୟ ଉନ୍ନତିକର କାର୍ଯ୍ୟରେ ଲଗାଇଲେ ଭଲ ହେବ । ଆମ୍ଭେମାନେ ଆଶା କରୁଁ କି ବିଭାଗୀୟକର୍ତ୍ତାମାନେ ଏଥିର ଅନୁସନ୍ଧାନପୂର୍ବକ ଉଚିତ ବ୍ୟବସ୍ଥା କରିବେ ।

---

Digitized by srujanika@gmail.com

ସରଜନ ଲରେନ୍ସ ଜାହାଜର ଶୋକାବହ ଦୁର୍ଘଟନାରେ ଯେଉଁ ହୃଦୟ ବିଦାରକ କ୍ଷତ ଘଟିଅଛି ତାହା ଦୀର୍ଘକାଳ ପର୍ଯ୍ୟନ୍ତ ପାଶୋରି ଯିବାର ନୁହଇ । କିନ୍ତୁ ଏ ଦୁର୍ଘଟନା ଯୋଗେ ଭବିଷ୍ୟତକୁ ମଙ୍ଗଳ ହେବାର ଆଶା ଦିଶୁଅଛି । ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଏ ଜାହାଜ ମଗ୍ନପତନା-ସମ୍ବନ୍ଧୀୟ ଅନୁସନ୍ଧାନ କମିଟି ପୋର୍ଟ ଅଫିସରଙ୍କୁ ଆଦେଶ ଦେଇଅଛନ୍ତି ଏବଂ ତୋଫାନରଥିବା ସଙ୍କେତପାର ନାନାସ୍ଥାନରେ ଦିଆଯିବା ଏବଂ ତାହା ଦେଖି ଗୃହବାଲିକୁ ଅସୁଥିବା କଲ ଓ ଷ୍ଟିମରଜାହାଜମାନ ନଦୀରେ ଲଙ୍ଗର କରି ରହିବା ପ୍ରଭୃତି ସରଜନ ଲରେନ୍ସର କପ୍ତାନ ସ୍ୱରୂପ ନ କରି ଦୁଃସାହସପୂର୍ବକ ଜାହାଜ ଚଳାଇବାରୁ ତୋଫାନର ସମ୍ଭାବନା ଜଣା ଥାଇ ବତାସ ସମୟରେ ସମୁଦ୍ରକୁ ଜାହାଜ ନ ଛାଡ଼ିବା ବିଷୟରେ କୌଣସି ନିୟମ କରିବାର ପ୍ରସ୍ତାବ କରିଅଛନ୍ତି । ଏପରି ନିୟମ କରିବାର ନିତାନ୍ତ ପ୍ରୟୋଜନ ହୋଇଅଛି ସନ୍ଦେହ ନାହିଁ ଏବଂ ତାହା ଯେତେ ଶୀଘ୍ର ହେବ ସେତେ ଭଲ ।

---

କଟାସାଟ ମାଶୁଲ ଖାଲ ମଲ୍ଲୟ ଓ ବୋହି-ଯାଙ୍କପ୍ରତି ଏଠା ମିଉନିସିପଲ କମିଶନରମାନେ ଦ୍ୱିଗୁଣ କରିବାର ପ୍ରସ୍ତାବସମ୍ବନ୍ଧରେ ଆମ୍ଭେମାନେ ଏଥିପୂର୍ବେ ଯାହା ଲେଖିଥିଲୁଁ ତହିଁରେ କିଛି ଭ୍ରମ ରହିଯାଇଥିଲା । ଉକ୍ତ ପ୍ରସ୍ତାବ ହେବାରୁ ଇଜାରଦାର ପକ୍ଷରୁ ଆପତ୍ତି ହେବା ଏବଂ ଏବର୍ଷ ଉକ୍ତ ପ୍ରସ୍ତାବଅନୁସାରେ କାର୍ଯ୍ୟ ହେବାକୁ ସମୟ ନ ଥିବାର ଦେଖି ମିଉନିସିପଲ କମିଶନରମାନେ ତାହା ପରିତ୍ୟାଗ କରି ପାଟମାସୁଲର ଦର ଅଦ୍ୟପ୍ରାନ୍ତ ଉଚିତ କି ନା ତହିଁରେ କ କ ପରିବର୍ତ୍ତନ କରିବାର ଆବଶ୍ୟକ ତହିଁର ବିଚାର-ନିମିତ୍ତ ଗୋଟିଏ ସବ୍‌କମିଟୀ ନିଯୁକ୍ତ କରିଅଛନ୍ତି । ସବ୍‌କମିଟୀ ସକଳ ବିଷୟ ବିବେଚନାପୂର୍ବକ ରିପୋର୍ଟ ଦେଲେ କମିଶନରମାନେ ଯେପରି ସ୍ଥିର କରିବେ ଏଥିରୁ ପାଠକମାନେ ବୁଝିବେ ଯେ ଏବର୍ଷ ପାଟମାସୁଲର କୌଣସି ପରିବର୍ତ୍ତନ ହେବ ନାହିଁ । କିନ୍ତୁ ଏଥି ସଙ୍ଗେ ୨ ପାଟଅଲା-ତୃଭର ନିବାରଣ କି-ଉପାୟରେ ହୋଇପାରେ କମିଶନରମାନେ ସେକଥା ବିଚାର କଲେ ଭଲ ହୁଅନ୍ତା ।

---

ଅଫଗାନସ୍ଥାନ ସମ୍ବନ୍ଧରେ ନାନାକଥା ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହେଉଥିବାର ଦେଖାଯାଏ । କଥିତହୁଏ ଯେ ରୁଷୀୟସେନା ଖୋଜାସାଲେଠାରେ ପହୁଞ୍ଚି ଅଛନ୍ତି ମାତ୍ର କଣା ପାଇ ହୋଇ ନାହାନ୍ତି । ଅମୀର ଅବଦୁର ରହମାନ ଏଥିରେ ନିତାନ୍ତ ରୁଷ୍ଟ ହୋଇ ପ୍ରକାଶ୍ୟ ଦରବାରରେ ବ୍ୟକ୍ତ କରିଅଛନ୍ତି ଯେ ସୀମା ଅମୀନ ଖୋଜାସାଲେ ଛାଡ଼ି ଦେଇ ନ ଥିଲେ ଅମୀର ଉକ୍ତସମ୍ପର୍କେ ଆପଣା ଦାବି କଦାଚ ଛାଡ଼ି ନ ଥାନ୍ତେ ଓ ତାହା ହେଲେ ଏତେ ଅନର୍ଥ ଲାଗି ନ ଥାନ୍ତା । ଆଉ ଯେ ସମସ୍ତ ଅନର୍ଥମାନ ସଂଘଟିତ ହେଉଅଛି ତାହା ସେହି ସୀମା ଅମୀନ କହିବାରୁ ହୋଇଅଛି ଏବଂ ଇଂରାଜ ରୁଷୀୟମାନଙ୍କ ସଙ୍ଗେ ଏକ ଧର୍ମାବଲମ୍ବୀ ଥିବାରୁ ଅଫଗାନମାନଙ୍କ ରୁଷୀୟ-ସଙ୍ଗେ ଯୁଦ୍ଧ କରିବାକୁ ଛାଡ଼ିବେ ନାହିଁ । ଏଥି ସଙ୍ଗେ ୨ ଶୁଣାଯାଏ ଯେ ଭାରତଗବର୍ଣ୍ଣ-ମେଣ୍ଟ ଆଉ ଏକ ଅଫଗାନ ଯୁଦ୍ଧ ଲଗାଇ-ବାର ବ୍ୟବସ୍ଥା କରୁଅଛନ୍ତି । କେହି ୨ କହନ୍ତି ଏହା ସତ୍ୟ ନୁହେ ମାତ୍ର ଯାହା ହେଉ ବ୍ୟାପାର ଖଣ୍ଡିକ ଆମ୍ଭମାନଙ୍କୁ ଶୁଭକର ବୋଧ ହେଉ ନାହିଁ । ଯେତେବେଳେ ଅଫଗାନସ୍ଥାନରେ ସ୍ୱଜାତୀୟଙ୍କ ମଧ୍ୟରେ ଯୁଦ୍ଧ ଲାଗିଅଛି ସେମନ୍ତ ସ୍ଥଳେ ସେତେବେଳେ କ ଘଟଣା ହେବ କଏ କହିପାରେ !

---

ଗତ କେତେଦିନ ହେଲା ଏ ନଗରରେ କାହାପରେ କେତେ ଗାଈ ବାଛୁର ଅଛନ୍ତି ପୁଲିସ କର୍ତ୍ତୃକ ତଦନ୍ତ ଓ ତାଲିକା କରୁଥିବାରୁ ନଗରବାସିଙ୍କ ମନରେ ଭୟ ହୋଇଅଛି ଯେ ଗୋରୁଙ୍କ ଉପରେ ଗୋଟାଏ ଟିକ୍ସ ବସିବ ଏବଂ ଏଥିପାଇଁ ସମସ୍ତେ ସଶଙ୍କିତ ଅଛନ୍ତି । ଟିକସ ବସିଲେ ତାହା ମିଉନିସିପଲ ଆଇନାନୁସାରେ ହେବ ମାତ୍ର ଉକ୍ତ ଆଇନରେ ସେପରି କିଛି ଥିବାର ପ୍ରକାଶ ନାହିଁ । ସୁତରାଂ ଗୋରୁଙ୍କପରେ ଟାକ୍ସ ବସିବାର ଶଙ୍କା ଅମୂଳକ ଅଟଇ । ଆମ୍ଭେମାନେ ଶୁଣିଅଛୁଁ ଯେ ସଡ଼କରେ ସର୍ବଦା ଗୋରୁ ବୁଲୁଥିବାର ଦେଖି ଆମ୍ଭମାନଙ୍କ ମାଜିଷ୍ଟ୍ରେଟ ଚରିବାକୁ ଯିବା ଆସିବାର ନିର୍ଦ୍ଦିଷ୍ଟ ସମୟ ବିନା ଅନ୍ୟ ସମୟରେ ସଡ଼କରେ ଗୋରୁ ଗାଈ ବୁଲୁଥିବାର ଦେଖାଗଲେ ସେମାନଙ୍କୁ ଧରି କାଞ୍ଜିହାଉସରେ ଦେବାର ନିୟମ ସ୍ଥିର କରିଅଛନ୍ତି ଏବଂ ସେହିହେତୁରୁ ପୁଲିସଦ୍ୱାରା ଗୋରୁ ଗାଈର ତାଲିକା ହେଉ ଥିବାରୁ ଅନୁମିତ ହୁଅଇ । ମାଜିଷ୍ଟ୍ରେଟସାହେବ-ଙ୍କର ଏପରି ସଙ୍କଳ୍ପପ୍ରତି ଆମ୍ଭମାନଙ୍କର କିଛି ଆପତ୍ତି ନାହିଁ । ବରଂ ତାହା ଭଲ ଅଟଇ ମାତ୍ର ସେକଥା ବୁଝାଇ ନ ଦେଇ ତାଲିକା କରିବାର ହୁକୁମ ଦେଇ ଲୋକଙ୍କୁ ଆଟକା କରିବା ଭଲ ହୋଇ ନାହିଁ । ଭରସା କରୁଁ ତାଲିକା କରିବାର ପ୍ରକୃତ ଉଦ୍ଦେଶ୍ୟ ଲୋକଙ୍କୁ ବୁଝାଇ ଦେବା ବିଷୟରେ ସାହେବ ପ୍ରଶଂସିତ ବହୁତ ଆଦେଶ ପ୍ରଦାନ କରିବେ ।

---

ଶ୍ରୀମତୀ ମହାରାଣୀଙ୍କ ଜୁବିଲି ପର୍ବ ଗତ-ମାସ ତା ୨୦ ରଖରେ ମାନାଜ ପ୍ରଦେଶରେ ପ୍ରତିପାଳିତ ହୋଇଥିବାରୁ ଉକ୍ତ ପ୍ରଦେଶାନ୍ତ-ର୍ଗତ ମଞ୍ଜୁଷା ରାଜଧାନୀରେ ସେଠାର ରାଜା ବହୁ ସମାରୋହପୂର୍ବକ ସେଦିନ ଉତ୍ସବ କରି-ଥିଲେ । ସକାଳେ ପ୍ରାୟ ୫୦୦ ଣ ଅନାଥ ଦୁଃଖୀ ବ୍ୟକ୍ତିଙ୍କି ଭିକ୍ଷା ଦିଆ ଗଲା ଓ ଦେବୋତ୍ତର ଦେବାଳୟମାନଙ୍କରେ ବିଶେଷରୂପେ ଭୋଗ-ରାଗ ସହିତ ପୂଜା ଏବଂ ଶ୍ରୀମତୀଙ୍କ ମଙ୍ଗଳାର୍ଥେ ପ୍ରାର୍ଥନା ହେଲା । ଅପରାହ୍ନ ସ ୨ ଘା ସମ-ୟରେ ଶ୍ରୀ ମହାରାଜ ରାଜକୁମାର ଓ କର୍ମଚାରୀ ଓ ଅପର ଭଦ୍ରବ୍ୟକ୍ତିମାନଙ୍କୁ ଘେନି ଆପଣା କୋଠାମଧ୍ୟରେ ଦରବାର ସଭା ରଚନା କଲେ ଓ ସେଠାରେ ନୃତ୍ୟଗୀତାଦି ନାନା ଆମୋଦରେ ସମସ୍ତ ବ୍ୟକ୍ତିଙ୍କୁ ଆମୋଦିତ ଓ ପାନ ଚନ୍ଦନା-ଦିଦ୍ୱାରା ସମ୍ମାନ କରି ଶ୍ରୀମତୀ ମହାରାଣୀ-ଙ୍କର ଏକ ଚିତ୍ରପଟ ଶ୍ରେଷ୍ଠ ହସ୍ତୀପରେ ରଖି କରାଇ ଛଅ ଘୋଡ଼ାର ପଶ୍ଚାତ ସହିତ ନଗର ଭ୍ରମଣ କଲେ ଏହି ସମୟରେ ସନ୍ଧ୍ୟା ହେବାରୁ ନଗରରେ ରୋଶନାଇ ଆତସବାଜିର ଧୂମ ଲାଗିଲା । ସେସବୁ ଦେଖି ରାତ୍ରି ୮ ଘା ସମୟରେ ରାଜବଜାରକୁ ପ୍ରତ୍ୟାଗମନ କଲେ । ଗୁରୁଗଣ ଘେନି ଏବଂ ସହିତ ମହାରାଣୀଙ୍କ ଜୟ ୨ କାର ଉଚ୍ଚସ୍ୱରରେ ଘୋଷିତ ହେଲା । ଶେଷରେ ଭଦ୍ରବ୍ୟକ୍ତିମାନଙ୍କୁ ଭୋଜନ କରାଇ ବିଦାୟ ଦେଲେ । ଏହିରୂପେ ଜୁବିଲି ଉତ୍ସବ ମହାଆଡ଼ମ୍ବରରେ ଅତିବାହିତ ହେଲା ।

---

ଜାମସ୍‌ସାହେବଙ୍କ ଟଙ୍କା କରଜ ଦେବା-ବିଷୟରେ ଗବର୍ଣ୍ଣମେଣ୍ଟ ତାହାଙ୍କ କଇଫିୟତକୁ ସନ୍ତୋଷଜନକ ସ୍ଥିର କରିବାରୁ ଇଂଲିଶମାନ ଆନନ୍ଦିତ ହୋଇ ଲେଖିଅଛନ୍ତି କି ଏବିଷୟ-ରେ ସ୍ୱଦେଶୀୟ ପତ୍ରରେ ଜଣେ ଇଂରାଜ ଦ୍ୱେଷ ଲାଗୁଥିବା ବାଳକେ ଗୋଟାଏ ମହାବଳ

Split by PDF Splitter
Digitized by srujanika@gmail.com

ବାଘ ହାବୋଡ଼ନ୍ତି । ସାହେବ ଅସ୍ତ୍ରରକ୍ଷାର ଅନ୍ୟ ଉପାୟ ନ ଦେଖି ତତ୍‌କ୍ଷଣାତ୍ ବାଘଆଡ଼କୁ ପଛ କରି ଲଙ୍ଗିପତ ଦୁଇଗୋଡ଼ ଫରକଟା କରି ତହିଁ ଭିତରୁ ଦୁଇଆଖି ଉଗ୍ର ଏମନ୍ତ ଭଙ୍ଗୀରେ ବାଘକୁ ଚାହିଁଲେ ଯେ ବାଘ ତହିଁରେ ଭୀତ ହୋଇ ଏକ ଗର୍ଜ୍ଜନ ଛାଡ଼ି ପଳାଇଗଲା ଓ ସାହେବ ଅପଣାମନରେ ହସି ୨ ଚାଲିଗଲେ । ଏହି କାହାଣି ଲେଖି ଇଂଲିସମାନ ବୁଝାଇ ଦେଇଅଛନ୍ତି କି ସାହେବଙ୍କଠାରେ ମହାବଳ ଯେମନ୍ତ ଠକିଗଲା ସେହିପରି ଦେଶୀୟ ସମ୍ବାଦପତ୍ରମାନେ କାମସ୍ ସାହେବଙ୍କଠାରେ ଅପ୍ରତିଭ ହେଲେ । ଇଣ୍ଡିଆନ ଡେଲିନ୍ୟୁସ ଏଥିକୁ କହିଅଛନ୍ତି କି ଦେଶ ଆଦାୟ କରିବାର ଅନେକାନେକ ନୂତନ ଉପାୟ ବାହାରିବାର ଶୁଣାଅଛୁ ମାତ୍ର ଅନୁମାନ ହୁଅଇ ଗୋଡ଼ ଫରକଟା କରି ତହିଁମଧ୍ୟରୁ ଉଗ୍ର ଚାହିଁ ବାହ୍ୟାସ ଦେଶ ଆଦାୟ କରିବା ଉପାୟକୁ ଇଂଲିସମାନ ଛଡ଼ା ଆଉ କେହି ଇଂରାଜ ପସନ୍ଦ କରିବେ ନାହିଁ ପରା । ଇଂଲିସମାନର ଗ୍ରାହକମାନେ ଯେବେ ଏହିରୂପ ପତ୍ରିକାର ମୂଲ୍ୟ ଦଅନ୍ତି ତାହା ହେଲେ ସେ କ କରିବେ । ଫଳତଃ ଅମ୍ଭ ଉକ୍ତାରପତ୍ରିକା ଛାଡ଼ିବାର ପାଞ୍ଚ ନୂଆନ୍ତି ଏଟ ଇଂଲିସମାନ ଗୋଡ଼ ଫରକଟା କରି ଉଗ୍ର ଚାହିଁ ବାହ୍ୟାସ ତାହାଙ୍କୁ ଭୟ ଦେଖାଇବାରେ ସେ ଯେ ଭୀତ ହେବେ ଏଥିରେ ବଡ଼ ସନ୍ଦେହ ବୋଧ ହୁଅଇ । ଏଥିରୁ ପାଠକମାନେ ଦେଖିବେ ଯେ ଇଂଲିସମାନଙ୍କ କୌତୁକଟା ଲାଗିଲା ନାହିଁ । ଲାଗିବ ଅବା କପରି ? କଥାଟା ବଡ଼ କଠିନ ଓ ଗବର୍ଣ୍ଣମେଣ୍ଟ ସୁବିଚାର ନ କଲେ ସମ୍ମାନରକ୍ଷା ହେବା ଦୁସ୍ତର ।

---

ପାଠକମାନେ ଜାଣନ୍ତି ଯେ ପ୍ରାୟ ତିନିବର୍ଷ ହେବ ଏ ନଗରର ଜଣେ ପ୍ରଧାନ ଜମିଦାର ବାବୁ ରାମନାଥ ରାୟ ଚୌଧୁରୀ ଆପଣାର ନାବାଲଗପୁତ୍ର ଓ ସ୍ତ୍ରୀ ରଖି କଲିକତାରେ ପରଲୋକଗାମୀ ହେବାରୁ ତାହାଙ୍କର ଜମିଦାରୀ ପ୍ରସ୍ତୁତ କୋର୍ଟ ଅଫ ୱାର୍ଡ୍‌ସ ଅଧୀନରେ ଅଣିବାର ମୋକଦ୍ଦମା ଲାଗିଥିଲା କିନ୍ତୁ ମୃତବାବୁଙ୍କ ସ୍ତ୍ରୀ କଲିକତା ହାଇକୋର୍ଟଙ୍କଠାରୁ ନାବାଲଗ ଓ ତାହାଙ୍କ ସମ୍ପତ୍ତି ରକ୍ଷଣାବେକ୍ଷଣର ଅଧିକାର ପାଇବା ଓ ସେ ଉକ୍ତ ଅଧିକାର ପାଇବାର ଅଯୋଗ୍ୟ ବୋଲି ଅନୁମାନ କରିବାର କାରଣ ନ ଥିବାରୁ ଏଠା କମିଶନରସାହେବ ଉକ୍ତ ସମ୍ପତ୍ତିମାନ କୋର୍ଟ ଅଫ୍ ୱାର୍ଡସ ଅଧୀନରେ ଅଣିବାକୁ ନାସ୍ତି କଲେ । ତଦନୁସାରେ ମୃତବାବୁଙ୍କ ସ୍ତ୍ରୀ ନାବାଲଗପୁତ୍ର ସହିତ ଏ ସ୍ଥାନକୁ ଆସି ଆପଣାର ପୂର୍ବ ନାଏବ ଓ ଆତ୍ମୀୟ ବାବୁ ମହେଶ୍ବର ବାନର୍ଜ୍ଜୀଙ୍କୁ ଉପଯୁକ୍ତ କ୍ଷମତାପତ୍ର ଅନୁସାରେ ନାଏବ ବା ମ୍ୟାନେଜର ନିଯୁକ୍ତ ଓ ସମସ୍ତକାର୍ଯ୍ୟ ନିର୍ବାହ କରିବାର ଭାର ଅର୍ପଣ କରି ଚାଲିଗଲେ । ସମ୍ପ୍ରତି ସେ ମହେଶବାବୁଙ୍କୁ ଦେଇଥିବା କ୍ଷମତାପତ୍ର ରହିତପୂର୍ବକ ଅନ୍ୟ ଏକ ମାନେଜର ନିଯୁକ୍ତ କରି ପଠାଇଅଛନ୍ତି ଏବଂ ଦୁଇ ନାଏବଙ୍କ ମଧ୍ୟରେ କାହାର କଳ ହେବ ଏବଂ କପରି ମାମଲା ମୋକଦ୍ଦମା ଚାଲିବ ଏହି କୌତୁକ ଦେଖିବାକୁ ଅନେକଲୋକ ଚାହିଁ ବସିଅଛନ୍ତି ଏବଂ ଏହି ଚର୍ଚ୍ଚା ଚାରିଆଡ଼େ ଲାଗିଅଛି । ନୂତନ ଯେବେ ମାମଲତକାର ପୁରୁଷ ହୋଇଥାନ୍ତା ତେବେ ସେ ଆପଣାର ଜଣେ କର୍ମଚାରୀ ବାହାର କରି ଦେଇ ଅନ୍ୟ ଜଣେ ନିଯୁକ୍ତ କରିବାରେ ସାଧାରଣଙ୍କର ଧନ୍ଦ ହେବାର କାରଣ ହୁଅନ୍ତା ନାହିଁ । କିନ୍ତୁ ଏ ସ୍ଥଳେ ଜଣେ ପରଦାନସିନ ସ୍ତ୍ରୀ ଏବଂ ତାହାଙ୍କ କହିବା ଅନୁସାରେ ପ୍ରଥମନାଏବ ତାହାଙ୍କଠାରୁ ଭିନ୍ନଇ ଅଧିକାରପତ୍ର ପ୍ରାପ୍ତ ହଇଥିବା ଏବଂ ତିନବର୍ଷ ହେଲା ହେସାବପତ୍ର ବୁଝାଇ ନ ଥିବାସ୍ଥଳେ ସେ ଏଡ଼େବଡ଼ ଏବଂ ନାବାଲଗର ତତ୍ତ୍ୱାବଧାରଣ କରିବାର ଯୋଗ୍ୟ କି ନା ଏଥିର ବିଚାର କରିବା ନିତାନ୍ତ ଆବଶ୍ୟକ ହେଉଅଛି । ଆମ୍ଭମାନଙ୍କ ବିବେଚନାରେ ତାହାଙ୍କ କଥାରୁ ତାହାଙ୍କ ଅଯୋଗ୍ୟତା ଜଣା ପଡ଼ୁଅଛି ଓ ଶୁଣି ଆନନ୍ଦିତ ହେଲୁଁ ଯେ ଅମ୍ଭମାନଙ୍କର କଲେକ୍ଟର ସାହେବ ଏ ସମ୍ପତ୍ତିକି କୋର୍ଟ ଅଫ ୱାର୍ଡସର ଅଧୀନରେ ଆଣିବାର ପ୍ରସ୍ତାବ କରୁଅଛନ୍ତି । ଏ ପ୍ରସ୍ତାବ ଉତ୍ତମ ଅଟଇ ଏବଂ ଶୀଘ୍ର କାର୍ଯ୍ୟରେ ପରିଣତ ହେବା ବାଞ୍ଛନୀୟ ।

---

### ସର୍ଭେପରୀକ୍ଷାର ଫଳ ।

ଆମ୍ଭେମାନେ ଅତ୍ରସ୍ଥ ସର୍ଭେସ୍କୁଲର ପରୀକ୍ଷାର ଫଳ ଅବଗତ ହୋଇଅଛୁଁ । ୨୪ ଜଣ ପରୀକ୍ଷାର୍ଥିଙ୍କ ମଧ୍ୟରୁ ୨୦ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ତନ୍ମଧ୍ୟରୁ କେବଳ ଏକଜଣ ପ୍ରଥମଶ୍ରେଣୀରେ । ଏବର୍ଷ ଛାତ୍ରବୃତ୍ତିଠାରୁ ପ୍ରବେଶିକାପର୍ଯ୍ୟନ୍ତ ସମସ୍ତ ପରୀକ୍ଷାର ଫଳ ଯେରୂପ ଉତ୍କୃଷ୍ଟ ହୋଇଅଛି ଏହିଫଳ ସନ୍ତୋଷ ଜନକ ହେଲେ ହେଁ ସେରୂପ ସୁନ୍ଦର ହୋଇ ନାହିଁ ।

ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କର ନାମ
ପାରଦର୍ଶିତାନୁସାରେ ।

୧ମ ଶ୍ରେଣୀ

ଶ୍ରୀକୃଷ୍ଣ ଦାସ (ଦିନାପୁର)

୨ୟ ଶ୍ରେଣୀ ।

ବୈଦ୍ୟନାଥ ମହାନ୍ତି, ହରମୋହନ ମିଶ୍ର, ଗୋବିନ୍ଦଚନ୍ଦ୍ର ମହାନ୍ତି, ନବକୁମାର ଦେ, ସାତକଡ଼ି ବନ୍ଦ୍ୟୋପାଧ୍ୟାୟ, ମଣି ଦଲାଇ, ଗୋପୀନାଥ ଦାସ, ବ୍ରଜକିଶୋର ଦାସ, ।

୩ୟ ଶ୍ରେଣୀ ।

କୁଳମଣି ମିଶ୍ର, ଶ୍ରୀକୃଷ୍ଣ ଦାସ,(ଜୟପୁର) ଭଗବାନ ପଟ୍ଟନାୟକ, ରାସବିହାରୀ ମହାପାତ୍ର, ଅବଦୁଲ ଯଲିଲ, ଗୋପାଳଚରଣ ମହାନ୍ତି, ବ୍ରଜବନ୍ଧୁ ପଣ୍ଡା, ବୃନ୍ଦାବନ ମହାନ୍ତି, ବୈଦ୍ୟାର ଘଟୋଇ, ରାଜୀବ ପଣ୍ଡା, ବାସୁଦେବ ପଣ୍ଡା, ।

—※—

### ପୁରୀ ଯାତ୍ରିଙ୍କ ଶରୀରରକ୍ଷାର ଉପାୟ ।

ବାଲେଶ୍ୱରର ଏକ୍ଟିଂ କଲେକ୍ଟର ଶ୍ରୀଯୁକ୍ତ ଟ୍ୟଟ ସାହେବ ପୁରୀଯାତ୍ରିଙ୍କ ହିତାର୍ଥେ ଯେଉଁ ପ୍ରସ୍ତାବମାନ ସର୍ବସାଧାରଣଙ୍କ ସମକ୍ଷରେ ଉପସ୍ଥିତ କରିଅଛନ୍ତି ଗତ ସଂଖ୍ୟାରେ ପ୍ରକାଶିତ ଜଣେ ହିନ୍ଦୁସ୍ୱକ୍ଷରିତ ପ୍ରେରିତପତ୍ରରୁ ପାଠକମାନେ ଅବଗତ ହୋଇଥିବେ । ସାହେବ ପ୍ରଶଂସିତ କଲିକତାର ଇଂରାଜୀ ସମ୍ବାଦପତ୍ରମାନଙ୍କରେ ଏ ପ୍ରସ୍ତାବମାନ ସର୍ବସାଧାରଣଙ୍କୁ ଜଣାଇଅଛନ୍ତି ଏବଂ ଇଂଲିସମାନ ଓ ଷ୍ଟେଟସମାନପତ୍ରିକାର ସମ୍ପାଦକମାନେ ଯଥୋଚିତରୂପେ ଏହି ହିତକର ସଙ୍କଳ୍ପରେ ସହାନୁଭୂତି ପ୍ରକାଶ କରି ସର୍ବସାଧାରଣଙ୍କୁ ଏଥିରେ ମନୋଯୋଗୀ ହେବା କାରଣ ଅନୁରୋଧ କରିଅଛନ୍ତି । ସାହେବ ପ୍ରଶଂସିତଙ୍କର ପ୍ରସ୍ତାବ ଯୋଡଏ ଅଟଇ । ଅର୍ଥାତ୍ ଚନ୍ଦବାଲିଠାରେ ଯାତ୍ରିମାନଙ୍କ ସକାଶେ ଗୋଟିଏ ଚିକିତ୍ସାଳୟ ଏବଂ ଜଗନ୍ନାଥସଡ଼କ ପାର୍ଶ୍ୱରେ ଥିବା ପୁଷ୍କରିଣୀ କୂପ ଧର୍ମଶାଳାମାନଙ୍କର ଜୀର୍ଣ୍ଣସଂସ୍କରଣ ଏବଂ ଏପ୍ରକାର ନୂତନକୀର୍ତ୍ତି ସ୍ଥାପନ । ଭାରତବର୍ଷର ନାନାସ୍ଥାନର ହିନ୍ଦୁମାନଙ୍କଠାରୁ ଏହି ସକଳ କାର୍ଯ୍ୟ ନିମିତ୍ତ ଚାନ୍ଦା ସଂଗ୍ରହ କରିବା ଏବଂ ତଦ୍ୱାରା ସେ ସବୁ କାର୍ଯ୍ୟ ନିର୍ବାହ କରିବାକାରଣ ଗୋଟିଏ କମିଟୀ ଗଠିତ ହେଲେ ଅନାୟାସରେ ତାହାଙ୍କ ପ୍ରସ୍ତାବମାନ ସଫଳ ହୋଇ ପାରିବ ବୋଲି ସାହେବ ଦୃଢ଼ରୂପେ ବିଶ୍ୱାସ କରନ୍ତି । ଏଥିକୁ ଅମ୍ଭେମାନେ ଆନନ୍ଦସହିତ ବାଲେଶ୍ୱର ସମ୍ବାଦବାହିକାରେ ପାଠ

Split by PDF Splitter

Digitized by srujanika@gmail.com

Split by PDF Splitter



ଜଣ୍ଟି କ ଏଥିମଧ୍ୟରେ ଉକ୍ତ ନଗର ନିବାସୀ ବାବୁ କାଳୀପଦ ମୁଖର୍ଯ୍ୟା ବାବୁ ପ୍ରାଣକୃଷ୍ଣ ବସୁ ବାବୁ ଗୋପାଳକୃଷ୍ଣ ଦାସ ବାବୁ ହରନାଥଚନ୍ଦ୍ର ଦାସ କୁମାର ସଚ୍ଚିନ୍ଦ୍ରନାଥ ଦେ ବାବୁ ମୁକୁନ୍ଦଚନ୍ଦ୍ର ବିଦ୍ୟାବାଗୀଶ ବାବୁ ଦଶରଥ ସରକାର ଓ ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ଏସମ୍ବନ୍ଧରେ ବହୁ କାର୍ଯ୍ୟ କରୁଅଛନ୍ତି ଏବଂ ଶୀଘ୍ର ଗୋଟିଏ ନବ୍ୟଶାଖା ଅନୁଷ୍ଠିତ ହେବାର ସ୍ଥିର ହୋଇଅଛି । ସ୍ୱୟଂ ଟ୍ରଷ୍ଟସାହେବ ମଧ୍ୟ ଆପଣା ସଙ୍କଳ୍ପକୁ ପୂର୍ଣ୍ଣ କରିବା କାରଣ ସ୍ୱତନ୍ତ୍ର ଚେଷ୍ଟିତ ହୋଇ କୁମାର ବୈକୁଣ୍ଠନାଥ ଦେଙ୍କଠାରୁ ଟ ୨୦୦ଙ୍କା ସ୍ୱୟଂ ନିମାଇଚରଣ ବୋଷଙ୍କଠାରୁ ଟ ୫୦ ଙ୍କା ଏବଂ ଅନ୍ୟ କେତେଲୋକଙ୍କଠାରୁ କେତେ ଟଙ୍କାଲେଖାଏଁ ଦେବା ସ୍ୱୀକାର କରାଇଅଛନ୍ତି ।

ଗୋଟିଏ ଛୁଆର ମାଜିଷ୍ଟ୍ରେଟ ଫୌଜଦାରି ହାକିମର୍ କାର୍ଯ୍ୟରେ ମନୋଯୋଗୀ ହେଲେ ଚିକିତ୍ସାକାର୍ଯ୍ୟ ଦେଖିବା ବଡ଼ କଠିନ ବ୍ୟାପାର ନୁହେଁ ଅତଏବ ଅମ୍ଭମାନଙ୍କର ଆଶା ହେଉଅଛି ଯେ ସାହେବ ପ୍ରଶଂସିତ ଏଥିରେ ଚିକିତ୍ସାଳୟଟା ଲଭିବେ ଓ ବଦାନ୍ୟ ବ୍ୟକ୍ତିମାନେ ଦେବା ପ୍ରଦାନଦ୍ୱାରା ଏଥିର ସାହାଯ୍ୟ କରିବାକୁ କୁଣ୍ଠିତ ହେବେ ନାହିଁ ।

ଟ୍ରଷ୍ଟସାହେବଙ୍କର ଉଦ୍ୟମ ଅତି ମହତ୍ ଏବଂ ସେ ଯେରୂପ ଅଗ୍ରହ ଓ ଅଧ୍ୟବସାୟ ସହିତ ଏଥିର ପରିଚାଳନା କର କାର୍ଯ୍ୟରେ ପ୍ରବୃତ୍ତ ହେବାକୁ ଯତ୍ନବାନ୍ ହୋଇଅଛନ୍ତି ତହିଁରେ ତାହାଙ୍କର ପ୍ରଶଂସା ନ କରି କ୍ଷାନ୍ତ ହୋଇ ନ ପାରୁଁ ତଥା ହାକିମଙ୍କ ସ୍କନ୍ଧରେ ସରକାର ଏତେ କାର୍ଯ୍ୟଭାର ଲଦି ଦେଇଅଛନ୍ତି ଯେ ତାହା ସମାପ୍ତ କରିବାକୁ ଦିନ ରାତ୍ର ଅଣ୍ଟେ ନାହିଁ ଅନ୍ୟ ଚିନ୍ତା କରିବାକୁ ଅବକାଶ କାହୁଁ ମିଳିବ ? ଏଥିମଧ୍ୟରେ ଯେଉଁ ହାକିମ ଲୋକଙ୍କର କେଉଁଠାରେ କ ଅଭାବ ଅଛି ଓ ତାହା କିରୂପେ ପୂର୍ଣ୍ଣ ହୋଇ ପାରେ ଏ ସବୁ ବିଷୟର ଚିନ୍ତା କରନ୍ତି ତାହାଙ୍କୁ ସାଧୁ ବୋଲିବାକୁ ହେବ ଓ ସେ ଯଥାର୍ଥରୂପେ ହାକିମର ଯୋଗ୍ୟ ଅଟନ୍ତି । ଚାନ୍ଦବାଲି ଅଥବା ଜଗନ୍ନାଥସଡ଼କ ବାଟେ ଅଧିକାଂଶ ଯାତ୍ରି ଯିବା ଆସିବା କରନ୍ତି ବୋଲି ଟ୍ରଷ୍ଟସାହେବ ହାକିମାନଙ୍କଠାରୁ ସାହାଯ୍ୟ ପାଇବା ଏକା ଆଶା କରନ୍ତି ମାତ୍ର ଅମ୍ଭମାନଙ୍କ ବିବେଚନାରେ ଏପ୍ରକାର ସୀମା ନିରୂପଣ କରିବାର ଆବଶ୍ୟକତା ନାହିଁ । ସେ ସେ ସମସ୍ତ ଅନୁଷ୍ଠାନର ବୃତ୍ତି ହୋଇଅଛନ୍ତି ତାହାଙ୍କ ସମସ୍ତ ଜାତୀୟ ଓ ସମ୍ପ୍ରଦାୟର ଉପକାର ଅଛି । ବିଶେଷତଃ ଚାନ୍ଦବାଲି ଓଡ଼ିଶାର ଗୋଟିଏ ପ୍ରଧାନ ବନ୍ଦର ସେଠାରେ ଅନେକ ଗୁଡ଼ିଏ ସରକାରି କାର୍ଯ୍ୟାଳୟ ଓ ମହାଜନୀକୋଠୀ ଅଛି । ବାଣିଜ୍ୟ ବ୍ୟବସାୟ ଉପଲକ୍ଷରେ ଅନେକ ଲୋକ ସେଠାରେ ଏକତ୍ରିତ ହେଉଅଛନ୍ତି ଏମାନଙ୍କ ଉପକାର ନିମିତ୍ତ ଚିକିତ୍ସାଳୟ ଗୋଟିଏ ସେଠାରେ ରହିବାର ଉଚିତ ଏବଂ ଯାତ୍ରି ତୋଳିବା କାର୍ଯ୍ୟରେ ଯେଉଁ ମହାଜନମାନେ ସେଠାରେ ଲାଭବାନ୍ ହେଉଅଛନ୍ତି ସେମାନେ ଯାତ୍ରିଙ୍କ ସ୍ୱାସ୍ଥ୍ୟ ରକ୍ଷା ନିମିତ୍ତ ଅଦାୟୀ ନୁହନ୍ତି ଏ କଥା କେହି ବୋଲିଯାଇ ନ ପାରେ । ଏଥିଦ୍ୱାରାରୁ ଦେଖା ଯାଉଅଛି ଯେ ଦେଶୀୟ ଯାତ୍ରିମାନେ ସମୁଦ୍ରପଥରେ ଯିବା ଆସିବା କରିବାକୁ ସ୍ୱଚ୍ଛ ପାନ୍ତି ନାହିଁ ଓ ସର୍ଜନ ଲରେନ୍ସର ଦୁର୍ଘଟନା ସମୁଦ୍ରବାଟକୁ ଅଧିକ ବିପ୍ଲବ କରିଅଛି । ଯାତ୍ରିମାନେ ଅନ୍ୟ ସୁଯୋଗ ପାଇଲେ ସମୁଦ୍ରବାଟକୁ ଆଶ୍ରୟ କରିବେ ନାହିଁ ଏ କଥା ଏକପ୍ରକାର ନିଶ୍ଚୟ ଏବଂ ଅନ୍ୟ ସୁଯୋଗ ମିଳିବାର ସମ୍ଭାବନା ନାହିଁ । ହୋମ୍ବିଓଲାଇ ଏହି ମାସରେ ଫିଟିବ ବୋଲି କେହି କେହି ଗବର୍ଣ୍ଣମେଣ୍ଟକର୍ମଗୃହ ଭରସା ଦେଉଅଛନ୍ତି । ଏତେ ଶୀଘ୍ର ନ ହେଲେ ସୁଦ୍ଧା ଅଧିକ ବିଳମ୍ବ ହେବ ନାହିଁ ଓ ତାହା ହେଲେ ଚାନ୍ଦବାଲିଠାରେ ଯାତ୍ରିଙ୍କ ସମାବେଶ ଚିକିତ୍ସାଳୟର ପ୍ରୟୋଜନତା ଅଦୃଶ୍ୟ ହେବ ତଥାପି ଅନ୍ୟ ଲୋକଙ୍କ ସମାବେଶ ସେଠାରେ ଚିକିତ୍ସାଳୟର ଆବଶ୍ୟକତା ରହିଥିବ । ଅତଏବ ଟ୍ରଷ୍ଟସାହେବ କେବଳ ଏକା ହାକିମଙ୍କ ଉପରେ ନିର୍ଭର ନ କରି ଚାନ୍ଦବାଲିଠାରେ କାରବାର କରୁଥିବା ସମସ୍ତ ଜାତୀୟ ମହାଜନ ଓ ଜମିଦାରମାନଙ୍କଠାରୁ ଦେବା ସଂଗ୍ରହ କରିବେ ଏବଂ ତହିଁ ସଙ୍ଗେ ଗବର୍ଣ୍ଣମେଣ୍ଟଙ୍କଠାରୁ ଏବଂ ପୋର୍ଟଫଣ୍ଡରୁ ଉପଯୁକ୍ତ ସାହାଯ୍ୟ ପାଇବାର ଚେଷ୍ଟା କରିବେ ତେବେ ଅବିଳମ୍ବେ ସେଠାରେ ଗୋଟିଏ ଚିକିତ୍ସାଳୟ ସ୍ଥାପିତ ହୋଇ ପାରିବ ଏବଂ ଉଦ୍ୟାନ ସେଠାର ଗୋଟିଏ ମହତ୍ ଅଭାବ ପୂର୍ଣ୍ଣ ହେବ ।

# ସାପ୍ତାହିକ ସଂବାଦ ।

ଗତ ସୋମବାର ଓ ମଙ୍ଗଳବାର ଦୁଇ ଦିନ ବର୍ଷାରେ ଦୁଇ ଅଙ୍ଗୁଳ ଜଳ ବୃଷ୍ଟି ଏ ନଗରରେ ହୋଇଅଛି । ଏହା ଅନନ୍ତରେ ଏତେ ଅଧିକ ବୃଷ୍ଟି ହେବା କହୁଛ ଦିନରୁ ଦେଖା ନ ଥିଲା ।

ଗତ ଶନିବାରଠାରୁ ୧୦ଟା କଲେକ୍ଟରୀ କଚେରୀ ଦୁଇପ୍ରହରରୁ ହେଲା ।

ଏ ଜିଲ୍ଲାରେ ଯେଉଁଠା ଯାତ୍ରିଙ୍କ ସଙ୍ଗେ ଓଲାଉଠା ରୋଗ ଆସି ଉପସ୍ଥିତ ହୋଇଅଛି । କେତେଗୁଡ଼ିଏ ଯାତ୍ରୀ ଓ ଜିଲ୍ଲାବାସୀ ମରୁଅଛନ୍ତି ।

ଶୁଣାଯାଏ ଯେ ଏହି ମାସ ତା ୧୫ ରିଖ ସୁଦ୍ଧା ଅମ୍ଭମାନଙ୍କ କମିଶନର ସାହେବ ବାଲେଶ୍ୱରରୁ ଫେରି ଆସିବେ ଓ ଆଗାମି ମାସ ମଧ୍ୟଭାଗରେ ତିନି ମାସର ଛୁଟି ନେବେ ।

ଗତ ମଙ୍ଗଳବାରଠାରୁ କଟକ ଓ ଚାନ୍ଦବାଲି ଜାହାଜମାନ ନିୟମିତରୂପେ ଯିବା ଆସିବା କରିବାର ଆରମ୍ଭ ହୋଇଅଛି । ମାତ୍ର କୁଲି ସାହେବଙ୍କ ଜାହାଜ ଉଠାଇ ନୋଟିସ ଦେବାରୁ ତାହାଙ୍କ ସେକାର ଦୁବାଦ ଅଧିକାର ସୁବିଧା ଏପର୍ଯ୍ୟନ୍ତ ହୋଇ ନାହିଁ । ଏଥିରେ ମହାଜନମାନଙ୍କର ବଡ଼ କଷ୍ଟ ହେଉଅଛି ।

ଷଣ୍ଠିରି ପୋଖରୀ ମୋକଦ୍ଦମାରେ କମିଶନର ସାହେବ ଗବର୍ଣ୍ଣମେଣ୍ଟକୁ ରିପୋର୍ଟ ପଠାଇଅଛନ୍ତି । ଶୁଣିବାରେ କେ କେହି ଶେଷ ମତ ଦେଇ ନାହାନ୍ତି ।

ସମ୍ବାଦଦାତା ଅବଗତ ହୋଇଅଛନ୍ତି ଯେ ଗତ ତୋଫାନରେ ବାଲେଶ୍ୱର ଓ ବାସୁଦେବପୁର ଥାନା ଏଲାକାର ସମୁଦ୍ର ଉପକୂଳରେ ଝଡ଼ ଅନେକ ଲୋକ ମନୁଷ୍ୟ ନଷ୍ଟ ହୋଇ ଅଛନ୍ତି ଓ ସେ ସବୁର ମୃତ ଦେହ ଅଦ୍ୟ ସମୁଦ୍ରକୂଳରେ ପଡ଼ି ରହୁଅଛି । ଏଥିରେ ଅନେକ ସ୍ଥାନର ସ୍ଥାନ ଦୂଷିଅଛି ।

## କଲିକତାଗେଜେଟ ।

ଓଡ଼ିଶା ବଡ଼ଲକ୍ଷ୍ମୀର କେପ୍ଟେନ୍ କଜନଲେଃର ଜେଫ୍ରି ସାହେବ ଛୁଟିପ୍ରାପ୍ତ ହେବାରୁ ତାହାଙ୍କ କାର୍ଯ୍ୟରେ ମି ଚ ଏ ଗ୍ରିଫିଥ୍ ଡେପୁଟି ନିଯୁକ୍ତ ହେଲେ ।

ସନ ୧୮୮୬ ମସିହା ଇମ୍ତେହାନରେ ... ଦେବେନ୍ଦ୍ରନାଥ ମଲ୍ଲିକ ସିଲଭର ମେଡ଼ାଲ ବୃତ୍ତି ପ୍ରାପ୍ତ ହୋଇଅଛନ୍ତି ।

---

କଟକଠାରେ ବର୍ତ୍ତମାନ ଚାଉଳ ମୋହର ୧୨୦ ଓ ମିଠ ୧୧୦ ଦର ହୋଇଅଛି ।

ଭଣ୍ଡାର ଜଗତରୁ ଅବିଦିତ ଗତ ମାସ ତା ୨୮ ରିଖର ତାର ସମ୍ବାଦରୁ ପ୍ରକାଶ ଯେ ତହିଁ ପୂର୍ବ ସପ୍ତାହରେ ବମ୍ବେ ପ୍ରଦେଶରେ ଅସନ୍ତୋଷ ସମ୍ଭାବ୍ୟ ଶୀତଦାୟ ପବନ ପ୍ରବଳ ହୋଇଥିଲା । ଅପ୍ରତ୍ୟକ୍ଷ ମେଘ ଏବଂ ମାନସୋନ ସ୍ୱଦେଶ ସଞ୍ଚାରାଦ୍ୟ ଏ ସମ୍ବନ୍ଧ ସମ୍ଭବତଃ କାହିଁଣି ପାଇବେ । ବର୍ତ୍ତମାନ ସମୟରେ ଏ ଅଞ୍ଚଳ ଜର୍ଜରିତ ହୋଇଥିଲେ ଜାତ ହେବ ଏବଂ ଜାତ ହେଲେ ଅନେକର ମର୍ତ୍ତ୍ୟ ଭଣାପଡ଼ିବ ।

ପାଣ୍ଡୁଲିପିର ଲେଖିଅଛନ୍ତି ଯେ କାବୁଲର ସୀମା ବନ୍ଦ କରିବେ ରୁଷିଆ ସଙ୍ଗେ ଭଙ୍ଗ ହୋଇଅଛି । କେତେ ଦୁଇ ଯାମିନୀ ପ୍ରଭୃତି ରୁଷୀୟ ଅପଣାର ଦାବି ଛାଡ଼ି ଦେଇ ମୂଲ୍ୟରେ ବେ ବ୍ରିଟିଶ ସରକାରକୁ ତାଲି ଜମି ଦେଇ ସନ୍ତୁଷ୍ଟ ହୋଇଅଛନ୍ତି ।—ଏହି ସଙ୍ଗେ ରୁଷିଆର ଉଚ୍ଚାଭିଳାଷ ବର୍ତ୍ତମାନ ଶାନ୍ତି ଲଭା କରାଇ କେବଳ ମନକୁ ଅଗ୍ର ନାହିଁ ।

ଜୁବିଲି ଉପଲକ୍ଷରେ ଚରଣରେ ମହାରାଣୀ ଦୁଇଥର ଏବଂ ବାଇଶର, ହାଇଦରାବାଦ, ଉତ୍ତରସ୍ୱର ଏବଂ ବମ୍ବେ ଅଞ୍ଚଳ ପ୍ରଭୃତିମାନେ ମଧ୍ୟ ଉପସ୍ଥିତ ହେବାକୁ ଖବର ମିଳଇ ।

ଅଷ୍ଟ୍ରେଲିଆରେ କଇଁକଲ ମିଲର ନାମକ ଏକ ଲୋକ ପ୍ରଭୃତିର ହେବା ଦ୍ୱାରା ସ୍ଥାପିତ ମିଳଇ । ଏ ଲୋକ ଉଚ୍ଚରେ ୫ ଫୁଟ ୮ ଇଞ୍ଚ ।

Digitized by srujanika@gmail.com

Split by PDF Splitter



ବୋମ୍ବାଇ ଅଞ୍ଚଳ ଶୋଲାପୁର ଏବଂ ଅନ୍ୟାନ୍ୟ ଦେଶରେ ଓଳଉଠା ଲାଗିଥିବାର ବାର୍ତ୍ତା ମିଳଇ ।

ଭୂତପୂ. ଇଡରର ମହାରାଜା ଏବଂ ଯୋଧପୁରର ମହାରାଜାଙ୍କ ଖୁଡ଼ୁ ପ୍ରତାପ ସିଂହ ବାହାଦୂରଙ୍କୁ ଯୁବରାଜ ପ୍ରିନ୍ସ ଅଫ ୱେଲସ ଅପଣାର ଅବୈତନିକ ଏଡ଼ିଂକେ ସ୍ୱରୂପ ନିଯୁକ୍ତ କରିଅଛନ୍ତି । ପ୍ରତାପ ସିଂହ ବାହାଦୂର ଜୁବିଲି ଉପଲକ୍ଷରେ ଲେଫ୍ଟେନେଣ୍ଟ କର୍ଣ୍ଣେଲ ଉପାଧି ପାଇଥିବାର ସମ୍ବାଦ ମିଳଇ । ଭୂତପୂର୍ବ ମହାରାଣୀଙ୍କଠାରୁ ଅର୍ଡ଼ର ଅଫ ଦ ଷ୍ଟାର ଅଫ ଇଣ୍ଡିଆ ଉପାଧି ପାଇଅଛନ୍ତି ।

ହ୍ୱାଇଟ୍‌ଷ୍ଟାର ନାମକ ଅଭ ଏକ ଧୂଆଁକଳ ଜାହାଜ ସୁଏଜ ଉପସାଗରରେ ମାଡ଼ିଖାଇ ଥିବାର ସମ୍ବାଦ ମିଳଇ । ଏ ବର୍ଷ ଜାହାଜର ବିପଦ ଏତେ କାହିଁକି ?

କଥିତ ହୁଏ ଇଂଲଣ୍ଡ ଓ ତୁରସ୍କ ମଧ୍ୟରେ ଯେଉଁ ସନ୍ଧି ହୋଇଅଛି ତାହାକୁ ଧାର୍ଯ୍ୟ କଲେ ତୁରସ୍କ ସଙ୍ଗେ ଯୁଦ୍ଧ କରିବା କାରଣ ଫ୍ରାନ୍ସ ଓ ରୁଷିଆ ଧମକାଉଅଛନ୍ତି ।

ପେଶାବରଠାରୁ ଆସିଥିବା ଗତ ମାସ ତା ୨୯ ରିଖର ତାର ସମ୍ବାଦରୁ ପ୍ରକାଶ ଯେ ସିଲଜାଇମାନଙ୍କର ବିଦ୍ରୋହ ନୂତନଭାବରେ ଚଳୁଅଛି । ସିଲଜାଇମାନଙ୍କର ଗ୍ରାମମାନ ନଷ୍ଟ କରିଦେବା କାରଣ ଅମୀର ଆଦେଶ କରିଥିବାରୁ ତତ୍ପ୍ରଦେଶ କର୍ମଚାରୀମାନେ ନଷ୍ଟ କରିବାରେ ପ୍ରବୃତ୍ତ ହୋଇଅଛନ୍ତି । ଏଥିରେ ସିଲଜାଇମାନେ ଉଠି ଯିବାରୁ ବିଦ୍ରୋହ ଉତ୍କଟ ଆକାର ଧାରଣ କରିଥିବାର କଥିତ ହୁଏ ।

ରେଙ୍ଗୁନଠାରୁ ଆସିଥିବା ଗତ ଜୁନ ମାସ ତା ୨୯ ରିଖର ଏକ ତାରସମ୍ବାଦରୁ ପ୍ରକାଶ ଯେ ଟେନାସେରିମ ନାମକ ଏକ ଧୂଆଁକଳ ଜାହାଜର ବାରୁଦରେ ଅଗ୍ନି ଲାଗି ଜଳ ଉଠିବାରୁ ତହିଁରେ ଯୋଡ଼ିଏ ସାହେବ କର୍ମଚାରୀ ନଷ୍ଟ ଏବଂ ଅନ୍ୟ ଦୁଇଜଣ ଗୁରୁତରଭାବରେ ଦଗ୍ଧ ହୋଇଅଛନ୍ତି ।

ବିଗତ ଜୁବିଲି ଉପଲକ୍ଷରେ ଦିଲ୍ଲୀରେ ନ ୩୦୦୦୦ ଣ ଦୁଃସ୍ଥ ବାଳକଙ୍କୁ ଭୋଜ ଦିଆଯାଇଥିଲା ।

ସିଂହଳଦ୍ୱୀପର ମନ୍ତ୍ରୀମଣ୍ଡଳର ଚଳିତବର୍ଷ ୫୩୫୯୧୨୭ଟଙ୍କା ଅନଟନ ହୋଇଥିବାର କଥିତ ହୁଏ ।

ବାବୁ ଗଣେଶଚନ୍ଦ୍ର ଭଦ୍ର କଲିକତା ଦାତବ୍ୟସଭାକୁ ୫୧୦୦୦ଟଙ୍କା ଦାନ କରିଅଛନ୍ତି । ଏ ମହାଶୟ ଅପଣା ପୁତ୍ରର ବିବାହ ଉପଲକ୍ଷରେ ଏ ଦାନ ଦେଇଥିବାରୁ ତହିଁରୁ ବାବୁ ମହାଶୟଙ୍କର ମାର୍ଜିତ ରୁଚି ଓ ଦାନଶୀଳତାର ପରିଚୟ ମିଳୁଅଛି ।

ରୁହିଷ୍ଟାନ ଅନ୍ତର୍ଗତ ବର୍ଣ୍ଣୁଠାରେ ଗତ ମାସ ତା ୧୮ ରିଖରେ ଭୟାନକ ଭୂମିକମ୍ପ ହୋଇ ଯାଇଥିବାର ସମ୍ବାଦ ମିଳଇ । ଏଠାରେ ଅନେକ ସରକାରୀ କୋଠା ଓ ବାରେକମାନଙ୍କ ପଡ଼ି ନଷ୍ଟ ହୋଇ ଯିବା ସଙ୍ଗେ ନ ୧୨୦ ଜଣଙ୍କ ପ୍ରାଣନାଶ ପଡ଼ିଅଛି ଏବଂ ଅନେକ ଲୋକେ ସାଂଘାତିକ କ୍ଷତଗ୍ରସ୍ତ ହୋଇଥିବାର କଥିତ ହୁଏ ।

## ଜଗତସିଂହପୁର ସମ୍ବାଦ ।

ଜଗତସିଂହପୁରର ସ୍ଥାନୀୟ ଚୌକିଦାରମାନଙ୍କ ଅତ୍ୟାଚାର ସମ୍ବନ୍ଧରେ କେତେକଜଣ ସ୍ଥାନୀୟ ଲୋକ ଅବେଦନ କରିଥିବାରୁ ଶ୍ରୀଯୁକ୍ତ କଲେକ୍ଟର ସାହେବ ସେମାନଙ୍କୁ ପ୍ରମାଣ ତଲବ କରିଥିବାର ପାଠକମାନଙ୍କୁ ଜଣାଇ ଥିଲୁଁ । ବର୍ତ୍ତମାନ ଅବଗତ ହେଲୁଁ ଯେ ସାହେବ ମହୋଦୟ ଆବେଦନକାରୀମାନଙ୍କ ଆପତ୍ତି ଗ୍ରହଣ କରି ସେ ସ୍ଥାନର ସବ୍‌ଇନସ୍ପେକ୍ଟରଙ୍କୁ ମୋକଦ୍ଦମା ତଦନ୍ତ କରିବାର ଭାର ଦେଇଅଛନ୍ତି । ତଦନ୍ତର ଫଳ ପରେ ଜଣାଇବୁଁ ।

ଜଗତସିଂହପୁରରେ ସଡ଼କର ଉଭୟ ପାର୍ଶ୍ୱରେ କେତେକ ଗୋଷ୍ଠ କଂସାଇ ଘର ଅଛି । ସେମାନେ ପ୍ରତ୍ୟହ ପ୍ରକାଶ୍ୟ ସ୍ଥାନରେ ଗୋ ବଧ କରି ନିକଟବର୍ତ୍ତୀ ସ୍ଥାନମାନଙ୍କରେ ଅସ୍ଥି ପ୍ରଭୃତି ପକାଉଥିବାରୁ ଦୁର୍ଗନ୍ଧରେ ଲୋକେ ବାଟ ଚାଲି ପାରୁ ନ ଥିଲେ ସେ ବିଭୂଷ କୁକୁରମାନେ ଉତ୍ପାତ ଉପଦ୍ରବ କରୁଥିଲେ । କଲେକ୍ଟର ସାହେବ ଥରେ ଜରିମାନା କରିବା ସେଠାରୁ ଏ କଷ୍ଟ ନିବାରିତ ହୋଇଥିଲା କିନ୍ତୁ ଅଜ କାଲି କଂସାଇମାନେ ପୁନର୍ବାର ପୂର୍ବ ପରି କାର୍ଯ୍ୟ କରିବାକୁ ଆରମ୍ଭ କରିଅଛନ୍ତି । ଭରସା କରୁଁ କର୍ତ୍ତୃପକ୍ଷୀୟମାନେ ଏ ବିଷୟରେ ଦୃଷ୍ଟିପାତ କରିବେ ।

## ଯାଜପୁର ସମ୍ବାଦ ।

ବର୍ତ୍ତମାନ ଏ ନଗରରେ ଏକପ୍ରକାର ଠେଙ୍ଗା ନାମକ ଜ୍ୱରର ପ୍ରାଦୁର୍ଭାବ ବିଶେଷ ହୋଇଅଛି ଦୁଇଦିନ ପର୍ଯ୍ୟନ୍ତ ଲୋକମାନେ ଉକ୍ତ ଜ୍ୱରବେଗରେ ବିଶେଷ କଷ୍ଟ ସହ୍ୟ କରି ତହିଁ ଉତ୍ତାରୁ ସହଜରେ ଆରୋଗ୍ୟ ଲାଭ କରୁଅଛନ୍ତି ଓ କେତେକ ଲୋକ ମଧ୍ୟ ଏକପ୍ରକାର ଜ୍ୱରବେଗରେ ମା ୮।୧୦ ଦିନ ପର୍ଯ୍ୟନ୍ତ କ୍ଲେଶ ଭୋଗ କରୁଥିବାର ଦେଖା ଯାଉଅଛନ୍ତି । ସେମାନଙ୍କ ପ୍ରତି କୌଣସି ଚିକିତ୍ସା ପ୍ରତୀକାର ଓ ଔଷଧ ଫଳଦାୟକ ହେଉ ନ ଥିବାର ସେମାନେ କହନ୍ତି ଏ ସବ୍‌ଡିଭିଜନ ଅନ୍ତର୍ଗତ ଧର୍ମଶାଳା ପ୍ରଭୃତି କେତେକ ପ୍ରଗଣାରେ ଗୋରୁମାନଙ୍କୁ ଏକପ୍ରକାର ସାଂଘାତିକ ରୋଗ ଆକ୍ରମଣ କରିଥିବାର ଶୁଣାଯାଏ, ରୋଗାକ୍ରାନ୍ତ ଗୋରୁର ବହୁକାଳପର୍ଯ୍ୟନ୍ତ ମୁଖରୁ ନାଳ ନିର୍ଗତ ହେବାରୁ ନିଶ୍ଚୟ ତାହାର ମୃତ୍ୟୁ ହୁଏ, କୌଣସି ଉପାୟଦ୍ୱାରା ରକ୍ଷା ପାଉଥିବାର ଶୁଣା ନାହିଁ ।

ଏ ନଗରରେ ଅବଧି ଏପର୍ଯ୍ୟନ୍ତ ଘରପୋଡ଼ି ଛାଡ଼ ହେବାକୁ ନାହିଁ, ଗତମାସ ତା ୧୭ ରିଖ ଗୁରୁବାର ଦିବସ ମଧ୍ୟାହ୍ନକାଳରେ ପୁଲିସ ଷ୍ଟେସନ ନିକଟ କନେଷ୍ଟବଲମାନଙ୍କ ଲାଇନ ଗୃହରେ ହଠାତ୍ ଅଗ୍ନି ଲାଗି କନେଷ୍ଟବଲଙ୍କ ବସାଗୃହମାନ ଦବାକ ପୋଡ଼ି ଯାଇଅଛି ସୁଖର ବିଷୟ ଯେ ଷ୍ଟେସନଗୃହ ଓ ଅନ୍ୟାନ୍ୟ ସରକାରୀ ଗୃହମାନ ରକ୍ଷା ପାଇଅଛି ।

ଏଠାସ୍କୁଲର ଅବସ୍ଥା ନିତାନ୍ତ ମନ୍ଦ ଥିବା ଜାଣିପାରି ଆମ୍ଭମାନଙ୍କ ସବ୍‌ଡିଭିଜନଲ ଅଫିସର ଶ୍ରୀଯୁକ୍ତ ବାବୁ ଗୋସାଇଁଦାସ ଦତ୍ତ ତହିଁର କାରଣାନୁସନ୍ଧାନ ପୂର୍ବକ ସ୍କୁଲର ଅବସ୍ଥା ଉନ୍ନତ କରିବା ପକ୍ଷରେ ବିଶେଷ ଚେଷ୍ଟା ଓ ଯତ୍ନ କରୁଅଛନ୍ତି ଶୁଣାଯାଏ ସ୍କୁଲର ହେଡ଼ମାଷ୍ଟର ଶ୍ରୀବାବୁ ହରିଦାସ ଦେ କର୍ମ ତ୍ୟାଗ କରିବାର ଇଚ୍ଛା ପ୍ରକାଶ କରିଅଛନ୍ତି ଏହି ସମୟରେ ବିବେଚନାପୂର୍ବକ ଏକ ଉପଯୁକ୍ତ ବ୍ୟକ୍ତିକୁ ଉକ୍ତ ପଦରେ ନିଯୁକ୍ତ କଲାଗଲେ ସ୍କୁଲର ଅବସ୍ଥା ଅବଶ୍ୟ ଭଲ ହେବ । ୨୭।୭।୯୭

## ଢେଙ୍କାନାଳ ସମ୍ବାଦ ।

ଏଠାର ପରୀକ୍ଷୋତ୍ତୀର୍ଣ୍ଣ ଗରିବ ସ୍ୱଦେଶୀୟ ପିଲାମାନେ କଟକରେ ପଢ଼ିପାରିବେ ଏହି ସୁବିଧା ନିମିତ୍ତ ପ୍ରତ୍ୟେକ ସ୍କୁଲ ସକାଶେ ଗୋଟିଏ ଦଶଟିକିଆ ବୃତ୍ତି ମଞ୍ଜୁର କରାଯାଇ ଏ ଜିଲ୍ଲାର ଶିକ୍ଷାକମିଟୀର ଅଧୀନରେ ରହୁଅଛି । କମିଟୀ ଏହାର ଦସ୍ତୁରମତେ ବୃତ୍ତି ବଣ୍ଟନ କରନ୍ତି । ଏବର୍ଷ ଏ ନିୟମର ବ୍ୟତିକ୍ରମ ଦେଖି ବଡ଼ ଦୁଃଖିତ ହେଲୁଁ ଅଦ୍ୟ ଶିକ୍ଷାକମିଟୀରୁ ଶୁଣିଲୁଁ ଯେ ଡାକ୍ତର ଷ୍ଟିୱାର୍ଟ ସାହେବ ମେଡ଼ିକଲ ବୃତ୍ତିଟିକୁ ଅନ୍ୟ କାହାକୁ ଦେଇଅଛନ୍ତି ଏହେତୁରୁ ଏଠାର ବାସିନ୍ଦା ଗୋଟିଏ ବାଳକ ଯେ କି ଉକ୍ତ ସ୍କୁଲରେ ପଢ଼ିବାକୁ ବିଶେଷ ଇଚ୍ଛୁକ ଥିଲା ଏବେ ସେ ବିଷୟ ବାଧିତହୋଇ ତହିଁରୁ ବଞ୍ଚିତ ହେଲା । ଆଶା କରୁଁ କମିଟୀ ଏଥିର ତତ୍ତ୍ୱ ନେଇ ଉଚିତ ବିଚାର କରିବେ ।

ଏଠାର ପେନସନ୍‌ପ୍ରାର୍ଥୀ ପୁରୁଣା ଚାକରମାନଙ୍କ ପେନସନ୍ ବିଷୟରେ ପୂର୍ବେ ଉଲ୍ଲେଖ କରାଯାଇ ଥିଲା କିନ୍ତୁ ଏପର୍ଯ୍ୟନ୍ତ ତହିଁର କୌଣସି ବନ୍ଦୋବସ୍ତ ନ ହେବାରୁ ଦୁଇଜଣ ପେନସନ୍ ପାଇବା ଯୋଗ୍ୟ ବୃଦ୍ଧ ଲୋକ ଅନେକ ଦିନହେବ କର୍ମ ଛାଡ଼ି ବଡ଼ କଷ୍ଟରେ ଅଛନ୍ତି । ମାନେଜର ମହାଶୟଙ୍କୁ ଏ ବିଷୟରେ ଶୀଘ୍ର ମନୋଯୋଗୀ ହେବା କାରଣ ପ୍ରାର୍ଥନା କରୁଅଛୁଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ

---

ଶ୍ରୀଳ ଶ୍ରୀଯୁକ୍ତ ଶ୍ରୀମନ୍ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ନିମ୍ନ ପ୍ରକଟିତ କେତେକ ପଂକ୍ତିକୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବା ହେବ ।

କି ଦୁଃଖର ବିଷୟ ଏଠାରେ ସମ୍ବଲପୁରଜିଲ୍ଲାରେ ବିଶୁଚିକା ରୋଗ ପ୍ରବେଶ ହୋଇ ପ୍ରାୟ ଦେ ୫୦ ଟି ଗ୍ରାମରୁ ଅଧିକ ଏକ ସହସ୍ର ଲୋକଙ୍କୁ ଗର୍ଭସ୍ଥ କରି କ୍ଷୁଧାର୍ତ୍ତ ଅଛି; କି କହିବି ତାହା ଜଣା, ଏ ହୁଉରଗଡ଼ର ଲେଡ଼ା ନାମକ ଗ୍ରାମଖଣ୍ଡିକରେ ଅନ୍ୟୂନ ତିନିଶତ ଜଣ ଏ ରୋଗରେ ଜର୍ଜରିତ ହୋଇ ଯମାଳୟବାସୀ ହୋଇଅଛନ୍ତି ଏହି ଦୁର୍ନିବାର୍ଯ୍ୟ ବ୍ୟାଧି ଯେଉଁ ମନୁଷ୍ୟମାନଙ୍କୁ ଆକ୍ରମଣ କରିଅଛି, ସେମାନେ ତିନି ଘଣ୍ଟାରୁ ଅଧିକ ସମୟ ବଞ୍ଚି ପାରି ନାହାନ୍ତି । ଏହି ଚମତ୍କାର ଘଟଣା ଏ ଜିଲ୍ଲାରେ କଦାପି ଦେଖା ନ ଥିଲା ଏହେତୁ ସର୍ବତ୍ର ପ୍ରଚାରାର୍ଥେ ପ୍ରେରଣ କଲୁଁ । ଇତି ।

୨୦।୭।୯୭ } ଶ୍ରୀ ଦାମୋଦର ଓଝା
ସମ୍ବଲପୁର } ହେଡ଼ ମାଷ୍ଟର ଲୁଜବଗ

---

ମହାଶୟ !

ନିମ୍ନ ଲିଖିତ ପଂକ୍ତିଗୁଡ଼ିକୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନ ଦାନପୂର୍ବକ ଚିରବାଧିତ କରିବା ହେବେ ।

ଅସ୍ମଦ୍ ଜୟନଗର ନିବାସୀ ଶ୍ରୀଯୁକ୍ତ ଭଗବାନ୍ ବୈଦ୍ୟରାଜଙ୍କ ଅଳ୍ପବୟସ୍କ ଜ୍ୟେଷ୍ଠପୁତ୍ର ଶ୍ରୀମାନ୍ ଦାଶରଥି ବୈଦ୍ୟ ଚିକିତ୍ସକ କାର୍ଯ୍ୟରେ ବଡ଼ ପ୍ରଶଂସନୀୟ ହୋଇଅଛନ୍ତି । କାରଣ ଏଠାରେ ମେଲେରିଆ ଅର୍ଥାତ୍ ପାଳିଜ୍ୱରର ଏମନ୍ତ ଆବିର୍ଭାବ ହୋଇଥିଲା ଯେ; ତଦ୍ଦ୍ୱାରା ପ୍ରାଣୀମାନେ ଆକ୍ରାନ୍ତ ହୋଇ ଦୁଇ ତିନି ଦିନଦିନ ମଧ୍ୟରେ ଯମଭୁବନର ପଥ ଅନ୍ୱେଷଣ କରୁଥିଲେ; ମାତ୍ର ଉକ୍ତ ମହାଶୟ ତଦୁପରି ଦୃଷ୍ଟି ନିକ୍ଷେପ କରିବାରୁ ତାହା ଅନେକ ପରିମାଣରେ ସାମ୍ୟ ହୋଇଅଛି, ସମ୍ପ୍ରତି ଉକ୍ତ ରୋଗର ନାମ ଅନ୍ୱେଷଣ କଲେ ସୁଦ୍ଧା ଦୃଷ୍ଟି-

Digitized by srujanika@gmail.com

ସୋଗଠର ହେଉ ନାହିଁ । ଅମ୍ଭେ ମଧ୍ୟ ଉକ୍ତ ରୋଗରେ ଯନ୍ତ୍ରଣା ନାସ୍ତି ଅନାନ୍ତ ଥିଲୁଁ, ଉଥାତ ସେହି ମହାଶୟ ଆମ୍ଭଙ୍କୁ ଏମନ୍ତ ବାଗ୍‌ଦାନ କଲେ ଯେ, "ଅମ୍ଭେ ତୁମ୍ଭଙ୍କୁ ଉଂରେ ବରୁଦ୍ଧ ପଥ୍ୟ ଅର୍ଥାତ୍ ବଖ୍ୟାଥ ଅମ୍ଳି ଭୋଜ୍ୟ ଦେଇ ରୋଗ ନବାରଣ କରାଇବୁଁ" ଉକ୍ତ ମହାଶୟ ବାଗ୍‌ଦତ୍ତାନୁଯାୟୀ ଜୟୁଲବ ପୂର୍ବକ ଅମ୍ଭ ମାନଙ୍କର ତୃପ୍ତି ବର୍ଦ୍ଧନ କରଅଛନ୍ତି; ଅତଏବ ପରମେଶ୍ୱରଙ୍କୁ ପ୍ରାର୍ଥନା ଏହି ଯେ, ଉକ୍ତ ପରୋପକାରବ୍ୟକ୍ତିଙ୍କୁ ଉତ୍ତରୋତ୍ତର ସର୍ବଦ୍ଧନ ପୂର୍ବକ ଦୀର୍ଘଜୀବନ ପ୍ରଦାନ କରନ୍ତୁ ।

ଏଠାରେ ବୃଷ୍ଟି ନାମକ ଗ୍ରାମରେ ବନ୍ୟ ବଶେଷ ବୃଷ୍ଟି ଯୋଗୁଁ ଏବ ଦେବାଳୟ ଅକସ୍ମାତ୍ ଭଗ୍ନ ହୋଇ ଖସି ପଡ଼ିଅଛି, ତଦୋ-ପରସ୍ଥ ପ୍ରାଣିମାନେ ବଶେଷ ଅଘାତ ପ୍ରାପ୍ତ ହୋଇଅଛନ୍ତି, ତନ୍ମଧ୍ୟରୁ କେତେକ ଜଣ ଏମନ୍ତ ପୀଡ଼ିତ ଅଛନ୍ତି ଯେ, ପୁନଶ୍ଚ ଲୋକ-ସମାଜରେ ଦେଖା ନ ଯିବେ । ଇତି ।

ଜୟପୁରନଗର } ବଶମ୍ବଦ
୨୩।୬।୮୭ } Sri Sri Sri Vishnava Deo.

———

ମହାଶୟ !

ଓଡ଼ିଆ ଲେଖାପଢ଼ା ।

ଓଡ଼ିଆ ଭଷା ଶୁଦ୍ଧରୂପେ ଲେଖାପଢ଼ି ନ ହେଉଥିବା ସମ୍ବନ୍ଧରେ ଗତ ସପ୍ତାହର ପତ୍ରିକା-ରେ ଖଣ୍ଡିଏ ପ୍ରେରିତପତ୍ର ଏବ ସମ୍ପାଦକୀୟ ସ୍ତମ୍ଭରେ ତହିଁର ଅଲୋଚନା ପାଠ କରି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେଲୁଁ । ବାସ୍ତବିକ ଦନ୍‌ଦନ ଓଡ଼ିଆଭାଷାର ବଡ଼ ଅବନତି ହେଉଅଛି । ଯେତେ ଦିନ ପର୍ଯ୍ୟନ୍ତ ସମସ୍ତ ସର୍କାରୀ କାର୍ଯ୍ୟ ଶିକ୍ଷିତ ଲୋକମାନଙ୍କର ହସ୍ତ-ଗତ ନ ହେବ, ଅନୁପଯୁକ୍ତ ଏବ ଫାଙ୍କି ଦେଇ କାମ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଊଣା ନ ହେବ ଏବ କାର୍ଯ୍ୟାଳୟମାନଙ୍କର ତତ୍ତ୍ୱାବଧାରକମାନେ ବିଶେଷ ଦୃଷ୍ଟି ନ ରଖିବେ ସେତେଦିନ ପର୍ଯ୍ୟନ୍ତ ଏ କଳଙ୍କ ଦୂରୀଭୂତ ହେବା ସହଜ ନୁହେ ।

କେତେ ଶିକ୍ଷିତ ଲୋକମଧ୍ୟ ଅମଲା ବର୍ଗରେ ଏହି ଅଶୁଦ୍ଧ ଲେଖିବାକୁ ଦୋଷଜନକ ଜ୍ଞାନ କରନ୍ତି ନାହିଁ ଏଥିର କାରଣ ଏହି ଯେ, ସେମାନେ ଶୀଘ୍ର ଅନ୍ୟାନ୍ୟ ରୋଗଗ୍ରସ୍ତ ହୋଇ ପଡ଼ନ୍ତି ଏବ ଜ୍ଞାନଶୂନ୍ୟ ବର୍ମଚାରୀ ବା ହାକମମାନଙ୍କର ସେ ବିଷୟରେ ଦୃଷ୍ଟି ନ ଥାଏ । କେବଳ ଓକିଲ ଏବ ମୁକ୍ତାରମାନଙ୍କଦ୍ୱାରା ଭାଷାର ସମସ୍ତ ଦୋଷ ଅପସାରିତ ହେବା ସମ୍ଭବ ନୁହେ କାରଣ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟାଳୟମାନଙ୍କ-ପ୍ରତି ଦୃଷ୍ଟିପାତ କଲେ ତାହା ଅବଶ୍ୟ "ସମୁଦ୍ରରୁ ଘଟେ ପାଣି" ପରି ବୋଧ ହେବ । ବିଶେଷତଃ କୌଣସି ଗବର୍ଣ୍ଣମେଣ୍ଟ କାର୍ଯ୍ୟାଳୟରେ ଭାଷା ଶୁଦ୍ଧରୂପେ ଲେଖାପଢ଼ି ହୁଏ ନାହିଁ ।

ପୋଲିସ ବିଭାଗରେ ଅଧିକାଂଶ ଅଶିକ୍ଷିତ ଲୋକ ନିଯୁକ୍ତ ହୁଅନ୍ତି । ଶିକ୍ଷିତ ଲୋକଙ୍କ ସଂଖ୍ୟା ଏ ବିଭାଗରେ ଅତ୍ୟନ୍ତ ଅଳ୍ପ; ପୁଣି "ଅଧଃ-ପାଠୁଆ" ଗୁଡ଼ିକର କନେଷ୍ଟବଳମାନଙ୍କ ଉ-ପରେ ଲେଖାପଢ଼ିର ସମସ୍ତ ଭାର ଥାଏ । ଏ ବିଭାଗରେ "ମହଜାଇ" ଓ "ବଜାନ" ପ୍ରଭୃତି କେତେକ ଶବ୍ଦ ବ୍ୟବହୃତ ହୁଏ । ପୁଣି ଆଉ କେତେକ ଶବ୍ଦ ବ୍ୟବହୃତ ହୁଏ ଯେ, ତାହା ବୁଝିବା ଦୁରୂହ । ଲେଖାପଢ଼ିର ନିୟମ ଏ ବିଭାଗରେ ଏପରି କଦର୍ଯ୍ୟ ଯେ ଜଣେ ଶିକ୍ଷିତ ଲୋକ ପୋଲିସରେ କୌଣସି ସମ୍ବାଦ ଦେବାକୁ ଗଲେ କଷ୍ଟର ସୀମା ନ ଥାଏ ।

ଦରଖାସ୍ତଲେଖକ ଏବ ଦସ୍ତାବଜଲେ-ଖକମାନେ ଆଦୌ କୌଣସି ବିଷୟରେ ଦୃଷ୍ଟି ରଖନ୍ତି ନାହିଁ । ଏହି ସବୁ କାର୍ଯ୍ୟରେ ମଧ୍ୟ "ଅଧା ପଢ଼ୁଆ" ଙ୍କ ସଂଖ୍ୟା ଅଧିକ । ବୋ-ଧବା ବାହୁଲ୍ୟ ଯେ ଲେଖିବା ବ୍ୟକ୍ତିଙ୍କ ଦୋଷରେ କେତେ ଲୋକ ମାମଲା ମୋକଦ୍ଦମା-ରେ ଶେଷରୁ ବଡ଼ ଦୁଃଖାନୁଭବ କରନ୍ତି ।

ଗବର୍ଣ୍ଣମେଣ୍ଟଙ୍କର ଅନ୍ୟ କାର୍ଯ୍ୟାଳୟମାନଙ୍କରେ ଶୁଦ୍ଧରୂପେ ଲେଖାପଢ଼ି ହେଉ ବା ନ ହେଉ ଶିକ୍ଷା ବିଭାଗ ଆପଣାର କର୍ତ୍ତବ୍ୟ ପ୍ରତିପାଳନ କରିବା ଉଚିତ ଥିଲା ଏ ବିଭାଗର କେତେ କର୍ମଚାରୀ ଯେଉଁମାନେ "ପଣ୍ଡିତ" ବୋଲି ସମ୍ବୋଧିତ ହୁଅନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ଶୁଦ୍ଧରୂପେ ଲେଖି ଜାଣନ୍ତି ନାହିଁ । ଏହି ପଦ ପଣ୍ଡିତଙ୍କର ଖଣ୍ଡେ ପତ୍ରରେ ୫୦।୬୦ ଟା ଅଶୁଦ୍ଧରୁ ନ୍ୟୂନ ନ ଥାଏ । ଆଉ ମଧ୍ୟ କେତେ ପଣ୍ଡିତଙ୍କ ଅପଟୁତା ହେତୁରୁ ମୋଫସଲର କୌଣସି ବିଦ୍ୟାଳୟର ଅଦୌ ଶୁଦ୍ଧ ଲେଖା ହୁଏ ନାହିଁ ବରଂ ଶୁଦ୍ଧ ଲେଖିବାର ଶିକ୍ଷା ଦଆ ଯାଏ ନାହିଁ । ଏଥିର ପରିଚୟ ବର୍ଣ୍ଣାକୁଲର ପରୀକ୍ଷକମାନେ ନିତ୍ୟ କାଗଜରୁ ପାଉଥିବେ ।

ସଂସ୍କୃତ ବା ପାରସିଭାଷାରେ ବର୍ଣ୍ଣାଶୁଦ୍ଧି ରହିଲେ ତାହା ଯେପରି ଭିନ୍ନାର୍ଥବୋଧକ ବା ନିରର୍ଥକ ହୁଏ ଓଡ଼ିଆରେ ମଧ୍ୟ ସେହିପରି ହୁଏ କାରଣ ସଂସ୍କୃତ ବା ପାରସିକ ପଦ ଅଧିକାଂଶ ଓଡ଼ିଆଭାଷାର ଦୋଷ ଦେଖିବାକୁ ଘୃଣା କରନ୍ତି ନାହିଁ ବରମ୍ଭା ଅଶୁଦ୍ଧରୂପେ ଲେଖିବାକୁ ଲଜ୍ଜିତ ହୁଅନ୍ତି ନାହିଁ । ଯାହା ହେଉ ଏ ଦୋଷ ଶୀଘ୍ର ଦୂର କରିବାର ଉପାୟ କରିବା କର୍ତ୍ତବ୍ୟ । କେବଳ ଶିକ୍ଷା ବିଭାଗ ଏ ବିଷୟରେ ଅଲୋ-ଚନା କଲେ ବା ଓକିଲ ଏବ ମୁକ୍ତାରମାନେ ଦୃଷ୍ଟି ରଖିଲେ ଏ ଦୋଷ ସମ୍ପୂର୍ଣ୍ଣରୂପେ ଦୂରୀଭୂତ ହୋଇ ପାରିବ ନାହିଁ । ଅମ୍ଭମାନଙ୍କ ବିବେଚ-ନାରେ ସମସ୍ତ ସରକାରୀ କାର୍ଯ୍ୟାଳୟମାନଙ୍କରେ ଶୁଦ୍ଧରୂପେ ଓଡ଼ିଆଭାଷାର ଲେଖାପଢ଼ି ହେବାର ଆଦେଶ ପ୍ରଚାର ନିମିତ୍ତ ଯଦି ବ୍ରିଟିଶସଭା ଏବ ଅନ୍ୟାନ୍ୟ ସଭାସମିତି ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଆବେଦନ କରନ୍ତେ ତାହା ହେଲେ ଏଥିର ପ୍ରତିକାର ହୋଇପାରେ । ଆଉ ମଧ୍ୟ ଯେ-ଉଁମାନେ ଓଡ଼ିଆକୁ ସ୍ଥାୟୀ କରି ଉତ୍କଳ ସାହିତ୍ୟ-ଜଗତରେ ଅସାଧାରଣ କୀର୍ତ୍ତିସ୍ତମ୍ଭ ସ୍ଥାପନ କରି-ଅଛନ୍ତି ସେମାନେ ଏ ବିଷୟରେ ଚେଷ୍ଟିତ ହେବା ଉଚିତ । ଇତି ।

ଆପଣଙ୍କର
ଶ୍ରୀକୃଷ୍ଣ ମହାପାତ୍ର ।

---

ମୂଲ୍ୟପ୍ରାପ୍ତି ।

ବାବୁ କାଶୀପତି ବାନୁର୍ଜି ବାଙ୍କ ବଳସୁ ୫ ୪

---

# ବି ଜ୍ଞା ପ ନ ।

ଦରିଦ୍ରକୋଷରୁ ଆଉ କେତେକ ଜଣ ଦରିଦ୍ର ବାଳକଙ୍କୁ ସାହାଯ୍ୟ ଦିଆଯିବ । ମେଡ଼ିକେଲ-ସ୍କୁଲ ବ୍ୟତୀତ କଟକର ଅନ୍ୟ ଯେ କୌଣସି ସ୍କୁଲରେ ଉକ୍ତ ସାହାଯ୍ୟପ୍ରାପ୍ତ ବାଳକମାନେ ଅଧ୍ୟୟନ କରି ପାରିବେ । ଏହିମାସ ତା ୧୦ରିଖ ପର୍ଯ୍ୟନ୍ତ ଦରିଦ୍ର ବିଦ୍ୟାର୍ଥୀ ବାଳକମାନେ ଅମ୍ଭ-ଠାରେ ଦରଖାସ୍ତ ଦେଇ ପାରିବେ । ଦୁଇଜଣ ଭଦ୍ର ଲୋକଙ୍କଠାରୁ ଏହିର ଦରିଦ୍ରତା ଓ ଅଧ୍ୟୟନେଚ୍ଛା ପରିଚାୟକ ଦୁଇଖଣ୍ଡ ସାର୍ଟିଫିକେଟ ପ୍ରତ୍ୟେକ ଦରଖାସ୍ତ ସଙ୍ଗେ ଥିବା ଅବଶ୍ୟକ ।

କାଳୁପଡ଼ା } ଶ୍ରୀ ବୈକୁଣ୍ଠନାଥ ଦେ
୨।୭।୮୭ } ଦରିଦ୍ରକୋଷର ସମ୍ପାଦକ ।

---

# NOTICE.

Wanted a Head master for the High English School at Jajpur on a salary of Rs. 50 per mensem. Preference will be given to a B. A. of the Calcutta University. Application will be received by the undersigned up to the 20th July, 1887.

Jajpur H. E. School. 25—6—87 } GOSAIN DAS DUTTA
*President L. C. P. I.*
JAJPUR.

Split by PDF Splitter

Digitized by srujanika@gmail.com

Split by PDF Splitter



## NOTICE.

Wanted for employment at Kanika as Temporary works mohorir, a passed student of the Ravenshaw College Survey class, one with practical experience preferred. Pay Rs. 15 per mensem.

Apply with copies of certificates to the District Engineer Cuttack.

Cuttack Collectorate The 16th June 1887. } E. R. Henry. *Offg. Collector*

## NOTICE.

The Raja of Boad requires an officer for his Police on Rs. 30 per mensem. He wants for the post a man of good charactor and robust health not more than 35 years old who knows how to drill and investigate cases has been at least a head-constable of 1st. or 2nd. grade and knows Oriya and Bengalee well in addition to English if possible.

Applications may be sent to the undersigned on or before the 15th July 1887.

Office of the Supdt. Try. Mehals Cuttack the 20th June 1887. } N. K. Das Asstt. Supdt. of Tributary Mehals.

କବିରାଜ ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର ଆୟୁର୍ବେଦୋକ୍ତ ଔଷଧାଳୟ ।

ନ ୯୦ ମୁର ଗେ ଷ୍ଟ୍ରିଟ, ଶ୍ୟାମପୁଖୁର, କଲିକତା ।

ଏହି ଔଷଧାଳୟରେ ୧୨୯୪ ସାଲର ଦନ-ପଞ୍ଜିକା ସହ ପୀଡ଼ା ସମୁଦାୟର ସ୍ୱାସ୍ଥ୍ୟବିଧାନ ଓ ଚାଳନା-ପ୍ରତ୍ୟକ୍ଷ ଫଳପ୍ରଦ ଔଷଧ ସମୂହର ତାଲିକା-ପୁସ୍ତକ ବିନାମୂଲ୍ୟରେ ବିତରଣ ହୁଏ ଏବଂ ବିଦେଶସ୍ଥ ରୋଗୀମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

ଯୋଗସିଦ୍ଧରସ ।

ଏହି ସୁସିଦ୍ଧ ଔଷଧ ସେବନ କଲେ ନିଶ୍ଚୟ ସକଳପ୍ରକାର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂଯ ସହିତ ଧାତୁ-ନିର୍ଗମ, ସରକ୍ତ ପ୍ରସ୍ରାବ, ଖଡିଜଳବତ ପ୍ରସ୍ରାବ ମୂତ୍ରକୃଚ୍ଛ୍ର, ମୂତ୍ରାଶୟର ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ସଂଯୁକ୍ତ ହେଲେ ସୁଦ୍ଧା ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ହୁଏ ।

ଛୋଟ ୧ ଶିଶିର ମୂଲ୍ୟ ଟ ୨୲ ବଡ଼ ୧ ଶିଶିର ମୂଲ୍ୟ ଟ ୩୲ ପ୍ୟାକିଂ ଖର୍ଚ୍ଚା ଟ ୦।୵

ପ୍ରଦରାରି-ଘୃତ ।

ଏହା ସେବନ କଲେ ଗର୍ଭାଶୟ ଆଶ୍ରିତ ଦୋଷ ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର ରକ୍ତପ୍ରଦର, କଷ୍ଟରଜଃ ଅକାଳରେ ଅଧିକ ପରିମାଣରେ ରକ୍ତସ୍ରାବ, ହାତଭଙ୍ଗା, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବାଧା ନଷ୍ଟ କରେ ।

୧ ଶିଶିର ମୂଲ୍ୟ ଟ ୨୲ ଓ ପ୍ୟାକିଂ ଖର୍ଚ୍ଚା ଟ ୦।୵

ସାମ୍ୟବାଦୀ ।

ଅଳ୍ପମୂଲ୍ୟ ବିଚିତ୍ର ଧର୍ମ୍ମ ଓ ନୀତିସମ୍ବନ୍ଧୀୟ ମାସିକପତ୍ରିକା ।

୨ ୟ ସଂଖ୍ୟା ପର୍ଯ୍ୟନ୍ତ ପ୍ରକାଶିତ ହୋଇଅଛି । ମଫଃସଲବାସିମାନେ ଟ ୧।୵ ଡାକ ମାସୁଲ ମାତ୍ର ପଠାଇଲେ ଗ୍ରାହକ ଶ୍ରେଣୀଭୁକ୍ତ ହୋଇ ପାରିବେ । ଅନ୍ୟଥା ସାମ୍ୟବାଦୀ ପଠାଇବା ନିମନ୍ତେ ଆବେଦନ କରିବା ନିଷ୍ପ୍ରୟୋଜନ ।

ପ୍ରଥମଥର ଏହା ଉତ୍କଳଦୀପିକା ସହିତରେ ପଠା ଯାଇଥିଲା, କିନ୍ତୁ ଅତଃପର ଆଉ ସେପରି ଭାବରେ ପଠାଯିବ ନାହିଁ । ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ଡାକ ମାସୁଲ ଓ ପତ୍ରାଦି ପଠାଇବାକୁ ହେବ ।

ବାଲୁବଜାର କଟକ } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ସାମ୍ୟବାଦୀସମ୍ପାଦକ ଓ ପ୍ରକାଶକ

## ADVERTISEMENT.

### CLASS NOTES FROM GEOGRAPHY.

A very useful adjunct to Geographical course for higher class English schools, very highly spoken of by students who have used it during the past year. It saves half the trouble of learning the Geography from the class text book. Boys will find it a very useful help for the trifling price of *two annas.*

Apply to the Manager, Cuttack Printing Company.

ମୟୂରଭଞ୍ଜ ରାଜ୍ୟ ନିମନ୍ତେ ମାସିକ ଟ ୨୦୲ଙ୍କା ବେତନରେ ଏକଜଣ ଅବକାରୀ ଦାରୋଗା ଓ ମାସିକ ଟ ୧୫୲ଙ୍କା ବେତନରେ କେତେକ ଜଣ ପୁଲିସ ହେଡ୍ କନେଷ୍ଟବଲଙ୍କର ଆବଶ୍ୟକ ।

ଯେଉଁମାନେ ଶାରୀରିକ ଶକ୍ତି ସମର୍ଥ ଅଥଚ ଜ୍ୱର ପ୍ରଧାନସ୍ଥାନମାନଙ୍କରେ ପରିଶ୍ରମ ସହକାରେ କାର୍ଯ୍ୟ କରିବାକୁ ସକ୍ଷମ ହେବେ ସେହିମାନେ ଦରଖାସ୍ତ କରିବେ ॥ ଦରଖାସ୍ତକାରୀମାନଙ୍କର ଓଡ଼ିଆ ଭାଷାରେ ସମ୍ପୂର୍ଣ୍ଣରୂପେ ଦକ୍ଷତାର ନିତାନ୍ତ ଆବଶ୍ୟକ । ଯେଉଁମାନଙ୍କର ଅବକାରୀ ଓ ପୁଲିସ ବିଭାଗର କାର୍ଯ୍ୟରେ ପାରଦର୍ଶିତା ଅଛି ସେହିମାନଙ୍କୁ ମନୋନୀତ କରାଯିବ ।

ଦରଖାସ୍ତକାରୀମାନେ ଆପଣା୨ ପ୍ରଶଂସାପତ୍ରର ନକଲ ସହିତ (ଯାହା ସେମାନଙ୍କୁ ପ୍ରତ୍ୟର୍ପଣ କରାଯିବ ନାହିଁ) ଆଗାମୀ ଜୁଲାଇମାସ ତା ୨୦ ରଖ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ଆବେଦନ କରିବେ ।

H. P. WYLLY.
Manager.
19.5-87

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀ ପ୍ରେସ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କରରାୟ ଓ କଟକ ରେଭେନସାକଲେଜ ଶ୍ରୀଯୁକ୍ତ ପଣ୍ଡିତ ରାମପ୍ରସନ୍ନ ମୁଖୁର୍ଯ୍ୟା ଓ ବାଲେଶ୍ୱର ନର୍ମ୍ମାଲସ୍କୁଲ ହେଡମାଷ୍ଟର ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ମହାଶୟମାନଙ୍କଠାରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ଶ୍ରୀମଦ୍ଭଗବଦ୍ଗୀତା ସଂସ୍କୃତ ଓ ଉତ୍କଳ-ପଦ୍ୟାନୁବାଦ ସହିତ    ଟ ୦।୵
ମୋହମୁଦ୍ଗର ସଂସ୍କୃତ ଓ ଉତ୍କଳ ଅନୁବାଦ ସହିତ    ଟ ୦୲୬
ଭଗବାନ୍ ବେଦବ୍ୟାସ ରଚିତ ସଂସ୍କୃତ ମହାଭାରତର ଉତ୍କଳ ପଦ୍ୟାନୁବାଦ ଆଦିପର୍ବ    ଟ ୨।

# ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରାର ଘା, ଗରମୀ ଘା, ନାଲି ଘା, ବେକ ଓ ନାକ-ଭିତରର ଘା, ଶୋଲ ଘା, କାନ ଘା, କାନର ପୂଜ, କୋଷ୍ଠ-କାଠିନ୍ୟ ଅଜୀର୍ଣ୍ଣତା, ପେଟଫୁଲା ଗଣ୍ଠିବ୍ୟଥା, କାଶ, କ୍ଷୟକାଶ, ପ୍ରସ୍ରାବପୀଡ଼ା,

Digitized by srujanika@gmail.com

Split by PDF Splitter



କ୍ରୁପିଅ, ଧାତୁଦୌର୍ବଲ୍ୟ ଏବଂ ଇନ୍ଫ୍ଲୁଏଞ୍ଜା ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

ଔଷଧର ମାତ୍ରା ବୋତଲ ଦେହରେ ଚିହ୍ନଦ୍ୱାରା ଦେଖାଇ ଦିଆଯାଇଅଛି ଏବଂ ତାହା ସକାଳେ ଓ ସନ୍ଧ୍ୟାବେଳେ ଖାଇବାକୁ ହେବ । ପଥ୍ୟାପଥ୍ୟର ନିୟମ ବୋତଲର ଟିକଟରେ ଲେଖା ଅଛି । ପରୀକ୍ଷାଦ୍ୱାରା ଏଥିର ଗୁଣ ଦେଖା ଯାଇଅଛି ।

ଉତ୍କଳ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଶିଶି ଟ ୧ ।

---

ଝଙ୍କଡ଼ ପ୍ରଗନ୍ନାର ଶ୍ରୀ ଶ୍ରୀ ଶାରଦାଠାକୁରାଣୀଙ୍କ ମନ୍ଦିରର ପୁନର୍ନିର୍ମାଣ ନିମିତ୍ତ ନିମ୍ନଲିଖିତ ଦାନମାନ ପ୍ରାପ୍ତ ହୋଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଭରସା କରୁଁ ଅନ୍ୟାନ୍ୟ ଧନବନ୍ତ ବ୍ୟକ୍ତିମାନେ ଏହିପରି ବଦାନ୍ୟତା ପ୍ରକାଶପୂର୍ବକ ଚିରବାଧିତ କରିବେ ।

| | | | |
|---|---|---|---|
| ଶ୍ରୀଯୁକ୍ତ ବାବୁ ବୈଦ୍ୟନାଥପଣ୍ଡିତ ରାୟବାହାଦୁର | କଟକ | ଟ | ୧୫୦୲ |
| „ ବାବୁ ରାଜକୃଷ୍ଣ ପାଢ଼ୀ | ପାଟନା | ଟ | ୧୦୦୲ |
| „ ମହାରାଜା କଟକ | | ଟ | ୪୦୲ |
| „ ବାବୁ ବହାରିଲାଲ ପଣ୍ଡିତ | କଟକ | ଟ | ୪୦୲ |
| „ ବାବୁ ଦାମୁଦର ସାହୁ | ପୁରୀ:ନଗର | ଟ | ୧୦୲ |
| „ ବାବୁ ଚନ୍ଦ୍ରଶେଖର ବୋଷ ଓ ଭାଇ | କଟକ | ଟ | ୧୦୲ |
| „ ବାବୁ ମଥୁରାପ୍ରସାଦ ଭଗତ | କଟକ | ଟ | ୧୦୲ |
| „ ବାବୁ ଗୋକୁଳାନନ୍ଦ ମହାନ୍ତି ଜଗତସିଂହପୁର | | ଟ | ୧୦୲ |
| „ ବାବୁ ଧର୍ମୁ ସାହୁ ଚଣ୍ଡୀହାଟ କଟକ | | ଟ | ୧୦୲ |
| „ ବାବୁ ବଳଦେବ ଲାଲ ଭଗତ | କଟକ | ଟ | ୫୲ |
| „ ବାବୁ ଗଙ୍ଗାପ୍ରସାଦ ଭଗତ | କଟକ | ଟ | ୫୲ |
| „ ବାବୁ ଶ୍ୟାମସୁନ୍ଦର ରାୟଗୁରୁ | କଟକ | ଟ | ୫୲ |
| „ ବାବୁ ଗୋପୀନାଥ ସାହୁ | କଟକ | ଟ | ୨୲ |
| ମୋଟ ... ... | ... | ଟ | ୨୪୦୲ |

୧୮।୬।୮୭ ଅଦେଶାନୁଯାୟୀ
ଶ୍ରୀକୃଷ୍ଣ ମହାପାତ୍ର

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନାବାଳଗ ବାବୁ ନଗେନ୍ଦ୍ରନାଥ ରାୟ ଚୌଧୁରୀଙ୍କର ଷ୍ଟେଟର ମହାମାନ୍ୟ ହାଇକୋର୍ଟ ଅଦାଲତଙ୍କ ନିଯୁକ୍ତ ଏଡ଼ମିନିଷ୍ଟ୍ରେଟ୍ରିକ୍ସ ଶ୍ରୀମତୀ ଚମତ୍କାରମୋହିନୀ ଦେବ୍ୟା ତାଙ୍କ ଉକ୍ତ ଷ୍ଟେଟ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟମାନ ଚଳାଇବା ନିମନ୍ତେ ଶ୍ରୀଯୁକ୍ତ ବାବୁ ମହେଶଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟଙ୍କୁ ମେନେଜରର ପଦରେ ନିଯୁକ୍ତ କରିଥିଲେ ଉକ୍ତ ବନ୍ଦ୍ୟୋପାଧ୍ୟାୟଙ୍କୁ ଉକ୍ତ କାମରୁ ଅବ୍ୟାହତି ଦେଇ ଉକ୍ତ ମେନେଜର କର୍ମରୁ ବରଖାସ୍ତ କରି ତାଙ୍କ କର୍ମରେ ଶ୍ରୀଯୁକ୍ତ ବାବୁ ଶଶିଭୂଷଣ ବୋଷଙ୍କୁ ନିଯୁକ୍ତ କରଅଛନ୍ତି ଓ ଉକ୍ତ ବନ୍ଦ୍ୟୋପାଧ୍ୟାୟ ଏଡ଼ମିନିଷ୍ଟ୍ରେଟ୍ରିକ୍ସଙ୍କଠାରୁ ସନ ୧୮୮୪ ମସିହା ମାର୍ଚ୍ଚ ମାସ ତା ୧୩ ରଖ ଯେଉଁ ଆମମୋକ୍ତାରନାମା ଲେଖାଇ ନେଇଥିଲେ ସେହି ଆମମୋକ୍ତାରନାମାଙ୍କୁ ଉକ୍ତ ଏଡ଼ମିନିଷ୍ଟ୍ରେଟ୍ରିକ୍ସ ରଦ୍ଦ କରିଅଛନ୍ତି ତା ୨୯ ରଖ ମାହେ ଜୁନ ସନ ୧୮୮୭ ମସିହା ।

Lucksmee Narayan Roy Chowdhry
Hury Ballabh Bose
Legally constituted attorneys of Chumutkar Mohoni Debi adminstratrix of the estate of Baboo Nogendra Nath Roy Choudhury Minor.

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ କଲଗା ଓ ରେଶମୀଓଗେର ଲୁଗା ଓ ଷ୍ଟେସନେରୀ ଓ କଳିକତା ଜିନାଷ ସବୁପ୍ରକାର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍‌ଭିନ୍ନ ଅନ୍ୟ କେତେକ ଫେନସ୍ ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ନାନାପ୍ରକାର ଜୋତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାହା ବିକ୍ରୟ କରାଯିବ । ଯଦି ଉକ୍ତ ଜୋତାମାନ ବିକ୍ରୟ ହେବା ପୂର୍ବେ ଆପଣା ମଫସଲ ସକାଶେ କେହି ଫରମାସ ଦେବେ ଏବଂ ସେଥିରୁ ସିକି ଟଙ୍କା ଟ୦।୴ ହିସାବରେ ଅଗ୍ରିମ ଦେଲେ ପାଇ ପାରିବେ । ମାଲ ତାହାର ଘର ପହଞ୍ଚିବାର ଭାର ତାଙ୍କ ଉପରେ ଥିବ । ଖାଲି ଦେଲେ ଜୋତାର ସବୁ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦ ।

| | |
|---|---|
| ଜରିର ଫେସନୀ ଟୋପି ପିନ୍ଧିଲେ ଖୁବ ଶୋଭେ । | ଜାତ ଶିଶର ଓ ଟଙ୍କା ରଖିବା ଓ ହାତ ଧରିବା ବେଗ । |
| ଚଟୋଇଜାତ | ଉଲ ଓ ରେଶମର ଫେସନ୍ ସୁନ୍ଦର ଗୋଲାପୀ ଶାଲ |
| କଟେସୀନ୍ ବେଲ ଚଟିବା ଜେଲ ସାବାଓ ଜୋନ ସହିତ । | ନେକଟାଇ ଓ କଲର ଏବଂ ଟିପ । |

ଜୁତା ଅଡ଼ିର ଚଳଚା ଉଡ଼ବା ଉବଲ ଫେଲ୍ଟ ଟିନ ଓ ଜନପ୍ଲ ।
ଫେନସିଲ କାଗଜ ରଙ୍ଗ ।
ନାନା ପ୍ରକାରର ଦର୍ପଣ ଓ ଛାତା ।
ବ୍ରେସଲେଟ ।
ଟେବୁଲ ଲ୍ୟାମ୍ପ ।
ଟରଚି ବାଜ୍ଜ ।
ଦାମଦ ଶାଗାର ସବୁଁ ବେ ବୁଗା ଦରକାର ହୁଏ ।
ଅଷ୍ଟୋଟ ସ୍ତ୍ରେଚ—ଅର୍ଥାତ ବୁଲିବା ଛଡ଼ି ।
ଅଲ୍ଲ ଜୁତ ।
ଓଭରକୋଟ ଗୁଦ ଛତା ।
ବଟ୍‌ନ ଅଦି ।
ଜ୍ୱୋଲେରିଆର ।
ଗୋଲଡ଼ଚୁଡ଼ିଣ କେଶର ମେର ଓ ଉପର ଗୋଲ ରାଖ
ଚୁଡ଼ିର ଜାତ ଅର୍ଥାତ ରେଶମୀକେଳେକେ ଓ ଖୁଣ୍ଟିଲେ ଭଲା ଦେଖା ।
ଅଗଣା ଚଟ୍ଟା
୧୨ × ୧୦ ପାଖ
୧୪ × ୧୨ ପାଖ
ପଲେଟ ଭୁଷ ଦାଂଗା ପାଷ୍ଟି ଖରଚ ଟ ୦ ।୴
ଜୋତା ଓ ଜୋତାଦଡ଼
ଭଲନ ଅଷ ଝଲମଲ
ଡାକ୍ତରି ମାଷ୍ଟର ଷଡ଼ା
ଲଣ୍ଡ ଓ ପାଉଡର ଗୌର ଦିଆ
ମାର୍ବଲ ଭାଟା ଦୁକାନେ ଖୁବ ଟେବଲ ଖୋକ ସଜେ ବରଦ ହେବ ଆହୁ ।
ଏ, ଗୋଷର ଷଦ୍ରେଇ ଜାମାଇ ଓ ବୁରୁଶ ।
ଦଙ୍ଗା ଅର୍ଗେଜା
ଏକଳ ବାଇସ ।
ବୃଷର ଗେଜ ।
ଅଟମେଟିକ ପେନ୍ସିଲ୍ ଅର୍ଥାତ ଏ ପେନ୍ସିଲ୍‌ରେ ରେଖେ ଲେଖିଲେ ଲେଖା ଲିଭାଇ ଦେବାକୁ ଅବଶ୍ୟକ ହୁଏନାହିଁ ପେନ୍ସିଲ୍ ଲେଖା ଉପରେ ବେଲ ବଗାଇ ଲେଲେ ଦଢ଼ି କଷ ହୋଇ ଲାଗେ ।
କଚିଙ୍ଗ ଟେବଲ ।
କପିଏସ୍ ପେନ୍‌ସେ କରଗାର ଛାଡ଼ ।
ଉଲରର ଷ୍ଟୋଭର ଅଥବା ଦଟାର ବିଗୁଲ ବାଜିବାର ଦରକା ।
ମମବାମା ।
ରେଜ୍‌ଭୁ ପେନ୍ସିଲ୍
ଲମ ବୋତଲ
କାଗଜର ଗାର୍ଡ଼ ଓ ଖୋଳ ଓ କଲ
ମହଦ୍ରାବାଷ ଓ ଅଗଦାର ପାଣଯୋଗ ଓ ଗାଡ଼ି ।
ଟ୍ରିଙ୍ଗ ଭାଉ

ଅକୁରବସ୍ତୁର ବଣ୍ଟ କମ୍ପାନୀ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ପ୍ରତି ପଙ୍କ୍ତି ଲେଖାଏଁ ଦେଉଅଛୁଁ ଯଥା —

ପ୍ରଥମଥର ସକାଶେ

| | |
|---|---|
| ଖାଲି ଥରେ | ଟ ୦ ।୴ |
| ୨ୟ ଥରୁ | ଟ ୦ ।୲ |
| ବାର୍ଷିକ ଦର | ଟ ୦ |

ଲଘୁ ଛୋଟ ବିଜ୍ଞାପନ କେଉଁ ଉପ ବୋଲାଇଁ ଉର୍ଦ୍ଧ୍ୱ ଓ ଇର୍ଦ୍ଦ ଟ ୦ ଗୁ ଭଲା ଦେବ ନାହିଁ ।

ବ୍ୟାପାର ଓ ଦୁଗାଧର ସକାଶେ ଅଲ୍ପ ଦାମ ଏକର ଦେଇଣ ଓ ଦୁଗ୍ଧ ଭରା ଦେବ ।

ଅଗ୍ରିମ ଭଡ଼ା ଦିଆ ସକାଶେ ଚିଠି ବଲୋଜିଷ୍ଟ ଦେଖାଯାଉ ।

ବିଜ୍ଞାପନ ପଦ୍ୟ ଏଡ଼ିଟର ଦଇଁ ପଠାଇବାକୁ ହେବ

---

ଏହି ଏହ ଉତ୍କଳଦୀପିକା ପତ୍ରିକା କଟକ ଉତ୍କଳପତ୍ରିକାର ଡିଏ ହ୍ରିସିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଶ୍ରୀ ତ ୬ ସମୁଦ୍ର ହେଲ

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୨ ଶ
ସଂଖ୍ୟା ୨୮ ଶ

ତା ୯ ଇଙ୍ଗ ମାହେ ଜୁଲାଇ ସନ ୧୮୮୭ ମସିହା । ମୁ । ଆଷାଢ଼ ଦି ୨୬ ରୁ ସନ ୧୨୯୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲

ବାବୁ ଅଭୟଲାଲ ଦତ୍ତ ଯେଉଁ କଲିକତା ବିଶ୍ୱବିଦ୍ୟାଳୟର ଗତପ୍ରଥମ ଏଲ ଏମ୍ ଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ପ୍ରଜଣ୍ଟ ଏମ୍ ବି ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଓଡ଼ିଶା ପକ୍ଷରେ ଏହା ଅତୀବ ଗୌରବର ବିଷୟ । ଅମ୍ଭେମାନେ କାମନା କରୁଁ ବାବୁ ମହୋଦୟ ଶେଷ ପରୀକ୍ଷାରେ ଶୀଘ୍ର ଉତ୍ତୀର୍ଣ୍ଣ ହୋଇ ଦେଶକୁ ଫେରିଆସନ୍ତୁ ଓ ଏଠାର ଅଳ୍ପାୟୁ ଲୋକମାନେ ତାହାଙ୍କର ପଶ୍ଚାଦ୍‌ଗାମୀ ହେଉନ୍ତୁ ।

---

ପଞ୍ଚ ପଲ୍ଲୀରୁ ଫକୀରଚନ୍ଦ୍ର ନାମରେ ଏକବ୍ୟକ୍ତି ଏଠାସ୍ଥ ଡାକଘର ବିରୁଦ୍ଧରେ କେତେକଥା ଲେଖି ପଠାଇ ଅଛନ୍ତି । ପତ୍ରପ୍ରେରକଙ୍କର ବିଶେଷ ପରିଚୟ ପାଇ ନ ଥିବାରୁ ତାହାଙ୍କ ଲିଖିତ ବିଷୟମାନ ପ୍ରକାଶ କରିବା ଯୁକ୍ତିଯୁକ୍ତ ବୋଧ କରୁ ନାହୁଁ ମାତ୍ର ପତ୍ରପ୍ରେରକ ଲେଖିଅଛନ୍ତି କି ତାହାଙ୍କ ନିକଟରେ ଉତ୍ତମ ପ୍ରମାଣ ଅଛି ଡାକ ଏଣ୍ଟକାର ଇନ୍ସ୍ପେକ୍ଟର କି ସ୍ୱୟଂ ଗୁପ୍ତ ଉତ୍ତମରୂପେ ଅନୁସନ୍ଧାନ କଲେ ସେ ଲୋକ ପ୍ରମାଣମାନ ଅବଗତ କରିବେ । ଅତଏବ ବିଭାଗୀୟ କର୍ମଚାରୀଙ୍କୁ ଜଣାଇଲୁଁ ସେମାନେ ଅନୁସନ୍ଧାନ ପୂର୍ବକ ଏ ସବୁର ସତ୍ୟାସତ୍ୟ ନିର୍ଣ୍ଣୟ କରିବେ ।

---

ମାନ୍ଦ୍ରାଜର ଖ୍ରୀଷ୍ଟୀୟାନ ଏଡୁକେସନ ସୋସାଇଟି ନିକଟରୁ କେତେଖଣ୍ଡ ଇଂରାଜୀ ପୁସ୍ତକ ଅମ୍ଭେମାନେ ଉପହାର ପାଇଥିବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ଏକଖଣ୍ଡ ପୁସ୍ତକ ଧାତ୍ରୀଶିକ୍ଷା ୨ୟଖଣ୍ଡ ଚରିତର ବାଧ୍ୟତା ଓ ୩ୟଖଣ୍ଡ ଗୁଣ ଏବଂ ଅର୍ଥର ସଦ୍‌ବ୍ୟବହାରବିଷୟରେ ଅଟଇ । ପୁସ୍ତକସବୁର ଲେଖା ଯେମନ୍ତ ସରସ ଓ ଦୃଷ୍ଟାନ୍ତରେ ପୂର୍ଣ୍ଣ ମୂଲ୍ୟ ତେମନ୍ତ ସୁଲଭ ଅଟଇ । ଅମ୍ଭମାନଙ୍କ ବିବେଚନାରେ ଗୁଣ ଏବଂ ଅର୍ଥର ସଦ୍‌ବ୍ୟବହାରବିଷୟରେ ଅନେକ ଲୋକଙ୍କ ଉପଦେଶର ଲୋଡ଼ା ଅଛି ଅତଏବ ଅବକାଶମତେ ସେସମ୍ପର୍କରେ କିଛି କହିବାର ଅମ୍ଭମାନଙ୍କ ଇଚ୍ଛା ରହିଲା ।

---

ସଞ୍ଜୀବନୀରେ ଆନନ୍ଦସହିତ ପାଠକଲୁଁ କି ବରଦାର ଗୁଲକୁମାର ଏ ଦେଶୀୟ ସମ୍ଭ୍ରାନ୍ତବଂଶୋଦ୍ଭବ ଯୁବକମାନଙ୍କୁ ବିଲାତକୁ ପଠାଇ ସେଠାରେ ଉପଯୁକ୍ତ ଶିକ୍ଷାଲାଭରେ ସମର୍ଥ କରିବା କାରଣ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ୧୦।୧୫ ଲକ୍ଷ ଟଙ୍କା ବ୍ୟୟ କରିବାକୁ ସଂକଳ୍ପ କରିଅଛନ୍ତି । ଗୁଲକୁମାରଙ୍କର ଏହି ସଙ୍କଳ୍ପ ପୂର୍ଣ୍ଣ ହେଲେ ବଡ଼ ସୁଖର ବିଷୟ ହେବ । ଅର୍ଥାଭାବରୁ ଏଦେଶୀୟ ଅନେକ ଲୋକ ବିଲାତର ଉଚ୍ଚଶିକ୍ଷାଲାଭରୁ ବଞ୍ଚିତ ହେଉଅଛନ୍ତି । ଉପଯୁକ୍ତ ସାହାଯ୍ୟ ପାଇଲେ କେତେ ଦେଶୀୟ ଲୋକ ବିଲାତରୁ ସିଭିଲୟାନ ହୋଇ ଆସିବେ ଏବଂ ତଦ୍ୱାରା ଯେ ଦେଶର ବହୁତ ଉପକାର ହେବ ଏଥିରେ ସନ୍ଦେହ ନାହିଁ ।

—୦—

ଗୟାବାଲ ଚିକିତ୍ସାଳୟର ହେତୁ କେବଳ ହିନ୍ଦୁମାନଙ୍କଠାରୁ ନୟାୟିକ ଶାସ୍ତ୍ର ଟ୍ରଷ୍ଟସାହେବଙ୍କର ଏପରି ଅଭିପ୍ରାୟ ନୁହଇ । ସମ୍ବାଦବାହିକାରେ ଦେଖିଲୁଁ ଯେ ସେ ସ୍ୱୟଂ ପଞ୍ଚାଶଟଙ୍କା ଦାନ କରିଅଛନ୍ତି ଏବଂ ଅନ୍ୟ ଜଣେ ସାହେବଙ୍କଠାରୁ ସେହି ପରିମାଣ ଟଙ୍କା ପାଇଅଛନ୍ତି । ଏପରି କଲିକତାନିବାସୀ ମହାରାଜା ଯତୀନ୍ଦ୍ରମୋହନ ଠାକୁର ଟ ୫୦୦ ଙ୍କା ଦାନ କରିଅଛନ୍ତି । ସର୍ବସୁଦ୍ଧା ଏପର୍ଯ୍ୟନ୍ତ ଟ ୮୭୦ ଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇଅଛି । ଅମ୍ଭେମାନେ ଆଶା କରୁଁ କି ଏଦେଶୀୟ ରଜା ଜମିଦାର ଏବଂ ଅପର ଧନାଢ୍ୟ ବ୍ୟକ୍ତିମାନେ ଏହି ମହତ ଅନୁଷ୍ଠାନର ସାହାଯ୍ୟ କରି ଶୀଘ୍ର ଅଗ୍ରସର ହେବେ ଏବଂ ଗୟାବାଲର ଇଂରାଜ ଓ ଜମ୍ବେଇମୁସଲମାନ ମହାଜନମାନେ ସମୁଚିତରୂପେ ଯୋଗ ଦେବେ ।

---

ସର ଜର୍ଜ କାମ୍ବେଲସାହେବ ଯେଉଁ ସମୟରେ ସବ୍‌ଡେପୁଟୀର ସୃଷ୍ଟି କଲେ ସେତେବେଳେ କଥା ଥିଲା ଯେ ଏମାନେ କ୍ରମେ ପୂର୍ଣ୍ଣ ଡେପୁଟୀ ହୋଇପାରିବେ । ସର ଆସ୍ଲି ଇଡେନଙ୍କ ଅମଳପର୍ଯ୍ୟନ୍ତ କେହି ସବଡେପୁଟୀ ପୂର୍ଣ୍ଣ ଡେପୁଟୀ ହୋଇ [illegible] ମାତ୍ର ବର୍ତ୍ତମାନ ଲେଫ୍ଟନଣ୍ଟ

Digitized by srujanika@gmail.com

ଗବର୍ଣ୍ଣର ସର ଷ୍ଟାମସନଙ୍କ ଅମଳରେ ନିୟମ ହେଲା ଯେ ସବ୍‌ଡେପୁଟୀମାନେ ଆଉ ଡେପୁଟୀ ହୋଇ ପାରିବେ ନାହିଁ । ଏଥିରେ ସବ୍‌ଡେପୁଟୀମାନେ ନିତାନ୍ତ ହତାଶ ହୋଇଥିଲେ । ଆମ୍ଭମାନଙ୍କର ନୂତନ ଲେଫ୍ଟେନାଣ୍ଟ ଗବର୍ଣ୍ଣର ବେଲି ସାହେବ ଏହି ଅବସ୍ଥା ଦେଖି ନିୟମ କରିଅଛନ୍ତି ଯୋଗ୍ୟ ସବ୍‌ଡେପୁଟୀମାନେ ଦକ୍ଷତା ପରୀକ୍ଷାରେ ଡେପୁଟୀ ହୋଇ ପାରିବେ ଏବଂ ଏହି ନିୟମରେ ପ୍ରତିବର୍ଷ ଦୁଇଜଣ ସବ୍‌ଡେପୁଟୀଙ୍କି ଡେପୁଟୀପଦକୁ ଉନ୍ନତ କରିବାର କଳ୍ପନା କରିଅଛନ୍ତି । ଏହି ନିୟମ ଅତି ଉତ୍ତମ ହୋଇଅଛି ।

—o—

ମଇମନ୍‌ସିଂହ ଜିଲ୍ଲା ନେତ୍ରକୋଣା ସବଡିଭିଜନର ଡେପୁଟୀମାଜିଷ୍ଟ୍ରେଟ ମୌଲବୀ ଫଜଲୁଲ କରିମଙ୍କ ନାମରେ ଜଣେ ମୁସଲମାନ ଏହି ମର୍ମରେ ନାଲିସ କରିଅଛି କି ମୌଲବୀ ସାହେବ ତାହାର ସ୍ତ୍ରୀକି ଭୁଲାଇ ନେଇ କେତେକଦିନ ଅପଣା ଘରେ ରଖିଥିଲେ । ଉକ୍ତ ମୁସଲମାନ ଅପଣା ସ୍ତ୍ରୀ ଫେରି ପାଇଥିବାର ନାଲିସ କରିବାରୁ ସେ ମୋକଦମା ମୌଲବୀ ସାହେବଙ୍କ ପୂର୍ବ ହେଲା ଏବଂ ତହିଁ ଉତ୍ତାରୁ ସ୍ତ୍ରୀ ଅଦାଲତରେ ଉପସ୍ଥିତ ହେବାରୁ ମୋକଦମା ଡିସ୍‌ମିସ ହେଲା । ବଙ୍ଗଳାର ସମ୍ବାଦପତ୍ରମାନଙ୍କରେ ଏ ସମାଚାର ବାହାରିଅଛି ମୋକଦମା ବନ୍ଧୁବର୍ଗଙ୍କରେ ଥିବାର ଜଣାଯାଏ । ଯେବେ ମୌଲବୀ ସାହେବ ଏପ୍ରକାର କାର୍ଯ୍ୟ କରି ସ୍ୱଜାତୀୟ ଏବଂ ଦେଶୀୟ ହାକିମଙ୍କୁ କଳଙ୍କିତ କରିଥିବେ ତେବେ ତାହାଙ୍କର ଖୁବ କଠିନ ଦଣ୍ଡ ହେଲେ ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେବୁଁ ।

---

ସମ୍ବାଦବାହିକାରେ ପାଠକଙ୍କ ବି ନାଗେ ଏକଥା ପରଭାଦ୍ରୋ ଗ୍ରାମରେ ପ୍ରାୟ ୨ ୧୫ ଜଣ ହେବ ଜନେ ସକାଳବେଳେ ଗୋଟାଏ ବାହାରର ହେଉଁହାର ଉଇଲ ଗୋଟାଏ ବାଘକୁ ମୁଣ୍ଡଅଡ଼ୁ ଧରି ଦେଖି ଅଧେପର୍ଯ୍ୟନ୍ତ ଗିଳିଗଲା । ଗ୍ରାମବାସିମାନେ ଏହି ନୂତନ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ମଣିଲେ କାରଣ ସାପ ବାଘକୁ ଗିଳିବାର କେବେ ଶୁଣା ନ ଥିଲା । ଲୋକମାନଙ୍କୁ ଦେଖି ସାପ ଉକ୍ତ ବାଘର ଅବଶିଷ୍ଟ ଅଂଶ ଲାଞ୍ଜରେ ଗୁଡ଼ାଇ ବାନ୍ଧିଲା । ଜଣେ ସାହସୀ ବ୍ୟକ୍ତି ପଛେ ଦାଉଥି ଭରବାଉର ଏମନ୍ତ ଚୋଟାଏ ମାଇଲା ଯେ ସାପର ମୁଣ୍ଡ ଗଣ୍ଡିରୁ ଅଲଗା ହୋଇଗଲା । ସାପଟି ଲମ୍ବରେ ଆଠହାତ ଓ ବେଢରେ ଏକହାତ ଥିଲା । ଏଥିରୁ ଜଣା ଯାଉଅଛି ଯେ ଅଜଗର ସାପ ବାଘକୁ ମୃତ୍ୟୁ ଧରି ଗ୍ରାସ କରିପାରେ ମାତ୍ର ବାଘ ଅଜଗରକୁ ଜବତ କରିପାରେ ନ ନା ଏଥିର ଉଦାହରଣ କେଉଁ ଶୁଣାଯାଇ ନାହିଁ ।

---

ଯୁନିୟର ଛାତ୍ରବୃତ୍ତି ପରୀକ୍ଷା ହେବାର ଫଳ ବାହାରିଅଛି । ଓଡ଼ିଶାରେ ଯେଉଁମାନେ ଏ ବୃତ୍ତି ପାଇଅଛନ୍ତି ସେମାନଙ୍କ ନାମ ନିମ୍ନ ପ୍ରକାଶିତ ହେଲା । ତହିଁରୁ ପାଠକମାନେ ଦେଖିବେ ଯେ ଏ ପ୍ରଦେଶ ନିମନ୍ତେ ଖଞ୍ଜା ହୋଇଥିବା ଗୋ ୧୦ ଟି ବୃତ୍ତି ମଧ୍ୟରୁ ପ୍ରଧାନ ବିଦ୍ୟାଳୟର ଛାତ୍ରମାନେ ବାଣ୍ଟି ନେଇଅଛନ୍ତି ଅର୍ଥାତ୍ ରେଭେନସା କଲେଜିଏଟ ସ୍କୁଲର ଛାତ୍ରମାନେ ଗୋ ୩ ଟି ଏବଂ ପୁରୀ ଓ ବାଲେଶ୍ୱରର ଜିଲ୍ଲା ସ୍କୁଲମାନ ଗୋ ୩ ଟି ଲେଖାଏ ଗୋ ୬ ଟି କଟକ ଓ ବାଲେଶ୍ୱର ଜିଲ୍ଲାର ଅନ୍ୟାନ୍ୟ ସ୍କୁଲ ଭାଗ୍ୟରେ ଗୋଟିଏ ମଧ୍ୟ ପଡ଼ି ନାହିଁ ।

୨ ୟ ଗ୍ରେଡ୍ ।

| | |
|---|---|
| ପ୍ରସନ୍ନକୁମାର ବସୁ | ରେଭେନ୍ସାକଲେଜିଏଟ ସ୍କୁଲ |
| ଧର୍ମନିଧି ପାହାଡ଼ି | " |
| ସୁଦର୍ଶନ ଦାସ | ପୁରୀ ଜିଲା ସ୍କୁଲ |
| ଅଭୟପ୍ରସାଦ ଦାସ | ବାଲେଶ୍ୱର ଜିଲା ସ୍କୁଲ |

୩ ୟ ଗ୍ରେଡ୍ ।

| | |
|---|---|
| ବୃନ୍ଦାବନଚନ୍ଦ୍ର ପଣ୍ଡା | ବାଲେଶ୍ୱର ଜିଲ୍ଲା ସ୍କୁଲ |
| କମଳାକାନ୍ତ ଦାସ | " " |
| ବସନ୍ତଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ | ରେଭେନ୍ସାକଲେଜିଏଟ ସ୍କୁଲ |
| ଜଗନ୍ନାଥଚନ୍ଦ୍ର ଦତ୍ତ | " " |
| କାଶୀଧର ରାୟ | ପୁରୀ ଜିଲ୍ଲା ସ୍କୁଲ |
| ଲକ୍ଷ୍ମୀମୋହନ ଦାସ ଗୁପ୍ତ | " " |

---

ଢେଙ୍କାନାଳରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଅଳ୍ପଦିନତଳେ ସେଠା ଶିକ୍ଷାକମିଟୀର ଗୋଟି ଏଅଧିବେଶନ ହୋଇଥିଲା ଏବଂ ଉପସ୍ଥିତ ସଭ୍ୟଙ୍କ ମଧ୍ୟରେ କେବଳ ଏକଜଣ ଅର୍ଥାତ୍ ଶ୍ରୀମାକଡ଼ୋନେଲ ସାହେବ ଇଂରେଜ ଛଡ଼ା ଅବଶିଷ୍ଟ ଦେଶୀୟ ଲୋକ ଥିବା ପ୍ରତ୍ୟେକ ସଭାର କାର୍ଯ୍ୟାବଳୀ ଇଂରାଜୀରେ ପଠିତ ହେଲା ଏବଂ ସଭାରେ ଅଗତ ହେବା ପ୍ରସଙ୍ଗମାନଙ୍କର ତର୍କ ବିତର୍କ ମଧ୍ୟ ଇଂରାଜୀ ହେବାରୁ କେବଳ ଇଂରାଜୀ ଜାଣିଥିବା ସଭ୍ୟମାନେ ତହିଁରେ ଯୋଗ ଦେଲେ ଏବଂ ସେମାନେ ଯାହା ସିଦ୍ଧାନ୍ତ କଲେ ତେଣିକ ମାତ୍ର ଇଂରାଜୀ ନ ଜାଣିଥିବା ବ୍ୟକ୍ତିଙ୍କୁ ଓଡ଼ିଆରେ ବୁଝାଇ ଦେଲେ । ଏପ୍ରକାର କାର୍ଯ୍ୟ ପତ୍ରପ୍ରେରକଙ୍କ ମତରେ ଉଚିତ ପ୍ରଣାଳୀ ନୁହଇ । ଇଂରାଜୀ ନ ଜାଣିବା ବ୍ୟକ୍ତିମାନେ ଅପର ସଭ୍ୟଙ୍କ ମତାମତ ଓ ତହିଁର ହେତୁ ବୁଝି ନ ପାରିବାରୁ ସେ ସମ୍ବନ୍ଧରେ କିଛି ଆପଣା ଅଭିପ୍ରାୟ ବ୍ୟକ୍ତ କରି ପାରିଲେ ନାହିଁ ସୁତରାଂ ଏମାନେ ଯେମନ୍ତ ଅପର ସଭ୍ୟଙ୍କ ହୁକୁମ ଶୁଣିବାକୁ ସଭାକୁ ଆସିଥିଲେ । ଆମ୍ଭମାନଙ୍କ ବିବେଚନାରେ ପତ୍ରପ୍ରେରକଙ୍କ ଆପତ୍ତି ଯଥାର୍ଥ ଅଟଇ ଏବଂ ଯେଉଁ ସଭାରେ କେତେ ଜଣ ଇଂରାଜୀ ଜାଣିବା ଓ କେତେ ଜଣ ତାହା ଭାଷା ନ ଜାଣିବା ଲୋକ ଥାନ୍ତି ସେହିଠାରେ ଏପରି ଘଟିବାର ଦେଖାଯାଉଅଛି ଏହା ଢେଙ୍କାନାଳରେ ନୁହଇ । ଯେ ଭାଷା ସମସ୍ତ ସଭ୍ୟ ବୁଝି ପାରନ୍ତି ସେହି ଭାଷାରେ ସଭାର କାର୍ଯ୍ୟ ନିର୍ବାହ ହେବା ଉଚିତ । ଯେବେ ସାହେବ ଓଡ଼ିଆ କହିବା ସମସ୍ତ ବୁଝିବାକୁ ସକ୍ଷମ ନ ହେଲେ ତେବେ ଯଦି କହିବା ବୁଝି ନ ପାରେ ଏମନ୍ତ ସାହେବ ବା ଦେଶୀୟ ଲୋକ ପ୍ରାୟ ନାହାନ୍ତି । ସଭାରେ ଯଦିଓ ବା ଭାଷାରେ କଥା ବାର୍ତ୍ତା ହେଲେ ତାହାର ଅସୁବିଧା ହେବ ନାହିଁ ଓ ସମସ୍ତ ସଭ୍ୟ ଆପଣା ଆପଣା ଅଭିପ୍ରାୟ ଅନାୟାସରେ ପ୍ରକାଶ କରି ପାରିବେ । ଫଳତଃ ସଭାରେ ବସିଥିବା ବ୍ୟକ୍ତିମାନେ ଯେ ଭାଷାରେ ପରସ୍ପର କଥା ବୁଝି ପାରିବେ ସେହି ଭାଷାରେ କଥାବାର୍ତ୍ତା କରିବା ଉଚିତ । ତାହା ନ ହେଲେ ସଭାର କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ ଏବଂ ନୂଆ ଯେଉଁମାନେ ଇଂରାଜୀ ନ ଜାଣିବା ହେତୁରୁ କେବଳ ସାକ୍ଷୀଗୋପାଳ ହୋଇ ବସିବାକୁ ବାଧ୍ୟ ହୁଅନ୍ତି ସେମାନେ ଆପଣାକୁ ଅପମାନିତ ବୋଧ କରନ୍ତି ଏବଂ ସେପରି କରିବା ବାଞ୍ଛନୀୟ ନୁହଇ ।

---

ଜଗନ୍ନାଥାସନସ୍ଥରେ ଯାତ୍ରିଙ୍କ ହେତୁ ଓଡ଼ିଶାର ସରକାରୀ କର୍ମଚାରୀମାନଙ୍କ ଉପରେ ଯୋଡ଼ିଏ ଅଭିଯୋଗ ଉପସ୍ଥିତ ହୁଅଇ ଯଥା, ଲପଯାଇ ଏବଂ ଓଲଟଠା ହେଳ । ଏବର୍ଷ ଏଠା ମାଜିଷ୍ଟ୍ରେଟ ସାହେବଙ୍କ ମନରେ ଏତନ୍ନିମିତ୍ତ ପ୍ରଥମରୁ ଆରମ୍ଭ ହେବା ଏବଂ ମିଉନିସିପାଲିଟି ସହିତ ତହିଁର ବନ୍ଦୋବସ୍ତ କରିବା କଥା ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ଦେବାନନ୍ଦରୁ ଜଗନ୍ନାଥଙ୍କ ଦର୍ଶନ ଏବର୍ଷ ଯାତ୍ରିଙ୍କି

Split by PDF Splitter



ଅବୋ ଦାଖି ନାହିଁ କାରଣ ମହାନଦୀ ଓ କାଠଯୋଡ଼ୀରେ ଅତି ସାମାନ୍ୟ ବଢ଼ିପାଣି ଆସିଥିବାରୁ ଅନୁକୂଳ ପାର ହେବାରୁ ହେଲା ଏବଂ ପୁଷ୍କରିଣୀର ନଦୀମାନ ଶୁଖିଲା ପଡ଼ିଥିଲା । ଓଲାଉଠା ରୋଗ ଯଦ୍ୟପି ଗତବର୍ଷଠାରୁ କିଛି ପ୍ରବଳ ହେଲା ଏବଂ ନିତ୍ୟ ୨ କେତେଗୁଡ଼ିଏ ଯାତ୍ରି ମରି ପଡ଼ିଲେ ମାତ୍ର ମିଉନିସିପାଲିଟୀ ପ୍ରଥମରୁ ସାବଧାନ ହୋଇ କାଠଯୋଡ଼ୀ ଘାଟର ଦୁଇପାଖରେ ଅଛନ୍ତି ଡାକ୍ତର ମେହେନ୍ତର ଡୋଲି ପ୍ରଭୃତିର ବନ୍ଦୋବସ୍ତ କରିଦେବାରୁ ରୋଗିଙ୍କ ଚିକିତ୍ସା ଓ ଶୁଶ୍ରୂଷା ବିଷୟରେ କିଛି ତ୍ରୁଟି ହୋଇ ନାହିଁ । ମିଉନିସିପାଲିଟିର ଏ କାର୍ଯ୍ୟକୁ ଆମ୍ଭେମାନେ ବଡ଼ ପସନ୍ଦ କରୁଅଛୁଁ ଏବଂ ଏଥିପାଇଁ ସେମାନଙ୍କୁ ଧନ୍ୟବାଦ ଦେଉଅଛୁଁ । ଯାତ୍ରିମାନଙ୍କ ଯୋଗେ ଏ ନଗରମଧ୍ୟରେ ଉକ୍ତ ରୋଗ ଠାବେ ୨ ଘଟିଅଛି ଏବଂ ତାହା ଦେଖି ମିଉନିସିପାଲିଟିର ସୁଯୋଗ୍ୟ ଭାଇସ୍‌ଚେୟାରମ୍ୟାନ ବଡ ସୁବିବେଚନାପୂର୍ବକ ଏଠା ଚିକିତ୍ସାଳୟକୁ ଦିବାରାତ୍ର ୨୪ ଘଣ୍ଟା ଖୋଲା ରଖିବାର ବନ୍ଦୋବସ୍ତ କରି ଦେଲେ ଯେ ତାହାର ପୀଡ଼ା ହେଲେ ସେ ତତ୍‌କ୍ଷଣାତ୍ ଔଷଧ ପାଇପାରିବ । ଏ ରୋଗର ଚିକିତ୍ସା ବଡ଼ ଶୀଘ୍ର ଦରକାର । ପ୍ରଥମରେ ଔଷଧ ନ ଦେଲେ ପଛକୁ ସମ୍ଭାଳିବା କଠିନ । ଏଥିପାଇଁ ସବୁ ସମୟରେ ଚିକିତ୍ସାଳୟରୁ ଔଷଧ ମିଳିବାର ବନ୍ଦୋବସ୍ତ ହୋଇଅଛି ଏବଂ ପୀଡ଼ା ଧରିବା ମାତ୍ରକେ ଔଷଧ ନେବା ପାଇଁ ସମସ୍ତଙ୍କୁ ବୁଝାଇଦିଆ ଯାଇଅଛି । ଏପରି ରୋଗ ନିବାରଣ ପକ୍ଷରେ ନିମ୍ନଲିଖିତ ସହଜ ଉପାୟମାନ ଅବଲମ୍ବନ କରିବା କାରଣ ନଗରବାସିଙ୍କୁ ବୁଝାଇ ଦିଆ ଯାଇଅଛି ଯଥା ।

୧ । ଯାହା ଘରେ ଓଲାଉଠା ହେବ ସେ ଆପଣା ଘରକୁ ଅତ୍ୟନ୍ତ ପରିଷ୍କାର ରଖିବ ଏବଂ ଗନ୍ଧକର ଧୂଆଁ ଦେବ ଓ ଅନ୍ୟାନ୍ୟ ଦୁର୍ଗନ୍ଧନିବାରକ ଦ୍ରବ୍ୟ ବ୍ୟବହାର କରିବ ।

୨ । ରୋଗୀର ଲୁଗା ପୁଷ୍କରିଣୀ କିମ୍ବା କୂଅ କିମ୍ବା ତହିଁ ନିକଟରେ କାଚିବ ନାହିଁ ।

୩ । ରୋଗିର ଲୁଗାସବୁ ପୋଡ଼ିପକାଇବ ଏବଂ ଝାଡ଼ା ଓ ବାନ୍ତିସବୁ ପୋତିପକାଇବ ।

୪ । ଘରର ଚାରିଅଡ଼ ମଧ୍ୟ ପରିଷ୍କାର ରଖିବ ।

୫ । ଖଞ୍ଜାଇତରେ ବା ନିକଟରେ ଥିବା ଅଳିଆ ଗୋବର ଇତ୍ୟାଦି ଉଠାଇ ଦେବ ।

ଏ ବିଷୟର ଇଂରାଜୀପତ୍ର ସ୍ଥାନାନ୍ତରେ ପ୍ରକାଶିତ ହେଲା । ଏହିପତ୍ର ଆମ୍ଭେମାନେ କଷ୍ଟରୁ ବିଳମ୍ବରେ ପାଇବାରୁ ଗତସପ୍ତାହରେ ପ୍ରକାଶ କରି ପାରି ନଥିଲୁଁ ।

ଉପରଲିଖିତ ନିୟମମାନ ପାଳିବା କଠିନ ନୁହଇ ଏବଂ ତଦ୍ୱାରା ଓଲାଉଠାର ସଂକ୍ରମଣ ବହୁପରିମାଣରେ ନିବାରିତ ହେବାର ପୁନଃ ୨ ଦେଖାଯାଇ ଥିବାରୁ ଲୋକଙ୍କୁ ଅନୁରୋଧ ଯେ ସେମାନେ ସର୍ବଦା ଏହାସବୁ ସ୍ମରଣ ରଖି ଆବଶ୍ୟକବେଳେ ତଦନୁସାରେ କର୍ମକାରକ ହେବେ ।

---

### ଦେଶୀୟ କର୍ମଚାରୀଙ୍କର ଦୁର୍ଦ୍ଦଶା ।

ଅମୃତବଜାର ପତ୍ରିକା ଗତ କେତେ ସପ୍ତାହରୁ କ୍ରମାଗତ ଦେଖାଇ ଆସୁଅଛନ୍ତି ଯେ ଦେଶୀୟ ଲୋକଙ୍କର ଉଚ୍ଚ ବେତନର ଚାକିରୀ ପାଇବାର ପ୍ରାୟ ଆଶା ନାହିଁ । ସେ ପ୍ରଥମେ ଡାକବିଭାଗ ଓ ତହିଁଉତ୍ତାରୁ ଜଙ୍ଗଲବିଭାଗର ବର୍ଣ୍ଣନା କରିଅଛନ୍ତି । ଏ ଉଭୟ ବିଭାଗରେ ଦେଶୀୟ ଲୋକଙ୍କର ଚାକିରୀ ପାଇବାର ନିୟମରେ ବା ପ୍ରତ୍ୟକ୍ଷେ ଉଚ୍ଚ ପଦମାନ ଇଂରାଜମାନଙ୍କର ଏକଚାଟିଆ ହୋଇ ଯାଉଅଛି ଏବଂ ଦେଶୀୟ ଲୋକମାନେ ନିମ୍ନ ଶ୍ରେଣୀରେ ପଡ଼ି ରହିଅଛନ୍ତି । ବିଭାଗୀୟ ପ୍ରଧାନ କର୍ମଚାରୀମାନେ ଇଂରାଜ । କୌଣସି ଉଚ୍ଚ ବେତନର ପଦ ଖାଲିହେଲେ ଯେତେବଡ଼ ଯୋଗ୍ୟ ଓ ପୁରାତନ ଦେଶୀୟ କର୍ମଚାରୀ ସେ ପଦକୁ ଉନ୍ନତ ପାଇବାର ଉପଯୁକ୍ତ ହେଉ ପଛକେ ତାହାକୁ ସେକର୍ମ ଦିଆ ନ ଯାଇ ତାହାଠାରୁ ଅଥବା ଅପେକ୍ଷାକୃତ ଅଳ୍ପକାଳ ସେହିପରି ସମାନ ପଦରେ ଥିବା ଇଂରାଜକର୍ମଚାରୀଙ୍କୁ ଉନ୍ନତ ଦିଆ ଯାଉଅଛି ଓ ଦେଶୀୟ କର୍ମଚାରୀମାନେ ଅଳ୍ପବେତନରେ ପଡ଼ି ରହି ଅଛନ୍ତି । ଡାକବିଭାଗରେ ଏବେ ୨ ଜଣ ଇଂରାଜ କର୍ମଚାରୀ କୋଡ଼ିଏ ବା ତିରିଶ ଦେଶୀୟ କର୍ମଚାରୀଙ୍କୁ ଡେଇଁ ଯାଇ ଉନ୍ନତ ଲଭୁଅଛନ୍ତି । ଏ କଥାମାନ ସହଯୋଗୀ କର୍ମଚାରୀଙ୍କ ନାମ ନିୟୋଗର ସମୟ ପ୍ରକାଶକରି ଅକାଟ୍ୟଭାବରେ ପ୍ରମାଣ କରିଅଛନ୍ତି ଏବଂ ଆମ୍ଭେମାନେ ତାହା ଦେଖି ବିସ୍ମୟାପନ୍ନ ହୋଇଅଛୁଁ । ଜଙ୍ଗଲବିଭାଗରେ ଟ ୨୫୦ ଙ୍କା ଓ ତହିଁରୁ ଊର୍ଦ୍ଧ୍ୱ ବେତନର ଜ ୧୦୮ ଣ କର୍ମଚାରୀ ଅଛନ୍ତି ତହିଁମଧ୍ୟରେ ଜଣେସୁଦ୍ଧା ଦେଶୀୟଲୋକ ନାହାନ୍ତି । ଟ ୨୫୦ ଙ୍କାରୁ ନ୍ୟୂନ ବେତନର ଜ ୨୧ ଣ କର୍ମଚାରୀ ଅଛନ୍ତି କେବଳ ଏଥିମଧ୍ୟରେ ଜ ୬ ଣ ଦେଶୀୟ ଲୋକ ଅଛନ୍ତି । ଏ ବିଭାଗରେ ମଧ୍ୟ ପଦୋନ୍ନତି ସମୟରେ ଦେଶୀୟଲୋକଙ୍କ ଯୋଗ୍ୟତା ଓ ଚାକିରୀର ସମୟର ବିଚାର ନ ହୋଇ ଇଂରାଜମାନଙ୍କୁ ଆଗେ ଉନ୍ନତ ଦିଆଯାଏ ଏବଂ ସେମାନଙ୍କୁ ଉନ୍ନତ ଦେବାସମୟରେ ବିଭାଗୀୟ ନିୟମମାନ ମଧ୍ୟ କେବେ ୨ ଉପେକ୍ଷିତ ହୁଅଇ । ଅମୃତବଜାରପତ୍ରିକା ଏହିପରି ସରକାରୀ କର୍ମ ପାଇବା ପକ୍ଷରେ ଦେଶୀୟଲୋକଙ୍କ ପ୍ରତି ଯେତେ ଅବିଚାର ହେଉଅଛି ସେ ସମସ୍ତ ସର୍ବସାଧାରଣଙ୍କ ଜ୍ଞାତସାରରେ ଆଣି ବଡ଼ ଉତ୍ତମକାର୍ଯ୍ୟ କରିଅଛନ୍ତି ଏଥିପାଇଁ ସେ ଆମ୍ଭମାନଙ୍କ ଧନ୍ୟବାଦର ପାତ୍ର ଅଟନ୍ତି । ମାତ୍ର ଗବର୍ଣ୍ଣମେଣ୍ଟ ଏସବୁ କଥାରେ କର୍ଣ୍ଣପାତ କରିବେ କି ? ଅବଶ୍ୟ କରିବା ନ କରି ବା ତାହାଙ୍କ ଇଚ୍ଛାମାତ୍ର ଏମନ୍ତ ଗୁରୁତର ଅବିଚାରମାନ ସାଧାରଣରେ ପ୍ରକାଶ ହେଲା ଉତ୍ତାରୁ ଗବର୍ଣ୍ଣମେଣ୍ଟ ତୁନି ହୋଇ ରହିଲେ ଭଲ ଦିଶିବ ନାହିଁ ଏବଂ ଲୋକଙ୍କର ଏହି ବିଶ୍ୱାସ ଅଧିକତର ଦୃଢ଼ ହେବ ଯେ ଇଂରାଜମାନଙ୍କୁ ଦାନା ଦେବା ବିଷୟରେ ଏପ୍ରକାର ଅବିଚାରପ୍ରତି ଗବର୍ଣ୍ଣମେଣ୍ଟଙ୍କର ସହାନୁଭୂତି ଅଛି ଏବଂ ଏହିକଥା ଉପରସ୍ଥ କର୍ମଚାରୀମାନେ ବୁଝିପାରି ନିର୍ଭୟରେ ସ୍ୱଜାତୀୟ ଲୋକଙ୍କୁ ବଡ଼ ୨ ପଦମାନ ଦେଉଅଛନ୍ତି ଏବଂ ଦେଶୀୟଲୋକଙ୍କ ଦାବୀପ୍ରତି ଆଦୌ ଦୃଷ୍ଟିପାତ କରନ୍ତି ନାହିଁ । ଫଳତଃ ଗବର୍ଣ୍ଣମେଣ୍ଟ ସ୍ୱୀକାର କରନ୍ତୁ ଅବା ନ କରନ୍ତୁ ନାନା ମହକୁମାରେ ସରକାରକର୍ମରେ ଲୋକ ନିଯୁକ୍ତ କରିବା ସମୟରେ ଯେ ସମସ୍ତ ଅବିଚାର ହେଉଅଛି ସମ୍ବାଦପତ୍ରରେ ସେମାନ ସର୍ବଦା ପ୍ରକାଶ ହେବାର ଉଚିତ ଓ ସମସ୍ତ ସମ୍ବାଦପତ୍ରର ସମ୍ପାଦକମାନେ ଅମୃତବଜାରର ଦୃଷ୍ଟାନ୍ତ ଅନୁସାର ଏହିପରି ଅବିଚାରମାନ ଦେଖାଇବାରେ ପ୍ରବୃତ୍ତ ହେଲେ ଅନେକ ରହସ୍ୟ ବାହାରିବ ଏବଂ ସମୟରେ ତଦ୍ୱାରା ସାଧାରଣ ଉପକାର ହୋଇପାରିବ ।

---

### ଓଡ଼ିଶାବାସିଙ୍କର ବାଣିଜ୍ୟସ୍ପୃହା ।

ଗତ ଭୟଙ୍କର ତୋଫାନ ଓ ତଦ୍ୱାରା ଗୁଜବାଲିଜାହାଜର ଶୋଚନୀୟ ସର୍ବନାଶ ଅନ୍ୟାନ୍ୟସ୍ଥାନ ଅପେକ୍ଷା ଓଡ଼ିଶାବାସିଙ୍କୁ ଅଧିକ ଚିନ୍ତାରେ ପକାଇଅଛି ଏବଂ ତହିଁରେ ଆଶ୍ଚର୍ଯ୍ୟ କିଛି ନାହିଁ । ଶ୍ରୀ ଜଗନ୍ନାଥଙ୍କଦେଶ ଓଡ଼ିଶାର

Digitized by srujanika@gmail.com

Split by PDF Splitter

234



ଗୌରବ ଏବଂ ତାହାଙ୍କ ଯାତ୍ରି ବସ୍ତ୍ର ଲୋକଙ୍କର ଜୀବନଧାରଣର ଉପାୟ । ଶ୍ରୀ କ୍ଷେତ୍ର ଗୋଟିଏ ପ୍ରଧାନ ତୀର୍ଥ ହୋଇ ନ ଥିଲେ ଓଡ଼ିଶା ବୋଲି ଗୋଟିଏ ପ୍ରଦେଶ ଅଛି ବୋଲି ଅନ୍ୟସ୍ଥାନର ଲୋକଙ୍କୁ ପ୍ରାୟ ଜଣାପଡ଼ନ୍ତା ନାହିଁ ଏବଂ ଜାଣିଲେ କେହି ଆସିବାକୁ ମନ କଲାନ୍ତେ ନାହିଁ । ବର୍ଷଯାକ ନାନାଦେଶରୁ ଅସଂଖ୍ୟ ଯାତ୍ରି ଆସୁଅଛନ୍ତି ବୋଲି ସହର ଭଲ ତଷ୍ଟ ଇତ୍ୟାଦ ଜାଗ୍ରତ ରହିଅଛି ଏବଂ ସେହି ଯାତ୍ରିଙ୍କର ସେବା କରିବା ଓ ଅନ୍ନ ଯୋଗାଇବା ଦ୍ୱାରା ବସ୍ତ୍ରଲୋକ ନାନା ଉପାୟରେ ଆପଣା ଜୀବିକା ନିର୍ବାହ କରୁଅଛନ୍ତି । ଶ୍ରୀକ୍ଷେତ୍ରକୁ ଯେତେ ଅଧିକ ଯାତ୍ରି ଆସିବେ ସେତେ ଓଡ଼ିଶାର ମଙ୍ଗଳ ସୁତରାଂ ଯାତ୍ରିଙ୍କର ଯିବା ଆସିବା ବିଷୟରେ ଯେତେପ୍ରକାର ସୁବିଧା କରି ଦିଆଯାଇ ପାରେ ସେ ପକ୍ଷରେ ଅମ୍ଭମାନଙ୍କର ଚେଷ୍ଟା କରିବା ଉଚିତ । ସମ୍ପ୍ରତି ପଥରେ ସାକ୍ଷାତ ବିପଦ ଦେଖି କଲିକତା ଓ ଏଠା ମହାଜନମାନେ କୋଷ୍ଟକେନାଲ ଏବଂ ରେଲବାଟ ଶୀଘ୍ର ଫିଟାଇବାପାଇଁ ଏବଂ ବୃଲକ ସାହେବଙ୍କର ଜାହାଜ ଇତ୍ୟାଦ କ୍ରୋକ ହେବାରୁ ସେ ମୋକଦମା ମିଟିଯିବା ବା ଅନ୍ୟ କେହି ମହାଜନ ଜାହାଜ ଚଳାଇବା ପର୍ଯ୍ୟନ୍ତ ଚାନ୍ଦବାଲି ଏବଂ କଟକମଧ୍ୟରେ ସରକାର ଜାହାଜ ଚଳାଇବା କାରଣ ଗବର୍ଣ୍ଣମେଣ୍ଟରେ ଦରଖାସ୍ତ କରିଅଛନ୍ତି ଏବଂ କମିଶନର ସାହେବ ଏ ଦରଖାସ୍ତମାନ ମଞ୍ଜୁର କରିବା ସକାଶେ ଯଥାସାଧ୍ୟ ଅନୁରୋଧ କରିଅଛନ୍ତି । ଶୁଣିବାରେ ଏକମାସ ମଧ୍ୟରେ କୋଷ୍ଟକେନାଲ ଫିଟାଇବା କାରଣ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି ଏବଂ କଟକ ଚାନ୍ଦବାଲି ମଧ୍ୟରେ ମହାଜନୀ ଜାହାଜର ବନ୍ଦୋବସ୍ତ ନ ହେଲେ ସରକାରୀ ଜାହାଜ ଚଳିବାର ସମ୍ଭବ ବୋଧ ହେଉଅଛି । ଫଳତଃ ଅମ୍ଭଦେଶୀୟଙ୍କ ଦରଖାସ୍ତ ଅନୁସାରେ କୋଷ୍ଟକେନାଲ ଫିଟିଲେ ଓ ଚାନ୍ଦବାଲି କଟକମଧ୍ୟରେ ସରକାର ବା ଅନ୍ୟ କେହି ଜାହାଜ ଚଳାଇଲେ ଏଥିରେ ଅମ୍ଭମାନଙ୍କର ସନ୍ତୁଷ୍ଟ ହେବାର ଉଚିତ କି ? ଅମ୍ଭେମାନେ ତ କେବଳ କର୍ତ୍ତୃପକ୍ଷଙ୍କଠାରେ ଦରଖାସ୍ତ କରିବା ଭିନ୍ନ ଆଉ କୌଣସି କାର୍ଯ୍ୟର ଯୋଗ୍ୟ ନୋହୁଁ । କୋଷ୍ଟକେନାଲ ଖୋଲି ଅର୍ଥାତ କଟକ ଚାନ୍ଦବାଲି ବାଟ ହୋଇ ଏଥିରେ ଜାହାଜଦ୍ୱାରା ପଥିକ ଓ ମାଲ ତୋଳାଇବା ଓ ଏକତ୍ର କାର ଅମ୍ଭମାନଙ୍କର ଘରକାର୍ଯ୍ୟ ଏବଂ ଏ ବ୍ୟବସାୟ ଯେ ଲବଣର ଉନ୍ନତିରେ ଅଣୁମାତ୍ର ସନ୍ଦେହ ନାହିଁ । କାହିଁ କଲଡ କାହିଁ ଅନ୍ୟାନ୍ୟ ସ୍ଥାନ ସେଠାରୁ ମହାଜନମାନେ ଆସି ଅମ୍ଭମାନଙ୍କ ଘର ପାଖରେ ବାଣିଜ୍ୟ କରି ଲାଭ ନେଇ ଯାଉଅଛନ୍ତି ଏବଂ ଅମ୍ଭେମାନେ ଦେଖି ଶୁଣି ସୁଦ୍ଧା ଜାଗ୍ରତ ହେଉ ନାହୁଁ । ଅମ୍ଭମାନଙ୍କର କି ବାଣିଜ୍ୟସ୍ପୃହା ଆଦୌ ନାହିଁ ? "ବାଣିଜ୍ୟେ ବସତେ ଲକ୍ଷ୍ମୀ" ପଦ ଅମ୍ଭମାନଙ୍କ ବିଖ୍ୟାତ ପୂର୍ବପୁରୁଷଙ୍କ କଥା ଅମ୍ଭେମାନେ କି ଏତେ ଅଯୋଗ୍ୟ ସନ୍ତାନ ହେଲୁଁ ଯେ ସେହି ସାରବାକ୍ୟର ମର୍ଯ୍ୟାଦା କିଛିମାତ୍ର ରକ୍ଷିପାରୁ ନାହିଁ ? ଏତେଦିନ ସେ କାର୍ଯ୍ୟରେ ହେଳା କରି ଯଥେଷ୍ଟ ଦୁଃଖ ଭୋଗୁଅଛୁଁ ଏଥର କି ଚେତନା ହେବ ନାହିଁ ? ହେ ଉତ୍କଳବାସିମାନେ ଆଉ ବିଳମ୍ବ କରିବାର ସମୟ ନାହିଁ । ଉପାୟ ସବୁପାଖରେ ପଡ଼ି ରହିଅଛି କେବଳ ଉଦ୍ୟମ ଫଳ ପାଇବାକୁ ଅମ୍ଭେମାନେ ମନ କଲୁଁ ନାହୁଁ । କୋଷ୍ଟକେନାଲ ଏବଂ ଚାନ୍ଦବାଲି ଓ କଟକମଧ୍ୟରେ ଜାହାଜଦ୍ୱାରା ପଥିକ ଓ ମାଲ ତୋଳାଇବା କାର୍ଯ୍ୟ ଅମ୍ଭେମାନେ ଚେଷ୍ଟା କଲେ ଅନାୟାସରେ କରିପାରୁଁ ଏବଂ ଏଥିଛଡ଼ା ପୁରୀ ଓ କଟକମଧ୍ୟରେ ବଳଦଗାଡ଼ି ବା ଘୋଡ଼ାଗାଡ଼ିଦ୍ୱାରା ଗମନାଗମନର ବନ୍ଦୋବସ୍ତ ହୋଇପାରେ । ଏଥିପାଇଁ ଯେତେ ମୂଳଧନର ପ୍ରୟୋଜନ ତାହା ଯେ ଓଡ଼ିଆବାସିମାନେ ଦେବାକୁ ଅକ୍ଷମ ଏକଥା ଅମ୍ଭମାନଙ୍କର ବିଶ୍ୱାସ ହେଉ ନାହିଁ । କେବଳ ଚେଷ୍ଟାର ଅଭାବ ଏଥିପାଇଁ ଅମ୍ଭେମାନେ କହୁଅଛୁଁ ଯେ ଓଡ଼ିଆବାସିଙ୍କର ବାଣିଜ୍ୟ ସ୍ପୃହା ନାହିଁ ।

## ସାପ୍ତାହିକ ସମ୍ବାଦ ।

ଯୋବରାଟର ଜୁଡଜଣ ମାଜି ଅଧିକା ମାସୁଲ ନେଉଥିବା ଅପରାଧରେ ଶ୍ରୀଯୁକ୍ତ ପିଟର ସାହେବ ମାଜିଷ୍ଟ୍ରେଟ ୫୦୦ ଟଙ୍କା ଜରିମାନା କରିଅଛନ୍ତି । ଧନ୍ୟବାଦ,

ଏଠା ଉତ୍କଳବ୍ରାହ୍ମସମାଜର ବାର୍ଷିକ ଉତ୍ସବ ଉପଲକ୍ଷରେ ଗତ ରବିବାର ବାବୁ ଦେବେନ୍ଦ୍ରନାଥ ମୁଖୁର୍ଯ୍ୟା ଡେପୁଟି ଇନ୍ସପେକ୍ଟରଙ୍କ କୋଠାରେ ପ୍ରଜା ସମ୍ମୋହନ ସମ୍ବନ୍ଧ ବିଷୟରେ ଗୋଟିଏ ସୁନ୍ଦର ବକ୍ତୃତା ପ୍ରଦାନ କରିଥିଲେ ।

ଏଠା କଲେଜସ୍କୁଲରେ ଗତ ୧୬ ତାରିଖ ବର୍ଷ ସକାଶେ କେବଳ ବି, ଏ, ପ୍ରାର୍ଥନା କରି କେବଳ ହେଲେ ଓ ପ୍ରବେଶିକା ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ଏକବାକ୍ୟ ତାହା ଘଟଇ । ବି, ଏ,-ର ଦର ଏତେ ଭଲ ହେଲା କି ?

ବର୍ଷା ବାଡ଼ି ବନ୍ଦୋବସ୍ତ ହେବାର ଉଦ୍ଧାର ହେଲା । ଶୀଘ୍ର କାର୍ଯ୍ୟ ଆରମ୍ଭ ହେବାର ଶୁଣାଯାଏ ।

ଏଠା ଟେଲିଗ୍ରାଫ ଅଫିସର ସୁପ୍ରେଣ୍ଟେଣ୍ଡ କାର୍ଟିନ ସାହେବ କାଲେକ୍ଟର ସାହେବ କୋଠିରେ ଗତମାସରେ ଥିବା ସମୟରେ ତାହାଙ୍କର ବାକ୍ସ ଭାଙ୍ଗିରେ ଥିବା ସରକାରୀ ଟ ୪୦୦ ଟା ଓ ନଗଦ ଟ ୨୦୦ ଟା ଏପରି ଟ ୭୦୦ ଟା ଚୋରି ହୋଇଯାଇଅଛି । ପୁଲିସ ଅନୁସନ୍ଧାନରେ ଅଦ୍ୟାପି କୌଣସି ଫଳ ନ ହେବାର ସମ୍ବାଦପତ୍ରରୁ ଦେଖିଅଛନ୍ତି ।

ମୋରସାସ୍ଥରେ ଜଣେ ଚାଷଘରେ ଗୋଟିଏ ଅଦ୍ଭୁତ ବାଛୁରି ଜନ୍ମ ହୋଇଅଛି ଯେ ତାହାର ଦୁଇଯୋଡ଼ା ଗୋଡ଼ ଅଛି । ଅର୍ଥାତ ଏକଯୋଡ଼ା ଯଥାସ୍ଥାନରେ ଏବଂ ଅପରଯୋଡ଼ିକ ମସ୍ତକରେ । କି ଆଶ୍ଚର୍ଯ୍ୟ !

ଓଲାଉଠା ରୋଗ ଅଳ୍ପକାଳି ଅନେକସ୍ଥାନରେ ମାଡ଼ିଅଛି । ରଣପୁର ରାଜ୍ୟ ଅଠମଲ୍ଲିକ ପ୍ରଭୃତ ଗଡ଼ଜାତରେ ଏହାର ପ୍ରାଦୁର୍ଭାବ ଦେଖାଯାଏ ।

ପୁରୀ ରଥଯାତ୍ରାରେ ଏଥର ବହୁତ ଯାତ୍ରୀ ହୋଇ ନ ଥିଲେ ଅର୍ଥାତ ୨୦।୨୨ ହଜାରରୁ ଅଧିକ ନୁହନ୍ତି । ରଥକୁ ପହଣ୍ଡି ବଡ଼ଦେଉଳ ଅନେକ ଦିନ ହେ ଲାଗିଥିଲା । ଏମାନଙ୍କ ଫଳାଫଳ ବୁଝିବୁ ଏଯାତ୍ରାର ବିବରଣ ଏଠାରୁ ଦେବାକୁ ଅକ୍ଷମ ହେଲୁଁ ।

ରଣପୁର ରାଜା ଗଜରାଜଙ୍କ ମହଲରୁ ଗତ ମଇମାସ ତା ୨୭ ଦଶ ବର୍ଷରେ ଚୋରି ହୋଇଥିବା ମାଲ ମଧ୍ୟରୁ ଭୁବନେଶ୍ୱରରେ ଜ ୪ ଏ ଦେଓଘରର ଜଣାଶୀ ମୁସଲମାନଙ୍କ ନିକଟରୁ ରୂପାତଙ୍କାର ଅଳଙ୍କାର ପ୍ରଭୃତି ଟ ୧୦୦୦ ଟଙ୍କାର ବାହାରିଲା ସେମାନେ ଧରା ହୋଇ ଏଠାକାର ଜେଲରେ ହାଜତରେ ଅଛନ୍ତି ମୋକଦମା ହେଉଅଛି ତଦନ୍ତରେ ଅଛି ତାହାର ଅସାମିମାନଙ୍କ ମଧ୍ୟରୁ ଏକଜଣ ରେଲୱେ ଦେବାର ସ୍ୱୀକାର କରି ଅଛି ଦେଖ କେତେକ ମାଲ ଦେଇଅଛି ଏପର୍ଯ୍ୟନ୍ତ ସୁଦ୍ଧା ଅଳଙ୍କାର ଓ ସ୍ୱର୍ଣ୍ଣ ପ୍ରଭୃତି ବହୁମୂଲ୍ୟ ଦ୍ରବ୍ୟମାନ ମିଳି ନାହିଁ ।

### କଲିକତା ଗେଜେଟ ।

ବାବୁ ରାମଚନ୍ଦ୍ର ଚଟୁର୍ଯ୍ୟା କାର୍ଯ୍ୟରୁ ଅବସର ଗ୍ରହଣ କରିବାରୁ ତାହାଙ୍କ ସ୍ଥାନରେ ବାବୁ ଜଗବନ୍ଧୁ ଦାସ ଡେପୁଟି କଲେକ୍ଟର ଖୋର୍ଦ୍ଧାରେ ସ୍ଥାପିତ ହେଲେ ।

ପୁରୀର ଡେପୁଟିମାଜିଷ୍ଟ୍ରେଟ ଓ ଡେପୁଟିକଲେକ୍ଟର ବାବୁ ଗଙ୍ଗାଧର ଦାସ ଏକମାସର ଉତ୍ତମ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ଅଷ୍ଟଗଡ଼ ଓ ଯାଜପୁର ଡିଭିଜନର ଏକ୍ସଟ୍ରା ଇନସ୍ପେକ୍ଟର ମି, ଏ ଏଲ୍ ଟମସନ ତିନିମାସର ଫର୍ଲୋ ପ୍ରାପ୍ତ ହୋଇଅଛନ୍ତି ଓ ଉକ୍ତ ଡିଭିଜନର ଦ୍ୱିତୀୟଶ୍ରେଣୀର ଏକ୍ସଟ୍ରା ଇନସ୍ପେକ୍ଟର ମି, ଟି. ଡି. କେ ବାଟ୍ଲର ତିନିମାସର ଫର୍ଲୋ ପ୍ରାପ୍ତ ହୋଇଅଛନ୍ତି ।

ପୁରୀର ବାଲିଗଣ୍ଡି ଏକ ନ ମଠ ଭୁମ ହେବା କଥା ଏଥିପୂର୍ବେ ଜଣା ଯାଇଥିଲା । ବର୍ତ୍ତମାନ ଶୁଣାଯାଉଅଛି ପାଠକଙ୍କ ସେ ଗୋଟିଏ ଗଛ ଗାଇଗଲେ ଭାଙ୍ଗିଲା କରାଇ କି କରେ । ପଠାଉ କି ଏହାଙ୍କ ମୁକ୍ତି କେ ଦିବ ନାହିଁ ? ।

ଜ୍ଞାନବିଜ୍ଞାନ ଦଂସ୍ଥାବନ୍ତ ହେବାରେ ତଦ୍ୱ୍ୟାନାନ୍ଦ ଏକ ନୂତନଫଳ ସେଠାରୁ ଆମଦାନି ହେବାର ଶୁଣାଯାଏ । ଏଫଳ ଖାଇଲେ ଶରୀରରେ ବହୁତ ବଳ ବୃଦ୍ଧି ହୋଇ କହ ହେଉଅଛି । ଗ୍ରାମବାସିମାନେ ଭଲଭାବରେ ଶାସନର ବାଗ୍ମ ଯୋଗାଇ ଏହି ଫଳଯୋଗେ ଯେବେ ବଳବାନ ହୋଇପାରିବେ ତେବେ ମନ୍ଦ ହେବ ନାହିଁ ।

Digitized by srujanika@gmail.com

ଗତ ଜୁନମାସ ତା ୨୪ ରଖରେ ସନ୍ଧ୍ୟା ସ ୭ ଘଣ୍ଟାସମୟରେ ଇଷ୍ଟୋଠାରେ ଏକ ବୃହତ୍ ଉଲ୍କାପିଣ୍ଡ ଦେଖାଯାଇଥିବାର ସମ୍ବାଦପତ୍ରମାନଙ୍କରୁ ପ୍ରକାଶ । ଏହା ଆକାଶରୁ ତଳକୁ ଖସି ଆସିବା ସମୟରେ ଚତୁର୍ଦ୍ଦିଗ ଆଲୋକିତ କରିଥିଲା ମାତ୍ର ପୃଥିବୀରେ ନ ପଡ଼ି ପ୍ରାୟ ୧ ସେକେଣ୍ଡ ପରେ ଉହାରୁ ନିଃଶେଷ ହୋଇଗଲା । ନିଃଶେଷ ହେଲାବେଳେ ଏଥିରୁ ପ୍ରଥମେ ନୀଳବର୍ଣ୍ଣ ଓ ତତ୍ପରେ ପାଣ୍ଡୁର ଶିଖାରଙ୍ଗ ଉଦ୍ଭବ ହୋଇ ମୁହୂର୍ତ୍ତ ଚାକଚିକ୍ୟ ସହକାର ସୂଚିତ କରିଥିଲା ।

ଉତ୍ତରପଶ୍ଚିମାଞ୍ଚଳ କନ୍ଦାଠାରୁ ଜନୈକ ସମ୍ବାଦଦାତା ଷ୍ଟେଟସମାନ ପତ୍ରିକାକୁ ଲେଖିଅଛନ୍ତି ଯେ ସେଠାରେ ମଧ୍ୟ ଗତ ଜୁନମାସ ତା ୨୪ ରଖ ରାତ୍ର ସ ୮ ଘଣ୍ଟା ସମୟରେ ଗୋଟିଏ ଉଜ୍ଜ୍ୱଳ ଉଲ୍କାପିଣ୍ଡ ଦୃଷ୍ଟ ହୋଇଥିଲା । ଏହା ପୂର୍ବଦିଗରୁ ପଶ୍ଚିମ ଦିଗକୁ ଗମନ କରୁ କେଳେ ୨ ଥିଲା, ନାଲି ସବୁଜ ଏବଂ ନୀଳବର୍ଣ୍ଣ ଧାରଣ କରିଥିଲା ଏବଂ ପରିଶେଷରେ ତୋପଧ୍ୱନିପରି ଭୟାନକ ଶବ୍ଦ ପ୍ରକାଶକରି ଏହା ନଷ୍ଟ ହୋଇଗଲା । ସେଠାଲୋକେ ଏଥିରେ ନାନାବିଧ ଅମଙ୍ଗଳର ଆଶଙ୍କା କରି ଭୟରେ କାତର ଅଛନ୍ତି ।

ପୂର୍ବ ବଙ୍ଗଳା ରେଲର ଗୋଟିଏ ଷ୍ଟେସନ (ଚୌକି)ରେ ଜଣେ ଦେଶୀୟ ଲୋକ ଆପଣା ସ୍ତ୍ରୀ ସହିତ ଅଳ୍ପଦିନ ତଳେ ଉପସ୍ଥିତ ହୋଇ କଲିକତା ଯିବା କାରଣ ଟିକଟ କିଣିଲେ । ସେମାନଙ୍କ ସଙ୍ଗେ ଗୋଟିଏ ବଡ଼ ଟିଣର ବାକ୍ସ ଥିଲା । ସେହି ବାକସରେ ଔଷଧ ଥିବାର କହି ସେମାନେ ରେଲବାଟ ଦାମ ମାଗିବାରେ ରେଲବାଲା ଉକ୍ତ ବାକ୍ସ ପରୀକ୍ଷା କରି ଦେଖିଲେ ଯେ ତହିଁରେ ଦୁଷ୍ପ୍ରାପ୍ୟ ପଦାର୍ଥମାନ ନିଃସୃତ ହେଉଅଛି । ତହୁଁ ସେ ପାସ ଦେବାକୁ ଅସ୍ୱୀକୃତ ହେଲେ ମାତ୍ର ଲୋକେ ବାକସରେ କେବଳ ଔଷଧ ଥିବାର କହି ପାସନିମିତ୍ତ ଜିଦ କରନ୍ତେ ରେଲବାଲା ଉକ୍ତ ବାକସକୁ ଖୋଲି ଦେଖିବାରେ ତହିଁରେ ବହୁମୂଲ୍ୟ ପୋଷାକ ଏବଂ ଅଳଙ୍କାରରେ ଭୂଷିତ ଗୋଟିଏ ଶିଶୁସନ୍ତାନ ଦେଖାଗଲା । ଉକ୍ତ ପିଲାଟି ବାକ୍ସ ଅନ୍ଦରରେ ମୃତବତ୍ ହୋଇ ଯାଇଥିଲା । ଏହାର ପରମ୍ପରା ଶୁଣିଅଛି ମାତ୍ର ସେଲୋକ କେଉଁ ଅଭିପ୍ରାୟରେ ଏପରି କରିଥିଲେ ଅଦ୍ୟାପି କିଛି ଜଣା ଯାଇ ନାହିଁ ।

ଅପାର୍ଶ୍ୱର ପାତ୍ରଙ୍କ ଅବସ୍ଥା ବୁଝି ରିପୋର୍ଟ କରିବା କାରଣ ଗଭର୍ଣ୍ଣମେଣ୍ଟ ପୋପ ଲୋକ ପଠାଇଅଛନ୍ତି ।

## କେନ୍ଦ୍ରାପଡ଼ା-ସମ୍ବାଦ ।

ଅଟେବ ତ ୧୬ ନ ତଳେ ଏହି କେନ୍ଦ୍ରାପଡ଼ା ଟାଉନ ମଧ୍ୟରେ ଗୋଟିଏ ପାନବକ୍ରେତାଣୀ ଓ ଏକଜଣ ମୁସଲମାନ ମିଳି ଦୁଇଗୋଟି କସ୍ତୁରୀକଣ୍ଠ ଦେଇଅଛନ୍ତି । ଏଥିରେ ଉଭୟଙ୍କର ପ୍ରାୟ ଟ ୧୦ ଟ ୩୦ ଙ୍କା ଖର୍ଚ୍ଚ ହୋଇଥିଲା ବୋଲି ଯେତେପ୍ରକାର ଦୁର୍ବ୍ୟବହାର ଅଛି ତନ୍ମଧ୍ୟରେ ଏହା ଗୋଟିଏ -

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଉଳାଙ୍ଗ ମୌଜାରେ ଗୋଟିଏ ଫାସିଦଓ୍ୱ ମୋକଦ୍ଦମା ହୋଇଅଛି, ଯେ ତହିଁ-ସମ୍ପର୍କରେ କେତେକ ସନ୍ଦେହ ଉପସ୍ଥିତ ହୋଇଅଛି ପୋଲିସଙ୍କୁ ଅନୁରୋଧ ଯେ ସେ ଏ ବିଷୟରେ ସାବଧାନ ହେବେ ।

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବେଲତଳ ମୌଜାରେ ଜଣେ ବୃଦ୍ଧା ସ୍ତ୍ରୀଲୋକ ହର ପାର୍ବତୀ ଦର୍ଶନ କରିବା ସକାଶେ ଯାଇଥିଲା, ସେଠାରେ ଏକ ଅପରିଚିତ ଲୋକ ଆସି ତାକୁ ମାତୃ ସମ୍ବୋଧନକରି ତାହା ଦେହରେ ଥିବା ସାମାନ୍ୟ ଅଳଙ୍କାରମାନ ଠକିନେଇ ଅନ୍ତର୍ଦ୍ଧାନ ହୋଇଅଛି । ପୁଲିସ ଏପର୍ଯ୍ୟନ୍ତ କିଛି ଠିକଣା କରିପାରି ନାହାନ୍ତି ।

ଗତମାସ ତା ୨୧ ରଖରେ ଅତଗଡ଼ାଙ୍କ ପୁତ୍ର କେନାମଣିବାବୁ ପତରପୁର ନଅରରୁ ଫୁ ୧୭ ଟ ଲମ୍ବ ଫୁ ୮ ଟ ମୋଟରେ ଏକ ସଜୀବ କୁମ୍ଭୀର ଧୋପ ଦେଇ ମାରିଅଛନ୍ତି ।

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କୃଷ୍ଣପାଟଣା ଗ୍ରାମ ପର୍ଯ୍ୟନ୍ତ ଗତ ତୋଫାନରେ ଯେଉଁ ଲୁଣି ମାଡ଼ି ଯାଇଥିଲା ସେଥିରେ ଶୁଷ୍କଜମି ସବୁ ଏପରି ଖରାପ ହୋଇ ଯାଇଅଛି ଯେ ଧାନ ରୁଣିଲେ ଆଉ ଗଛ ହେଉ ନାହିଁ ।

ଅତ ଅନ୍ତର୍ଗତ କଳସଥ ନାମକ ମୌଜାରେ ଏକ ସାଧୁ ଅଛନ୍ତି ସେ ଗୋ ୪ ଟା ଗୋବନଦ୍ୱାଦଶୀ ଦେଖିଅଛନ୍ତି ପ୍ରକାଶ ଥାଇକି ପ୍ରତ୍ୟେକ ଗୋବନଦ୍ୱାଦଶୀ ଚଉଷଣ୍ଣିବର୍ଷ ଅନ୍ତରରେ ପଡ଼େ । ଏହାଙ୍କ କୃପାରୁ ସେହି ଗ୍ରାମ ଓ ତନ୍ନିକଟବର୍ତ୍ତୀ ଗ୍ରାମମାନଙ୍କରେ କୌଣସି ବିଶେଷ ରୋଗାଦିର ପ୍ରବଳ ନାହିଁ ବୋଲି ଶୁଣାଯାଏ । ଲୋକଙ୍କ ବିଶ୍ୱାସକୁ ଧନ୍ୟ

ପଟ୍ଟାମୁଣ୍ଡାଇ ସ୍କୁଲସମ୍ପାଦକ ବାବୁ ଯୋଗେନ୍ଦ୍ରନାଥ ମୁଖର୍ଜ୍ଜି ବିଦେଶିପିଲମାନଙ୍କ ସକାଶେ ଗୋଟିଏ ଛାତ୍ରନିବାସ ପ୍ରସ୍ତୁତ କରିଅଛନ୍ତି ।

କେନ୍ଦ୍ରାପଡ଼ା ଜମିଦାର ବାବୁ ଜଗନ୍ନାଥ ଭ୍ରମରବର ରାୟ ମହାଶୟଙ୍କ ଅନୁକରଣରେ ଅତଗଡ଼ାଙ୍କ ପୁତ୍ର କେନାମଣିବାବୁ ମୃଦଙ୍ଗ ଓ ବଙ୍ଗଳା ସଙ୍କୀର୍ତ୍ତନ ଶିଖାଇବା ନିମନ୍ତେ ଟ ୧୦ ଙ୍କା ବେତନରେ ଜଣେ ଶିକ୍ଷକ ରଖିଅଛନ୍ତି ।

ଗତମାସରେ ଅତିରି ତାରଅଫିସରେ ଟ ୩୨ ଙ୍କା ଆୟ ହୋଇଥିଲା ।

କଟେ ଡାମରପୁର ମୌଜାରେ କେତେକଦିନ ତଳେ ଦୁଇଗୋଟା ଷଣ୍ଢ ଲଢ଼େଇ ଲାଗିଥିଲେ ଜଣେ ମନୁଷ୍ୟ ଗୋଟାଏ ଅଶ୍ୱତ୍ଥଗଛ ଅଗ୍ରଭାଗରେ ଛିଡ଼ା ହୋଇଥିଲା ଗୋଟାଏ ଷଣ୍ଢ ହଠାତ୍ ସେ ମନୁଷ୍ୟର ପେଟ ଶୃଙ୍ଗରେ ଫୋଡ଼ପକାଇଲା । ଘଣ୍ଟାକ ପରେ ମନୁଷ୍ୟଟି ମରିଗଲା ।

---

## ପତ୍ରପ୍ରେରକଙ୍କପ୍ରତି ।

**ଶ୍ରୀ—ଯାଜପୁର କାକଟପୁର—ଅପରିଚିତ ବ୍ୟକ୍ତିର ପତ୍ର ପ୍ରକାଶ ହୁଏ ନାହିଁ । ଆଉ ଆପଣଙ୍କ କଥା ଯଥାର୍ଥହେଲେ ଯେପରି ଅବସ୍ଥା ଲେଖିଅଛନ୍ତି ଅନାୟାସରେ ପୁଲିସ ତାକୁ ଧରାଇ ଦେଇପାରନ୍ତି । ତାହା ହେଲେ ଉଚିତ ପରିକାର ହେବ ।**

**ଶ୍ରୀ—ତଣାହଟା—ବ୍ରାହ୍ମଣ ଶୂଦ୍ରର ଗୋଡ଼ତଳେ ପଡ଼ିଲେ ବ୍ରାହ୍ମଣ ପ୍ରାୟଶ୍ଚିତ୍ତ କରିବ ମାତ୍ର ଶୂଦ୍ରର କିଛି ପ୍ରାୟଶ୍ଚିତ୍ତ ଅଛି କି ନାହିଁ ଏଥିର ଉତ୍ତର କେହି ସଂକ୍ଷେପରେ ଦେଲେ ପ୍ରକାଶ କରିବାର ଇଚ୍ଛା ରହିଲା ।**

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ-
ମହାଶୟ ସମୀପେଷୁ ।

ମହାଶୟ !

ଗତ ସପ୍ତାହରେ ତଣାହଟା ଭର୍ଣ୍ଣାକ୍ୟୁଲର ସ୍କୁଲ ଗୃହର ବିବରଣ ପାଠକମାନଙ୍କୁ ଜଣାଇଥିଲୁଁ । ବର୍ତ୍ତମାନ ଉକ୍ତଗୃହର କାର୍ଯ୍ୟସବୁ ଶେଷ ହୋଇଗଲାଣି । ଶ୍ରୀ ଚଉଧୁରୀ ନିତ୍ୟାନନ୍ଦ ଦାସ ଓ ଚଉଧୁରୀ ଯୋଗେନ୍ଦ୍ର ଦାସ ମହୋଦୟଗଣ ନିଜେ କାର୍ଯ୍ୟସ୍ଥାନରେ ଉପସ୍ଥିତ ହୋଇ କାର୍ଯ୍ୟପ୍ରତି ଦୃଷ୍ଟି ରଖିବାରୁ ସ୍କୁଲର ଦୁରବସ୍ଥା ଶୀଘ୍ର ପରିବର୍ତ୍ତିତ ହୋଇଅଛି । ଉକ୍ତ ଚଉଧୁରୀ ମହୋଦୟ ୧୦ ଖଣ୍ଡ ବେଞ୍ଚ ୫ ଖଣ୍ଡ ଚୌକି ୨ ଖଣ୍ଡ ଟୁଲ ଓ ୨ ଖଣ୍ଡ ଟେବଲ ଉକ୍ତ ସ୍କୁଲକୁ ପ୍ରଦାନ କରିଅଛନ୍ତି । ଏଥିରେ ଚଉଧୁରୀ ମହାଶୟଙ୍କର ସମୁଦାୟ ମୋଟଖର୍ଚ୍ଚା ଟ ୪୯୭ ୰/୭ ହୋଇଅଛି । ମାତ୍ର ଦୁଃଖର ବିଷୟ ଏହିଯେ ଚଉଧୁରୀ ମହାଶୟଙ୍କର ହତଭାଗା ବାଳିକାବିଦ୍ୟାଳୟପ୍ରତି କିଞ୍ଚିନ୍ମାତ୍ର କୃପାଦୃଷ୍ଟି ପଡ଼ିନାହିଁ । ପାଠକେ ! ମନେ କରନ୍ତୁ ଆଜିକାଲି ସ୍ତ୍ରୀଶିକ୍ଷା କିପରି ଅପ୍ରୀତିକର ଅଟେ ଏଥିଲାଗି ବାଳିକାମାନଙ୍କର ଉତ୍ସାହ ବୃଦ୍ଧି ହେବା କାରଣ ଚଉଧୁରୀ ମହାଶୟ ଉକ୍ତସ୍ଥାନର ବାଳିକା ବିଦ୍ୟାଳୟକୁ ୨ ଖଣ୍ଡ ମାତ୍ର ବେଞ୍ଚ ଦାନ କରିଥିଲେ ବିଶେଷ ପ୍ରଶଂସାରପାତ୍ର ହୋଇ ଥାଆନ୍ତେ ସନ୍ଦେହ ନାହିଁ । ବାସ୍ତବରେ ବାଳିକାମାନଙ୍କର ମନର ଭାବ ଏହିଯେ "କିପରି ଅମ୍ଭେମାନେ ବେଞ୍ଚ ଉପରେ ବସିବା" । ମାତ୍ର ପଢ଼ିବା ବିଷୟରେ ସେମାନଙ୍କର କେତେ ଇଚ୍ଛା ନ ଥାଏ । ଏଣୁକରି ଅମ୍ଭେ ଚଉଧୁରୀ ମହାଶୟଙ୍କୁ ସବିନୟ ପୂର୍ବକ ଜଣାଉଅଛୁଁ ଯେ ସେସ୍ଥାନର ବାଳିକାବିଦ୍ୟାଳୟକୁ ୨ ଖଣ୍ଡ ମାତ୍ର ବେଞ୍ଚ ଦାନକରନ୍ତୁ ।

ଏକାନ୍ତ } ଶ୍ରୀ ନୀ, କ, ଦାସ ।
ବଶମ୍ବଦ } ତଣାହଟା ।

---

ମହାଶୟ !

ବାମଣ୍ଡାଧିପତି ବେଦ ଈଶ୍ୱରଙ୍କର ନିଃଶ୍ୱାସଭୂତ ବୋଲିବା ଯୁକ୍ତି ଯୁକ୍ତ ନୁହେ ବୋଲି ନବସମ୍ବାଦରେ ଲଳିତମୋହନ ଚକ୍ରବର୍ତ୍ତୀ ଯେଉଁ ପତ୍ର ପ୍ରକାଶ କରିଅଛନ୍ତି ତଦ୍ବିଷୟରେ ଏବଂ ବେଦ ମନୁଷ୍ୟରଚିତ କି ନା ? ଏତଦ୍ବିଷୟରେ ଅମ୍ଭେ ଉତ୍ତର ପ୍ରଦାନ କରୁଅଛୁଁ, ଶ୍ରବଣ କରନ୍ତୁ; ପରେ ଇନ୍ଦ୍ର ଓ ବୃତ୍ରର ଉପାଖ୍ୟାନ ସହିତ ଆପଣଙ୍କ ପ୍ରଦତ୍ତ ବୈଦିକ ପ୍ରମାଣର ଯଥାର୍ଥ ପ୍ରକାଶ କରିବୁଁ ।

ବେଦ ନିଃଶ୍ୱାସଭୂତ ବୋଲିବାରେ ପ୍ରମାଣ, ମୁକ୍ତିକୋପନିଷଦ୍; "ନିଃଶ୍ୱାସଭୂତା ମେ ବିଷ୍ଣୋ ର୍ବେଦା ଜାତାଃ ସୁବିସ୍ତରାଃ । ତିଳେଷୁ ତୈଳବ-

Split by PDF Splitter



ତେବେ ବେଦାନ୍ତଃ ପ୍ରାଦୁର୍ଭୂତାଃ" ଅର୍ଥ, ହେ ହନୂମାନ୍ ଅମ୍ଭେ ସ୍ୱୟଂ ବଷ୍ଟୁ ଅମୂର ନିଃଶ୍ୱାସ-ଭୂତ ସ୍ୱରୂପ ବେଦଚତୁଷ୍ଟୟ ପ୍ରାଦୁର୍ଭୂତ ହୋଇଅଛି, "ତାତା" ଏହିପଦ "ଜନ ପ୍ରାଦୁର୍ଭବେ" ଧାତୁରୁ ହେବାହେତୁ ପ୍ରାଦୁର୍ଭୂତ ଅର୍ଥ ଜଣାଗଲା; ଅତଏବ ଶ୍ରୀ ଭଗବାନ୍ ଙ୍କ ମତ ଅନୁ ସାଙ୍ଖ୍ୟପ୍ରଣେତା କପିଳଦେବ ବେଦକୁ ଈଶ୍ୱରକୃତ ବୋଲି କହି ନାହାନ୍ତି-ଯଥା; ସେହି ମାର୍ଜିର ୬ ସମୁଖରେ ସାଂଖ୍ୟ, ସୂତ୍ର; "ନ ପୌରୁଷେୟ ତ୍ୱଂ ତତ୍କର୍ତ୍ତୁଃ ପୁରୁଷ-ସ୍ୟାଭାବାତ୍" ଅର୍ଥ, ବେଦକର୍ତ୍ତାପୁରୁଷର ଅଭାବରୁ ବେଦକୁ ପୌରୁଷେୟତ୍ୱ ନାହିଁ । ପାଠକେ ! ମନେ କର କପିଳାଦି ମହର୍ଷିମାନେ ବେଦକୁ ସ୍ୱତଃସିଦ୍ଧ ବ୍ୟତୀତ ଈଶ୍ୱରରଚିତ କହି ନାହାନ୍ତି, ତେବେ ଅମ୍ଭେମାନେ ମନୁଷ୍ୟ-ରଚିତ କହିପାରୁଁ କି ? ୨୯।୬।୮୭କସ୍ୟଚିତ୍ ।

---

ମହାଶୟ ।

ଜଗତ୍ସମ୍ପାଦ ନରସିଂହପୁରରେ ଓଲାଉଠା ହୋଇଅଛି, ବାଲି ହସ୍ତାର ଡେପୁଟୀ କଲେକ୍ଟର କରମାଲକୁ ବଦଳି ହୋଇ ଯିବେ; ଏହା ଅମ୍ଭେ ଦୁଃଖର ସହିତ ଶୁଣି ନିମ୍ନଲିଖିତ ଅନୁସାରେ ଜଣାଉଅଛୁଁ । ବାବୁ ଶ୍ରୀ ବଳରାମ ବସୁ ବାଲି ହସ୍ତାର ପ୍ରଥମ ପଦବୀରେ ଅଭିଷିକ୍ତ ହୋଇ ସର୍ବସାଧାରଣ ଦେଶହିତୈଷିଣୀ ଦେଖେଇ କାର୍ଯ୍ୟ ସାଧିତକର ପ୍ରଜାବର୍ଗଙ୍କର ସ୍ନେହ-ପାତ୍ର ହୋଇଅଛନ୍ତି ତାହା ବୋଲ ବାହୁଲ୍ୟ । ଏହି ସରଳାତ୍ମା ଯେପରି କାର୍ଯ୍ୟକଳାପରେ ବନ୍ଧ ଏବଂ ସାନ ଗ୍ରାମମାନଙ୍କର ଫଳଶ୍ରେଣୀ ଅଟନ୍ତି ଅଣା କରୁଁ ବାଲି ହସ୍ତାର ଚୀରକାଳ-ପାଇ କହି ଉନ୍ନତ ସାଧନ କରିପାରିବେ; ବର୍ତ୍ତମାନ ସେ ସବୁ ଆଶା ବୃଥା ହେଉଅଛି । ସମ୍ପ୍ରତି ବାଲିର ପ୍ରଜାବର୍ଗ ଭଳ, ବାୟୁହୀନ ଜୀବନ ଧାରଣ କରୁଅଛନ୍ତି; ଏପର ଅସନ୍ତୋ-ଷର ବନ୍ଦୋବସ୍ତ ହେବାର ଶୁଣି କରୁଣାନିଧାନ ଜଗଦୀଶ୍ୱରଙ୍କୁ ଜଣାଉ ଅଛୁଁ । ଯାହାର ଜଥା-ରେ କେବଳ ମୂର୍ତ୍ତିର ଉପରେ ଶତ୍ରୁ ପ୍ରହାର ଅଧୂନା ସେହିପରି ହେବାର ଦେଖା ଯାଉଅଛି । ଭରସା କରୁଁ ସାଦାର୍ଶି, ଦୁଃଖମୋଚନକାରୀ ବାବୁ ଶ୍ରୀ ବଳରାମ ବସୁ ଉକ୍ତ ହସ୍ତାରେ ଅଳ୍ପ ସମୟ ଅବସ୍ଥିତି କଲେ ଉନ୍ନତିସାଧନ କରିପା-ରିବେ, ମାତ୍ର ବର୍ତ୍ତମାନ ସମୟର ଗତି,ମତି ଦେଖି ଭବିଷ୍ୟତ୍ ଉନ୍ନତିର ସମୂଳ ନେହକନର ଐକାନ୍ତିକତାରେ ଏତିକି ମାତ୍ର ପ୍ରାର୍ଥନା, ଉକ୍ତ ବାବୁ ମହୋଦୟଙ୍କୁ ବାଲି ହସ୍ତାରେ ବହୁକାଳ ରଖି ଗରିବଙ୍କ ଦୁଃଖ ମୋଚନ କରନ୍ତୁ ।

୨୬।୬।୮୭ } ଲିଃ
ନରସିଂହପୁର } ଶ୍ରୀ ଗଙ୍ଗାଧର ପଟ୍ଟନାୟକ
ଭିଃ ପୋଃ ମାଷ୍ଟର

---

To the Editor of Utkal Dipika,

As cholera has broken out in town will you please give wide publicity by means of your valuable journal to the following:—with a view to afford facilities to the poor people afflicted with cholera for medical treatment. I have instructed the Civil Hospital Assistant to keep the Municipal Dispensary open day and night throughout the cholera season.

The Civil Hospital Assistant, the Compounder and the Vaccinaters have cheerfully responded to my call.

You will therefore be good enough to inform the people that they will receive medical advice, medicine and treatment free of charge at any hour of the day they choose to avail themselves of their services; but that it would be better if they at once procure medical aid when the first symptoms of cholera appear.

I have also issued instructions to adopt the following precautionary measures to arrest the progress of the fatal desease.

(1) Members of the family afflicted with cholera should fumigate their house with the burning of sulphur, keep the place very clean and disinfect it with disinfectants.

(2) The patient's clothes are not to be washed in a tank or well, or close to it,—to avoid contamination.

(3) The patient's cloths should be burnt and the evacuations buried.

(4) The surroundings of their houses should also be kept clean.

(5) The dung, filth &c. on their houses should be removed.

Cuttack } Yours faithfully,
J. C. CHUNDER,
V. C.
1—7—87. } *Cuttack Municipality.*

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ କ୍ଷେତ୍ରନାଥ ମିଶ୍ର | କଟକ | ଅଗ୍ରିମ | ଟ ୪ ॥୯ |
| „ ଜଗବନ୍ଧୁ ମହାନ୍ତି | କାନ୍ଥଡାଳ | „ | ଟ ୧ ୫ |
| „ ଅନନ୍ତଦାସ | ତଥାପଡ଼ା | ବକେୟା | ଟ ୧ ୵ |
| „ ବଇଷ୍ଣବ ଦାସ | ଯୋର୍ଦ୍ଦା | ଅଗ୍ରିମ | ଟ ୧ ୫ |
| „ ନୀଳକଣ୍ଠ ଦାସ ଶିକ୍ଷକ | ତଣାହୁଡା | „ | ଟ ୨ |
| ଚୌଧୁରୀ କୃତିବାସ ଦାସ | କଟକ | „ | ଟ ॥ |
| „ | | ବକେୟା | ଟ ୮ ୫ |
| ବାବୁ ଜନାର୍ଦ୍ଦନ ପାଇନ | କଟକ | ଅଗ୍ରିମ | ଟ ୧ |
| „ ଗୌରମୋହନ ବସୁ | „ | ବକେୟା | ଟ ୧ |
| „ ଚନ୍ଦ୍ରମଣି ଷଡ଼ | „ | ଅଗ୍ରିମ | ଟ ॥ |
| ମହାଦେବୀ ହାମିଦୁନ୍ନିସା ଖାଁ | „ | „ | ଟ ୨ |
| ବାବୁ ଭଗବାନଚରଣ ମହାନ୍ତି | ଯୋର୍ଦ୍ଦା | „ | ଟ ॥ |
| ରାଜା ରଘୁନାଥ ଜେନାଦେବ | | ବକେୟା | ଟ ୧୦ |
| ଜଣେହି ବୁଲୁ | ଦୁନ୍ଦୁପୁର | ଅଗ୍ରିମ | ଟ ॥ |
| ରାଜା ଲକ୍ଷ୍ମଣ ଭଞ୍ଜଦେବ | | ବକେୟା | ଟ ୨୪ ॥୭ |
| „ | | ଅଗ୍ରିମ | ଟ ॥ |
| ବାବୁ ଗୋପୀନାଥ ବସୁ | କଟକ | ବକେୟା | ଟ ୭ |
| „ ନାରାୟଣ ପ୍ରସାଦ ମିତ୍ର | „ | ଅଗ୍ରିମ | ଟ ୧ |
| „ ଗୋପୀନାଥ ବସୁ | „ | „ | ଟ ॥ |
| „ ଜଗନ୍ନାଥ ଘୋଷ | „ | ବକେୟା | ଟ ୨ |
| „ ଜଗବନ୍ଧୁ ମଙ୍ଗରାଜ | „ | ଅଗ୍ରିମ | ଟ ॥ |

# ବି ଜ୍ଞା ପ ନା ।

**SCHOOL BOOKS! SCHOOL BOOKS!**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନାପ୍ରକାର ଇଂରାଜୀ ଏବଂ ଓଡ଼ିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକ-ପ୍ରିଣ୍ଟିଂ-କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଶୁଣ ! ଶୁଣ !! ଶୁଣ !!!

## ଓଡ଼ିଶା ମିଶନ ପ୍ରେସ୍ ।

ଉତ୍ତମ କାଗଜ ଯେଉଁ ୧୦୦୦ ପୁସ୍ତକର ଛପାଇ ମୂଲ୍ୟ କାଗଜର ମୂଲ୍ୟର ଭାରତମ୍ୟାନୁ-ସାରେ ପ୍ରତି ପେଜକୁ ଟ ୦ ॥୵ ; ଟ ୧ ୵ ଅବା ଟ ୧ । ଏହା ୧୦୦୦ ଠାରୁ ଊର୍ଦ୍ଧ୍ୱ ସଂଖ୍ୟାର ପୁସ୍ତକ ସୁଲଭରେ ଛପୁଛି

---

ଜମିଦାର,—ପଟ୍ଟା, ପାଉତି, କବୁଲିୟତ ଓ ରସିଦ୍ ଫାରମ୍ ଅଳ୍ପ ଭଣା କରିବେ ଛପି ।

Digitized by srujanika@gmail.com